


ପବିତ୍ର ରକ୍ଷାବନ୍ଧନ ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
-ସକାଳ ପରିବାର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-63 ♦THURSDAY ♦27 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୩ ♦ଗୁରୁବାର ♦୨୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




# ନେପାଳରେ ବନ୍ୟା ପ୍ରଳୟ

## ଭୁଶୁଡ଼ିଲା ଶହ ଶହ କୋଠା; ଶତାଧିକ ମୃତ, ୫୦୦ ନିଖୋଜ

■ କାଠମାଣ୍ଡୁ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ନେପାଳରେ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଆସି ପ୍ରଳୟ ସୃଷ୍ଟି କରିଛି। ଅନେକ ସହର ଓ ଗ୍ରାମକୁ ଭସାଇ ନେଇଛି। ଶହ ଶହ କୋଠାଘର ଭୁଶୁଡ଼ି ପଡ଼ିଛି। ନଦୀ କୂଳରେ ଥିବା ସମସ୍ତ ଜନବସତିକୁ ଗିଳିଦେଇଛି। ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ ଜଣ ଭାରତୀୟ

**ଅନେକ ସହର ଓ ଗ୍ରାମକୁ ଭସାଇନେଲା**

**୧୦୫ ଭାରତୀୟ ପର୍ଯ୍ୟଟକଙ୍କ ପତ୍ତା ମିଳୁନି**

**୮ ଜଳବିଦ୍ୟୁତ ପ୍ରକଳ୍ପ, ଅନେକ ପୋଲ ଧ୍ୱସ୍ତ**

ପର୍ଯ୍ୟଟକଙ୍କର ମଧ୍ୟ କୌଣସି ପତ୍ତା ମିଳୁନାହିଁ। ଚାରିଆଡ଼େ ଅନ୍ଧାର । ପାଣି ଓ ପଙ୍କରେ ପୋତି ହୋଇଯାଇଥିବା ନିଜର ଆତ୍ମୀୟଙ୍କୁ ଖୋଜୁଛନ୍ତି ଲୋକେ। ନେପାଳ ଓ ଚୀନର ସୀମାବର୍ତ୍ତୀ ଅଞ୍ଚଳ ସଂପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇଯାଇଛି। ଏହି ବନ୍ୟା କୌଣସି ବର୍ଷା ଯୋଗୁଁ ହୋଇନାହିଁ, ବରଂ ଚୀନ-ନେପାଳ ସୀମାବର୍ତ୍ତୀ ତିବ୍ବତ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ ଓ ପଥର ଖସିବା ଯୋଗୁଁ ଏଭଳି ବିପର୍ଯ୍ୟୟ ସୃଷ୍ଟି କରିଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ଓ ଚୀନ ଆଗେଇ ଆସିଛନ୍ତି। ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ନେପାଳ-ତିବ୍ବତ ସୀମାଠାରୁ ପ୍ରାୟ ୨୦ କିଲୋମିଟର ଦୂର ଉତ୍ତର-ପୂର୍ବ ଦିଗରେ ଥିବା ଏକ ପାହାଡ଼ରୁ ▶ପୃଷ୍ଠା-୭

## ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଓଡ଼ିଶା ଅଭ୍ୟୁଦୟ କନକ୍ଲେଭ

# ଜାତୀୟ ଦଳଠାରୁ ଆଞ୍ଚଳିକ ଦଳ ଅଧିକ ଜାତୀୟତାବାଦୀ

“

**ଆଞ୍ଚଳିକ ଦଳର ଭିଜନ, ଜାତୀୟ ଦଳଠାରୁ ଅଧିକ ବ୍ୟାପକ:**
**ମନୋଜ ଝା**

**ଦେଶରେ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି:**
**ସନ୍ତୋଷ କୁମାର**

**ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥାର ରହିଛି ସର୍ବାଧିକ ଆବଶ୍ୟକତା:**
**ଅରୁଣ ସାହୁ**

**ଲୋକଙ୍କର ଆକାଂକ୍ଷା ଓ ଭାବନା ଗଣତନ୍ତ୍ର ପାଇଁ ଉପଯୋଗୀ:**
**ନିଶିକାନ୍ତ ମହାପାତ୍ର**



■ ଭୁବନେଶ୍ୱର, ୨୬।୮ (ସମିସ): କ୍ଷମତାକୁ ପ୍ରଶ୍ନ କଦାପି ଦେଶକୁ ପ୍ରଶ୍ନ ନୁହେଁ, କ୍ଷମତାସୀନ ଦଳକୁ ସମାଲୋଚନା କଦାପି ଦେଶକୁ ସମାଲୋଚନା ନୁହେଁ। ଦେଶକୁ ପ୍ରକୃତରେ ଭଲ ପାଉଥିବା ବ୍ୟକ୍ତି ସରକାରଙ୍କୁ ପ୍ରଶ୍ନ ପଚାରିବାର ସାମର୍ଥ ରଖିବା ଉଚିତ୍ ତାହେଲେ ନିଜ ସରକାରଙ୍କୁ ପ୍ରଶ୍ନ ପଚାରିବାର ସାମର୍ଥ୍ୟ ରଖିବା ଉଚିତ୍। କୌଣସି ଦେଶ କାଗଜରେ ପ୍ରସ୍ତୁତ କେବଳ ଏକ ନକ୍ସା ଆଦୌ ନୁହେଁ; ଦେଶବାସୀଙ୍କୁ ନେଇ ଦେଶ ଗଠିତ। ଭାରତପରି ଦେଶରେ ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ, ମତବାଦ ରହିଛି। ଆଞ୍ଚଳିକ ଅସମାନତା ଓ ସମସ୍ୟା ରହିଛି। ଆଞ୍ଚଳିକ ଦଳଗୁଡ଼ିକ ଏହାର ପ୍ରତିନିଧିତ୍ୱ କରିଥାଆନ୍ତି। ତେଣୁ ସ୍ୱାଭାବିକ ଭାବରେ ଜାତୀୟ ଦଳଗୁଡ଼ିକଠାରୁ ଆଞ୍ଚଳିକ ଦଳଗୁଡ଼ିକ ଭାରତରେ ଅଧିକ ଜାତୀୟତାବାଦୀ ଓ ଭାରତ ପାଇଁ ଦ୍ୱିଦଳ ବ୍ୟବସ୍ଥା ନୁହେଁ, ବହୁ ଦଳୀୟ ବ୍ୟବସ୍ଥା ଅତ୍ୟନ୍ତ ଉପଯୋଗୀ ବୋଲି ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ଦୈନିକ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ‘ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବହୁଦଳୀୟ ବନାମ ଦ୍ୱି-ଦଳୀୟ ବ୍ୟବସ୍ଥା’ ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ଅତିଥିମାନେ ଭାରତରେ ଦ୍ୱି-ଦଳୀୟ ବ୍ୟବସ୍ଥାଠାରୁ ବହୁଦଳୀୟ ବ୍ୟବସ୍ଥା ଅଧିକ ପ୍ରାସଙ୍ଗିକ ବୋଲି ମତ ▶ପୃଷ୍ଠା-୭

# ଫୁଲିଲା ମହାନଦୀ

■ ସମ୍ବଲପୁର, ୨୬।୮ (ସମିସ): ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାପରେ ୧୬ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଏବେବି ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩ ଫୁଟ୍ ଉପରେ ରହିଛି। ମୁଣ୍ଡଳୀରେ ୭ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜଳସ୍ତର ଅଧିକ ରହିବାସହ ପ୍ରବେଶ ଜଳ ପରିମାଣ ୩ ଲକ୍ଷ କ୍ୟୁସେକ୍‌ରୁ ଅଧିକ ହୋଇଥିବାରୁ ଆଉ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୧୧ଟି ଏବଂ ଡାହାଣ ପାଶ୍ୱର୍ର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୬୧,୯୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦିଦେଇ ୨,୯୦,୧୭୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୫,୨୩୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ

**ମୁଣ୍ଡଳୀରେ ୬.୬୯ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ**

**ହୀରାକୁଦ ଜଳସ୍ତର ୬୨୩.୭୧ ଫୁଟ୍**

**୧୬ ଗେଟ୍ ଖୋଲା**

ଦେଇ ୩୨୦୦୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୪୫,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୦୫,୩୧୨ କ୍ୟୁସେକ୍, ଖ ଇ ର ମ । ଲ ୦ । ରେ ▶ପୃଷ୍ଠା-୭

# ଇଥାନଲ୍ ପାଇଁ ଅଣ୍ଡା ମହଙ୍ଗା



## ଅଣ୍ଡା ଗୋଟାକର ଦାମ୍ ୨୫ ଟଙ୍କା ହେବ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଧୀରେ ଧୀରେ ଇ-୨୦ ତେଲ ଖାଉଟିଙ୍କ ପାଇଁ କାଳ ହେବାରେ ଲାଗିଛି। ଇ-୨୦ ଇନ୍ଧନରେ ମୁଖ୍ୟତଃ ୮୦% ଇଥାନଲ୍ ରହୁଛି। ତେଣୁ ଏତେ ମାତ୍ରାରେ ଇଥାନଲ୍ ପ୍ରସ୍ତୁତି ପାଇଁ ଆଖୁ ,ଚାଉଳ, ମକା, ଗୁଡ଼ ଏବଂ ଜୈବ ବର୍ଜ୍ୟ ବ୍ୟବହାର କରାଯାଉଛି। ଏହାଫଳରେ ପୂର୍ବରୁ ବଜାରରେ ଚିନି ଏବଂ ଚାଉଳ ମହଙ୍ଗା ହୋଇସାରିଛି। ଏବେ ଇଥାନଲ୍‌ର ପ୍ରଭାବ ଅଣ୍ଡା ଉପରେ ପଡ଼ିଛି। ଇଥାନଲ୍ ଉତ୍ପାଦନ ପାଇଁ ପ୍ରଚୁର ମାତ୍ରାରେ ମକା ଏବଂ ସୋୟାବିନ୍ ଲାଗୁଥିବା ଯୋଗୁ ବଜାରରେ ଅଣ୍ଡା ମହଙ୍ଗା ହୋଇଯାଇଛି। ଏଥିଯୋଗୁ କୁକୁଡ଼ା ଖାଦ୍ୟ ମହଙ୍ଗା ହୋଇଯାଇଛି। ମକା ଏବଂ ସୋୟାବିନ୍ ମୂଲ୍ୟ ବୃଦ୍ଧି ହେତୁ, ଅଣ୍ଡାର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ବଜାର ବିଶେଷଜ୍ଞଙ୍କ ମତରେ ଏପରି ଚାଲିଲେ ଆଗକୁ ପ୍ରତି ଅଣ୍ଡା ମୂଲ୍ୟ ୨୦ରୁ ୨୫ଟଙ୍କାରେ ପହଞ୍ଚିବା ଆଶଙ୍କା କରାଯାଉଛି।

ଦେଶରେ ଇ-୨୦ ପେଟ୍ରୋଲ ଲାଗୁ ହେବା ପରଠାରୁ ଏହାକୁ ନେଇ ସାରା ଦେଶରେ ବିରୋଧ ତୀବ୍ର ହେବାରେ ଲାଗିଛି। ପ୍ରାରମ୍ଭରେ ଏହା ଯାନବାହାନ ମାଇଲେଜ୍ ହ୍ରାସ କରୁଥିବାକୁ ହାଯାଉଥିଲା ଏବଂ ଏବେ କୁହାଯାଉଛି ଯେ ଇଥାନଲଯୁକ୍ତ ପେଟ୍ରୋଲ ଚିନି, ଚାଉଳ ଶେଷରେ ଅଣ୍ଡାର ମୂଲ୍ୟ ବୃଦ୍ଧି କରୁଛି। ଏହା ମଧ୍ୟ ଆଶଙ୍କା କରାଯାଉଛି ଯେ ଭବିଷ୍ୟତରେ ଅଣ୍ଡାର ମୂଲ୍ୟ ଦୁଇଗୁଣରୁ ଅଧିକ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଯଦି ଏହା ହୁଏ, ତେବେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଥାଳେରୁ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉତ୍ସକୁ ହଟିଯିବ। ଆଖୁ ସହିତ ମକା ମଧ୍ୟ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ, ଯାହା ଫଳରେ ମକା ମୂଲ୍ୟରେ ବୃଦ୍ଧି ଘଟିଛି। କୁକୁଡ଼ା ଚାଷୀମାନେ କୁ କୁ ଡ଼ା ମା ନ ଙ୍କୁ ଖାଦ୍ୟ ଭାବରେ ମକା ଦେଇଥାନ୍ତି। ବୃଦ୍ଧି ପାଉଥିବା ମକା ମୂଲ୍ୟ କୁକୁଡ଼ା ଚାଷୀଙ୍କ ଖର୍ଚ୍ଚ ବୃଦ୍ଧି କରୁଛି। ଫଳସ୍ୱରୂପ, ଅନେକ କୁକୁଡା ଚାଷୀଙ୍କ ପାଇଁ ଏବେ ଅତିରିକ୍ତ ଖର୍ଚ୍ଚ ଚିନ୍ତାର ବିଷୟ ପାଲଟିଛି। ଏହାର ପ୍ରଭାବରେ ବଜାରରେ ଅଣ୍ଡା ମୂଲ୍ୟ ବୃଦ୍ଧି ପାଉଛି।

ଏହାଛଡା ମକା ବ୍ୟତୀ, କୁକୁଡ଼ା ଖାଦ୍ୟରେ ସୋୟାବିନ୍ ମଧ୍ୟ ବ୍ୟବହୃତ ହୁଏ। ଚଳିତବର୍ଷ ସୋୟାବିନ୍ ଉତ୍ପାଦନ ହ୍ରାସ ଯୋଗୁଁ, ମିଲ୍ରେ ସୋୟାବିନ୍ ମୂଲ୍ୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୂର୍ବରୁ ସୋୟାବିନ୍ ମୂଲ୍ୟ ପ୍ରତି କିଲୋଗ୍ରାମ ୪୫ ଟଙ୍କା ଥିଲା, ଏବେ ଏହା କିଲୋ ପିଛା ୬୫ରୁ ୬୬ ଟଙ୍କାରେ ପହଞ୍ଚିଛି। ସୋୟାବିନ୍ ଏବଂ ମକା ▶ପୃଷ୍ଠା-୭



**ପ୍ରସ୍ତୁତିରେ ଲାଗୁଛି ମକା, ସୋୟାବିନ୍**

**କୁକୁଡ଼ା ଖାଦ୍ୟ ମୂଲ୍ୟ ବୃଦ୍ଧି**

**ପୂର୍ବରୁ ଚାଉଳ, ଚିନି ଦର ବଢ଼ିସାରିଛି**

## ମନ୍ଥର ଛାଲିଛି ଭିତ୍ତିଭୂମି ପ୍ରକଳ୍ପ

# ବଢୁଛି ୧୭୭୫ ପ୍ରକଳ୍ପ ଉପରେ ଆର୍ଥିକ ବୋଝ

■ ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଦେଶରେ ଧିମା ପଡିଛି ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ। ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟରେ ଅଗ୍ରଗତି ଘଟୁ ନ ଥିବାରୁ ସରକାରଙ୍କୁ ସହିବାକୁ ପଡୁଛି ହଜାର ହଜାର କୋଟି ଟଙ୍କାର କ୍ଷତି। ସରକାର ଦେଶରେ ରାସ୍ତା, ରେଳ, ଶକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଦ୍ରୁତ ଗତିରେ ଖର୍ଚ୍ଚ କରୁଥିବାବେଳେ ଏହି ପ୍ରକଳ୍ପଗୁଡ଼ିକର ବୃଦ୍ଧି ପାଉଥିବା ମୂଲ୍ୟ ଏବେ ଚିନ୍ତାର କାରଣ ହୋଇଛି। ଏମିତିକି ଧାର୍ଯ୍ୟ ବ୍ୟୟ ଲକ୍ଷ୍ୟକୁ ଟପିଗଲାଣି ଅନେକ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ। ସୂଚନାନୁଯାୟୀ, ପ୍ରକଳପ୍ କାର୍ଯ୍ୟରେ ବିଳମ୍ବ ଯୋଗୁ ଦେଶରେ ୧୭୭୫ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ମୂଲ୍ୟ ୩.୪୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା କେନ୍ଦ୍ର ସରକାରଙ୍କ ଖର୍ଚ୍ଚ ଏବଂ ବଜେଟ୍ ଉପରେ ଚାପ ବଢ଼ାଉଛି। ସଡ଼କ, ରେଳ ଏବଂ ବିଦ୍ୟୁତ୍ ଭିତ୍ତିଭୂମି ସହିତ ଜଡିତ ଏହି ପ୍ରକଳ୍ପଗୁଡ଼ିକରେ ବିଳମ୍ବ ସାଧାରଣ ଲୋକଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଛି।

ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବା ଯୋଗୁ କେନ୍ଦ୍ର ସରକାରଙ୍କ ତଦାରଖରେ ଥିବା ୧୭୭୫ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ମୋଟ ଆନୁମାନିକ ମୂଲ୍ୟ ୩.୪ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୩୭.୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଏହି ପ୍ରକଳ୍ପଗୁଡିକର ପ୍ରାରମ୍ଭିକ ଆନୁମାନିକ ମୂଲ୍ୟ ୩୩.୭୦ ଲକ୍ଷ କୋଟି ଟଙ୍କା ଥିଲା। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ଜୁଲାଇ ରିପୋର୍ଟ ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୫୦ କୋଟି ଟଙ୍କା କିମ୍ବା ତା’ଠାରୁ ଅଧିକ ରହିଛି। ୧୭ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ କିମ୍ବା ବିଭାଗ ସ୍ତରରେ ଏହା ଉପରେ ନଜର ରଖାଯାଇଛି। ସରକାରଙ୍କ ମୋଟ ପ୍ରକଳ୍ପର ସର୍ବାଧିକ ଅଂଶ ପରିବହନ କ୍ଷେତ୍ରର ରହିଚଇ। ଏଥିରେ ପ୍ରାୟ ୧୯.୮୧ ଲକ୍ଷ କୋଟି ଟଙ୍କାର ୧୨୪୬ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ।

**୩.୪୦ ଲକ୍ଷ କୋଟି ଛୁଇଁଲାଣି ପ୍ରକଳ୍ପ ଖର୍ଚ୍ଚ**

ବୃଦ୍ଧି ପାଉଥିବା ଭିତ୍ତିଭୂମି ଖର୍ଚ୍ଚର ପ୍ରଭାବ କେବଳ ସରକାରୀ ବଜେଟରେ ସୀମିତ ନୁହେଁ। ସଡ଼କ, ରେଳ, ବିଦ୍ୟୁତ୍, ପାଣି ଏବଂ ସହରାଞ୍ଚଳ ପରିବହନରେ ବୃଦ୍ଧି ପାଉଥିବା ଖର୍ଚ୍ଚ ଅର୍ଥ ହେଉଛି ସରକାରଙ୍କୁ ସମାନ କାର୍ଯ୍ୟ ସମାପ୍ତ କରିବା ପାଇଁ ଧାର୍ଯ୍ୟ ବଜେଟ୍‌ଠାରୁ ଆହୁରି ଅଧିକ ଟଙ୍କା ବ୍ୟୟ କରିବାକୁ ପଡିବ। ଏହା ସରକାରଙ୍କ ଉପରେ ବଜେଟ ଚାପ ବୃଦ୍ଧି କରିପାରେ।

# ରାକ୍ଷୀରେ ମହିଳାଙ୍କ ପାଇଁ ଆମ ବସ୍ ଯାତ୍ରା ଦେୟମୁକ୍ତ

■ ଭୁବନେଶ୍ୱର, ୨୬।୮ (ସମିସ): ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍‌ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)। ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍‌ରେ ଏହି ସୁବିଧା ଉପଲବ୍ଧ ହେବ। ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି। ମହିଳାଙ୍କ ପାଇଁ ନିରାପଦ, ସୁବିଧାଜନକ ଓ ସୁଲଭ ଜନପରିବହନ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସୁରକ୍ଷିତ ଓ ସମାବେଶୀ ଜନପରିବହନ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଗତିଶୀଳତାକୁ ଏହା ଆହୁରି ସୁଦୃଢ଼ କରିବ। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ୍ ଆଲମ୍ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନିଆଯାଇଥିବା ଏହି ପଦକ୍ଷେପ ମହିଳାମାନଙ୍କୁ ନିରାପଦ, ସୁଲଭ ଓ ସମ୍ମାନଜନକ ଯାତାୟାତ ସୁବିଧା ପ୍ରଦାନ ଦିଗରେ ଉଜଟଙ୍କର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବ। ଦେୟମୁକ୍ତ ଯାତ୍ରା ସତ୍ତ୍ୱେ ‘ଜିରୋ ଟିକେଟ୍’ ନେବା ମହିଳା ଯାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ। ଏଥିସହ ସମସ୍ତ ଯାତ୍ରୀଙ୍କୁ ବସ୍ କର୍ମଚାରୀଙ୍କ ସହଯୋଗ କରିବା ଏବଂ ଯାତ୍ରୀ ଶିଷ୍ଟାଚାର ପାଳନ କରିବାକୁ CRUT ପକ୍ଷରୁ ଅନୁରୋଧ କରାଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

■ ତୁରୁମୁଙ୍ଗା, ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଧୋବାପିଟଣା ଗ୍ରାମରେ ବୁଧବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଅନୁଗୁଳ ଜିଲ୍ଲା ବିକ୍ରମପୁର ଥାନା ଗୋବରା ଗ୍ରାମର ପର୍ଶୁରାମ ଗାଗରାଇଙ୍କ ପୁଅ ମାଧବ (୪୨)। ସେ ୩ ବର୍ଷ ହେବ ଧୋବାପିଟଣା ଗ୍ରାମର ମଧୁ ମୁଣ୍ଡାଙ୍କ ଘରେ ରହିଆସୁଥିଲେ। ଘଟଗାଁ ରେଞ୍ଜ ପିପିଳିଆ ସଂରକ୍ଷିତ ଜଙ୍ଗଲର ଧୋବାପିଟଣା ଜଙ୍ଗଲ ମଧ୍ୟରେ ପୋଖରୀ ନିକଟରେ ୨୦ ଟିକିଆ ବଣୁଆ ହାତୀ ପଲ ଡେରା ପକାଇଥିଲେ। ସାଙ୍ଗ ସହ ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ହାତୀ ମାଧବଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ଘଟଗାଁ ରେଞ୍ଜର ବବ୍ରୁବାହାନ ସାହୁ, ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା, ଡେଙ୍କି କୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଓ ପାଟଣା ବନପାଳ ନିରଂଜନ ସେଠୀ ପହଞ୍ଚି ବୁଝାସୁଝା କରିଥିଲେ। ମୃତଦେହକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛନ୍ତି। ଦିନକୁ ଦିନ ପାଟଣା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ଖେଳି ଯାଇଛି।

## ଖରିଫ୍ ଧାନଚାଷକୁ ନେଇ ପଶ୍ଚିମ ଓଡ଼ିଶାସ୍ତରୀୟ ବୈଠକ

# ତାତିଲେ ଚାଷୀ, ନଭେମ୍ବରରେ ବଡ଼ ଆନ୍ଦୋଳନ

■ ସମ୍ବଲପୁର, ୨୬।୮ (ସମିସ): ସରକାରଙ୍କ ଧାନକିଣାବିକାକୁ ନେଇ ବିଭିନ୍ନ ସମୟରେ ଚାଷୀଙ୍କ ସହ ବିଚାରବିମର୍ଶ ନ କରି ତିଆରି କରୁଥିବା ଚାଷୀ ବିରୋଧୀ ନୀତି ଓ ପ୍ରକ୍ରିୟା ଯୋଗୁଁ ସରକାରଙ୍କ ପ୍ରତି ସୃଷ୍ଟି ହେଉଥିବା ଅନାସ୍ଥା, ପଞ୍ଜିକରଣ ପରେ ଟୋକନ୍ ଜାରିକୁ ନେଇ ରହିଥିବା ସନ୍ଦେହ ଆଦିକୁ ନେଇ ଆଜି ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକତ୍ୱରେ ସମ୍ବଲପୁର ପ୍ରେସ୍ କ୍ଲବଠାରେ ପଶ୍ଚିମ ଓଡ଼ିଶାସ୍ତରୀୟ ଚାଷୀମାନଙ୍କ ଏକ





**୩୧ରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ଦାବିପତ୍ର ପ୍ରଦାନ**

**ନୂଆଁଖାଇ ପରେ ସମସ୍ତ ଜିଲ୍ଲାରେ ଚାଷୀ ଜାଗରଣ କାର୍ଯ୍ୟକ୍ରମ**

**ନଭେମ୍ବରରେ ଆର୍‌ଡିସି ସମ୍ମୁଖରେ ଚେତାବନୀ ସମାବେଶ**

ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଚାଷୀ ବିରୋଧି ନୀତି ଏବଂ ଅନ୍ୟ ଦାବି ଗୁଡ଼ିକ ସମ୍ପର୍କରେ ଚେତାଇଦେବା ପାଇଁ ବୈଠକରେ ତିନିସୂତ୍ରୀ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା। ଆସନ୍ତା ୩୧ ତାରିଖ ଦିନ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ, ନୂଆଁଖାଇ ପରେ ସମସ୍ତ ଜିଲ୍ଲାରେ ୧୦ ଦଫା ଦାବୀରେ ଚାଷୀ ଜାଗରଣ କାର୍ଯ୍ୟକ୍ରମ ଏବଂ ନଭେମ୍ବର ପ୍ରଥମ ସପ୍ତାହରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଚେତାବନୀ ସମାବେଶ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜମି ବନ୍ଦୋବସ୍ତ ସମ୍ପୂର୍ଣ୍ଣ ହେବା ଓ ଚକବନ୍ଦୀ ଜମି, ଯୁଗ୍ମ ମାଲିକାନା ଦେବୋତ୍ତର ଜମି, ମୃତ ଲୋକ ନାଁରେ ଜମି, ଭାଗ ଚାଷୀକୁ ମାନ୍ୟତା ଆଦି ପ୍ରସଂଗ ସହ ଜଡ଼ିତ ଜଟିଳ କାମ ନସରିବାଯାଏଁ ‘ଏଗ୍ରିଷ୍ଟାକ ପଞ୍ଜିକରଣ’ ଓ ଅସଲ ଜମି ମାଲିକଙ୍କୁ ପଟ୍ଟା ମିଳିବାର ବ୍ୟବସ୍ଥା ନ ହେବାଯାଏଁ ଆତ୍ମଘାତୀ ‘କଲମ-୨’ କାମକୁ ବନ୍ଦ ରଖିବା, ପ୍ରତି ପଞ୍ଚାୟତରେ କେମ୍ପକୋର୍ଟ କରି ▶ପୃଷ୍ଠା-୭




# ନେପାଳ ବନ୍ୟା ତାଣ୍ଡବ





## ବିହାର, ୟୁପିରେ ହାଇଆଲର୍ଟ

### ଗଣ୍ଡକ ନଦୀରୁ ସମସ୍ତ ୩୬ ଗେଟ୍ ଖୋଲିଲା

ପାଟନା, ୨୬।୮ (ଏଜେନ୍ସି): ନେପାଳରେ ହୋଇଥିବା ଭୟାବହ ଆକସ୍ମିକ ବନ୍ୟା (ଫ୍ଲାସ୍ ଫ୍ଲଡ୍) ପରେ ଭାରତର ପଡ଼ୋଶୀ ରାଜ୍ୟ ବିହାର ଏବଂ ଉତ୍ତର ପ୍ରଦେଶରେ ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ନେପାଳର ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବା ହେତୁ ସୀମାବର୍ତ୍ତୀ ଗଣ୍ଡକ ଓ ନାରାୟଣୀ ନଦୀର ଜଳପ୍ରବାହ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ନେପାଳର ଚୀନ୍ ସୀମା ନିକଟରେ ଏହି ଆକସ୍ମିକ ବନ୍ୟା ହୋଇଛି। ଏହି ବିପଦକୁ ଦୃଷ୍ଟିରେ ରଖି ବିହାର ସରକାର ଗଣ୍ଡକ ନଦୀରେ ପ୍ରାୟ ତିନି ମିଟର ଉଚ୍ଚର ବନ୍ୟା ଜଳ ପ୍ରବେଶ କରିବା ନେଇ ସତର୍କ ସୂଚନା ଜାରି କରିଛନ୍ତି। ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିଶେଷ କରି ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ଗୋପାଳଗଞ୍ଜ ଏବଂ ମୁଜାଫରପୁର ସମେତ ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଇ ଦିଆଯିବା ସହ ଏନଡିଆର୍‌ଏଫ ଟିମ୍ ନିୟୋଜିତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିହାର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନେପାଳ ସୀମାବର୍ତ୍ତୀ ମହାରାଜଗଞ୍ଜ ଏବଂ କୁଶୀନଗର ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ପ୍ରଦେଶର ପ୍ରାୟ ୧୬ଟି ଜିଲ୍ଲା ବର୍ତ୍ତମାନ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟ ସରକାରଙ୍କ ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪, ୬୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ଏପର୍ଯ୍ୟନ୍ତ ଭାରତରେ କୌଣସି ଜୀବନହାନିର ଖବର ମିଳିନାହିଁ। ପ୍ରଭାବିତ ପରିବାରଗୁଡ଼ିକୁ ରିଲିଫ୍, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ଯୋଗାଇ ଦିଆଯାଉଛି।

## ସହାୟତାର ହାତ ବଢ଼ାଇଲା ଭାରତ

କାଠମାଣ୍ଡୁ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ନେପାଳରେ ଭୟଙ୍କର ଭୂସ୍ଖଳନ ଜନିତ ଆକସ୍ମିକ ବନ୍ୟା ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଫଳରେ ପ୍ରାୟ ୨୨ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୮୪ ଜଣ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏହି ସଙ୍କଟ ସମୟରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ କଥା ହୋଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ସମସ୍ତ ପ୍ରକାର ମାନବୀୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନେପାଳ ସେନା ସହିତ ସମନ୍ୱୟ ରକ୍ଷା କରି ଭାରତ ଏହାର ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ହିଣ୍ଡନ ଏୟାରବେସରୁ ଭାରତୀୟ ବାୟୁସେନାର ସି-୧୭ ଗ୍ଲୋବମାଷ୍ଟର ଏବଂ ସି-୧୩୦ଜେ ସୁପର ହରକ୍ୟୁଲିସ ବିମାନକୁ ପ୍ରସ୍ତୁତ ରଖାଯାଇଛି। ଏଥିରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ବାୟୁସେନା ଏବଂ ଏସଏସବିର ଉଦ୍ଧାରକାରୀ ଦଳ ସାମିଲ ହୋଇଛନ୍ତି। ଏହା ସହିତ ଭାରୀ ଯନ୍ତ୍ରପାତି, ମେଡିକାଲ ସହାୟତା ଓ ରିଲିଫ ସାମଗ୍ରୀ ପଠାଯାଉଛି। ଏହା ବ୍ୟତୀତ ବିଦେଶ ମନ୍ତ୍ରଣାଳୟ ଓ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଖୋଜ ପର୍ଯ୍ୟଟକଙ୍କ ସହାୟତା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଏହି ଜାତୀୟ ବିପର୍ଯ୍ୟୟ ସମୟରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ସେଠାକାର ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇବା ସହ ଭାରତ ନେପାଳ ସହ ସମ୍ପୂର୍ଣ୍ଣ ଏକତାବଦ୍ଧ ହୋଇ ଛିଡ଼ା ହୋଇଛି ବୋଲି ପ୍ରକାଶ କରିଛନ୍ତି।

## କର୍ଣ୍ଣାଟକରେ ଗାନ କରାଯିବନି ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍'

ବେଙ୍ଗାଲୁରୁ, ୨୬।୮ (ଏଜେନ୍ସି): କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାର ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ସରକାର କଂଗ୍ରେସର ନୀତି ଅନୁଯାୟୀ ସରକାରୀ ଏବଂ ସାଧାରଣ କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବେ। ରାଜ୍ୟରେ ଏକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଏହି ଗୀତର ସମସ୍ତ ଛଅଟି ପଦ ଗାନ କରାଯିବା ପ୍ରସଙ୍ଗକୁ ଶିବକୁମାର ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ତାଙ୍କ ବିନା ଜ୍ଞାନରେ କରାଯାଇଥିଲା ଏବଂ ଭବିଷ୍ୟତରେ ସରକାର କେବଳ ପ୍ରଥମ ଦୁଇଟି ପଦ ହିଁ ଗାନ କରିବେ। ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଯୋଗଦେଇ ଶିବକୁମାର



କହିଛନ୍ତି, 'ମୁଁ ମୋ ଦଳର ବିଚାରଧାରା ଉପରେ ବିଶ୍ୱାସ କରେ। ଆମେ ଯାହା ନିଷ୍ପତ୍ତି ନେଇଛୁ, ମୁଁ ତାହା ସହିତ ଅଛି। ହୁଏତ ମୋର ଅଗୋଚରରେ କିମ୍ବା ରାଜଭବନରେ ଏହା ହୋଇଥାଇପାରେ, କିନ୍ତୁ ଭବିଷ୍ୟତରେ ଯେକୌଣସି ସରକାରୀ କାର୍ଯ୍ୟକ୍ରମରେ ଆମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କେବଳ ଦୁଇଟି ପଦ ହିଁ ରଖିବୁ'। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ କଂଗ୍ରେସ କାର୍ଯ୍ୟକାରୀ କମିଟି ତାର ୧୯୩୭ ମସିହାର ପ୍ରସ୍ତାବକୁ ପୁନର୍ବାର ସମର୍ଥନ କରିଥିଲା। ସେଥିରେ ସାଧାରଣ ଓ ଜାତୀୟ ସଭା ସମିତିଗୁଡ଼ିକରେ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବାର ନିୟମ ରହିଛି। ନୂତନ 'ବନ୍ଦେ ମାତରମ୍ ବିଲ୍'ରେ ସମସ୍ତ ପଦ ଗାନ କରିବାକୁ ବାଧ୍ୟତାମୂଳକ କରାଯିବା ପରେ ଏବଂ ଏହାକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ଦେଖାଦେବା ପରେ କଂଗ୍ରେସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କଂଗ୍ରେସର ଯୁକ୍ତି ଅନୁଯାୟୀ, ବନ୍ଦେ ମାତରମ୍ ଗୀତର ପରବର୍ତ୍ତୀ ଭାଗରେ ହିନ୍ଦୁ ଦେବୀ ଦୁର୍ଗା, ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ଆବାହନ କରାଯାଇଛି। ଏହା ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଆପତ୍ତିଜନକ ହୋଇପାରେ। ସେପଟେ ବିଜେପି କଂଗ୍ରେସର ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି। କଂଗ୍ରେସ ଏହିପରି ଭାବରେ ଜାତୀୟ ସଙ୍ଗୀତକୁ ଅପମାନିତ କରୁଛି ଏବଂ ଏହା କେବଳ ତୁଷ୍ଟୀକରଣ ରାଜନୀତି ବୋଲି ବିଜେପି ଅଭିଯୋଗ ଆଣିଛି।

## ବସ୍-ଟ୍ରକ୍ ଧକ୍କା; ୫ ମୃତ, ୨୦ ଆହତ

ସୂର୍ଯ୍ୟାପେଟ, ୨୬।୮ (ଏଜେନ୍ସି): ତେଲେଙ୍ଗାନାର ସୂର୍ଯ୍ୟାପେଟ ଜିଲ୍ଲାରେ ବୁଧବାର ଜାତୀୟ ରାଜପଥରେ ଏକ ଯାତ୍ରୀବାହୀ ବସ ଓ ଲୁହା ରଡ୍ ବୋଝେଇ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ହାଇଦ୍ରାବାଦରୁ ଆନ୍ଧ୍ରପ୍ରଦେଶର ଏଲୁରୁ ଅଭିମୁଖେ ଯାଉଥିବା ଏକ ଘରୋଇ ବସ ଭୋର ପ୍ରାୟ ୪.୩୦ ମିନିଟରେ ସମ୍ମୁଖରେ ଥିବା କଣ୍ଟେନର ପଛଭାଗକୁ ଧକ୍କା ଦେଇଥିଲା। ବସରେ ମୋଟ ୪୨ ଜଣ ଯାତ୍ରୀ ଥିଲେ। ଧକ୍କାର ପ୍ରଭାବରେ ଟ୍ରକ୍‌ରେ ଥିବା ଲୁହା ରଡଗୁଡିକ ବସ ଭିତରକୁ ପଶିଯାଇଥିଲା। ଫଳରେ ଅଧିକାଂଶ ଯାତ୍ରୀ ଗାଡି ଭିତରେ ଫସି ରହିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର କାର୍ଯ୍ୟ କରିବା ସହ ଆହତମାନଙ୍କୁ ସ୍ଥାନୀୟ ମାଧ୍ୟମରେ ଡାକ୍ତରଖାନାକୁ ପଠାଇଛି। ଏହି ଦୁର୍ଘଟଣା ଯୋଗୁଁ ହାଇଦ୍ରାବାଦ-ବିଜୟୱାଡା ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହାସହ ଆହତମାନଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

### ଇରାନ ସହ ଗୁପ୍ତ ତୈଳ କାରବାର

## ଭାରତୀୟ ସଂସ୍ଥା ଉପରେ କଟକଣା



ୱାଶିଂଟନ/ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଇରାନ ସହିତ ପ୍ରାୟ ୧୧.୯ କୋଟି ଆମେରିକୀୟ ଡଲାର ମୂଲ୍ୟର ବେଆଇନ ତୈଳ ଓ ପେଟ୍ରୋକେମିକାଲ୍ କାରବାର ଅଭିଯୋଗରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ୪ଟି ଭାରତୀୟ କମ୍ପାନୀ ଏବଂ ୩ ଜଣ ଭାରତୀୟ ନାଗରିକଙ୍କ ଉପରେ ଆର୍ଥିକ କଟକଣା ଲଗାଇଛି। ଇରାନର ବିଶ୍ୱବ୍ୟାପୀ ଆର୍ଥିକ ଉତ୍ସକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଉଦ୍ଦେଶ୍ୟରେ ୱାଶିଂଟନ ପକ୍ଷରୁ 'ଅପରେସନ ଇକୋନୋମିକ ଆଉଟକାଷ୍ଟ' ଆରମ୍ଭ କରାଯାଇଛି। ଆମେରିକା ଟ୍ରେଜେରି ବିଭାଗ ଏହାକୁ 'ଆର୍ଥିକ ଡି-ଡେ' ଭାବେ ବର୍ଣ୍ଣନା କରିଛି। ଏହି ପରିପ୍ରେକ୍ଷିରେ ଆମେରିକା ପ୍ରଶାସନ ୪ଟି ଭାରତୀୟ ସଂସ୍ଥା ଉପରେ କଟକଣା ଲଗାଇଛି। ସେମାନଙ୍କ ମଧ୍ୟରେ ରହିଛି ସଦାଶିବ ଓଭରସିଜ୍ ଲିମିଟେଡ୍। ଏହି ସଂସ୍ଥାଟି ଫେବୃଆରୀ ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ପ୍ରାୟ ୬.୯ କୋଟି ଡଲାର ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ଅଭିଯୋଗ ହୋଇଛି। ପିପି ସଫ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପ୍ରକୃତିଜ୍ ଇନଫ୍ରା ଇମ୍ପେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍। ଏହି ଦୁଇଟି କମ୍ପାନୀ ପ୍ରତ୍ୟେକ ପ୍ରାୟ ୨.୫ କୋଟି ଡଲାର ଲେଖାଁ ମୂଲ୍ୟର ଇରାନୀୟ ପେଟ୍ରୋଲିୟମ ଦ୍ରବ୍ୟ ଆମଦାନୀ କରିଥିବା ନେଇ ଆମେରିକା ଅଭିଯୋଗ କରିଛି। ସେହିପରି ଭାରତୀୟ କଷ୍ଟମ୍ସ ବ୍ରୋକର ସଂସ୍ଥା ପୋର୍ଟଇଜ୍ ପାର୍ଟନର୍ସ ଏଲ୍‌ଏଲ୍ପି ଇରାନରୁ ବିଭିନ୍ନ ପେଟ୍ରୋକେମିକାଲ୍ ଦ୍ରବ୍ୟ ଭାରତକୁ ଆମଦାନୀ କରିବା ପ୍ରକ୍ରିୟାକୁ ସହଜ କରିବା ଏବଂ ଏଥିରେ ସହାୟତା କରିବା ଅଭିଯୋଗରେ କଟକଣାର ସମ୍ମୁଖୀନ ହୋଇଛି। ଏହାସହିତ ଆମେରିକା ୩ ଜଣ ଭାରତୀୟ ନାଗରିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନେ ହେଲେ ପିପି ସଫ୍ଟଟେକର ନିର୍ଦ୍ଦେଶକ ପ୍ରଶାନ୍ତ ଗର୍ଗ, ପୋର୍ଟଇଜ୍ ପାର୍ଟନର୍ସର ଦୁଇ ଅଂଶୀଦାର ଇଦ୍ରିସମିଆ ଆଶାରାଫମିଆ ଶେଖ ଏବଂ ହରିଶ ରାମଚନ୍ଦ୍ର ରଙ୍ଗୀ। ପୂର୍ବରୁ ଆମେରିକା ଗତ ବର୍ଷ ଜୁଲାଇ ମାସରେ ୬ଟି ଭାରତୀୟ ସଂସ୍ଥା ଏବଂ ୩ ଜଣ ଭାରତୀୟଙ୍କୁ ଏବଂ ଚଳିତ ବର୍ଷ ଫେବୃଆରୀରେ ଅନ୍ୟ ୪ଟି କମ୍ପାନୀକୁ ଇରାନ ସହ କାରବାର ପାଇଁ କଟକଣା ତାଲିକାଭୁକ୍ତ କରିଥିଲା। ବର୍ତ୍ତମାନର ଏହି ନୂତନ ତାଲିକାରେ ବିଶ୍ୱବ୍ୟାପୀ ପ୍ରାୟ ୬୦ ଜଣ ବ୍ୟକ୍ତିବିଶେଷ, ସଂସ୍ଥା ଏବଂ ଜାହାଜ ସାମିଲ ଅଛନ୍ତି। ସେମଧ୍ୟରେ ଚୀନ୍ ଏବଂ ହଂକଂର ପ୍ରାୟ ୨୦ଟି କମ୍ପାନୀ ଓ ୪ ଜଣ ଚୀନ ନାଗରିକ ମଧ୍ୟ ରହିଛନ୍ତି।

## ଦିଲ୍ଲୀରେ ଧରାପଡ଼ିଲା ନକଲି କର୍କଟ ରୋଗ ଔଷଧ ରାକେଟ୍

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ଦିଲ୍ଲୀ ପୁଲିସ କ୍ରାଇମ ବ୍ରାଞ୍ଚ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ନକଲି ଓ ଅପମିଶ୍ରିତ କର୍କଟ ରୋଗ (କ୍ୟାନ୍‌ସର) ଔଷଧ କାରବାର କରୁଥିବା ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ନକଲି ଔଷଧଗୁଡ଼ିକ ରାଜସ୍ଥାନ ସରକାରଙ୍କ ଏକ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଉଥିବା ଔଷଧ ମଧ୍ୟରୁ ଜବତ କରାଯାଇଛି। ଏହି ଘଟଣା ପରେ ରାଜସ୍ଥାନର ସ୍ୱାସ୍ଥ୍ୟମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିମସର ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ର୍ୟାକେଟ୍ ପ୍ରଥମେ ପ୍ରକୃତ କର୍କଟ ରୋଗ ଔଷଧର ଶିଶି ଗୁଡ଼ିକୁ ଚୋରି କରୁଥିଲେ। ଏହାପରେ ସେଥିରୁ ଅସଲି ଔଷଧ ବାହାର କରି ସେଥିରେ ଅନ୍ୟ ଏକ ତରଳ ପଦାର୍ଥ (ପ୍ରାୟତଃ ପାଣି) ଭର୍ତ୍ତି କରି କଳାବଜାରରେ ବିକ୍ରି କରୁଥିଲେ। ଏହି କାରବାରରେ 'ଆଭେଲୁମାବ' ନାମକ ଏକ ଅତ୍ୟନ୍ତ ମୂଲ୍ୟବାନ କର୍କଟ ରୋଗ ଔଷଧ ସନ୍ଦେହ ଘେରରେ ରହିଛି। ଏହି ଔଷଧର ଗୋଟିଏ ଶିଶିର ମୂଲ୍ୟ ଦିଲ୍ଲୀରେ ପ୍ରାୟ ୧ ଲକ୍ଷ ଟଙ୍କା ଥିଲା। ଦିଲ୍ଲୀ ପୁଲିସର କ୍ରାଇମ ବ୍ରାଞ୍ଚ ଜବତ ହୋଇଥିବା ଏହି ସନ୍ଦେହଜନକ ଔଷଧଗୁଡ଼ିକୁ ସମ୍ପୃକ୍ତ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଜରିଆରେ ଜର୍ମାନୀର 'ମର୍କ' ଲାବୋରେଟୋରୀରେ ପରୀକ୍ଷା କରାଇଥିଲେ। ପରୀକ୍ଷଣ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ଶିଶିଗୁଡ଼ିକରେ କର୍କଟ ରୋଗ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା କୌଣସି ପ୍ରକାର ସକ୍ରିୟ ଉପାଦାନ ଆଦୌ ନଥିଲା।

**ଔଷଧ ବଦଳରେ ଶିଶିରେ ଭର୍ତ୍ତି ହେଉଥିଲା ପାଣି**

ଏଥିମଧ୍ୟରୁ ୪ଟି ଶିଶି ବିକାନେରର ଏକ ସରକାରୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଗୁରୁତର ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜୀବନରକ୍ଷାକାରୀ ଔଷଧଗୁଡ଼ିକରେ ଏଭଳି ଅପମିଶ୍ରଣ ହୋଇଥିବାରୁ, ରୋଗୀମାନେ ପ୍ରଚୁର ଅର୍ଥ ବ୍ୟୟ କରିବା ସତ୍ତ୍ୱେ ସେମାନଙ୍କ ଜୀବନ ପ୍ରତି ଗମ୍ଭୀର ସ୍ୱାସ୍ଥ୍ୟଗତ ବିପଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଗଜେନ୍ଦ୍ର ସିଂହ କହିଛନ୍ତି।

### ପାକିସ୍ତାନ ହସ୍ପିଟାଲରେ ନିଆଁ

## ଜଳିଗଲେ ୧୫ ନବଜାତ ଶିଶୁ

ଇସଲାମାବାଦ, ୨୬।୮ (ଏଜେନ୍ସି): ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ 'ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍' (ପିଆଏମ୍‌ଏସ୍) ହସ୍ପିଟାଲର ପ୍ରସୂତି ବିଭାଗରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୫ ଜଣ ନବଜାତ ଶିଶୁଙ୍କ ପ୍ରାଣହାନି ଘଟିଛି। ସୂଚନା ଅନୁଯାୟୀ, ୱାର୍ଡର ତୃତୀୟ ମହଲାରେ ଥିବା ନର୍ସରୀରେ ଏସିର କମ୍ପ୍ରେସର ବିସ୍ଫୋରଣ ହେବା ଯୋଗୁଁ ସକାଳ ପ୍ରାୟ



୭ଟାରେ ଏହି ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମୟରେ ଉକ୍ତ ନର୍ସରୀରେ ମୋଟ ୧୬ ଜଣ ନବଜାତ ଶିଶୁ ଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିଥିବା ବେଳେ ଅନ୍ୟ ୧୫ ଜଣ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ମୃତ୍ୟୁବରଣ କରିଥିବା ୧୫ ଜଣଙ୍କ ମଧ୍ୟରୁ ୧୪ ଜଣ ଶିଶୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛନ୍ତି। ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପିତାମାତାଙ୍କୁ ସମବେଦନା ଜଣାଇଛନ୍ତି।

## ରୁଷ୍‌ର ଗୁପ୍ତ ଗସ୍ତରେ ସିଆଇଏ ମୁଖ୍ୟ

ମସ୍କୋ/ୱାସିଂଟନ, ୨୬।୮ (ଏଜେନ୍ସି): ଆମେରିକାର ପ୍ରମୁଖ ଗୁପ୍ତଚର ସଂସ୍ଥା ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍‌ଙ୍କ ଏକ ଅପ୍ରତ୍ୟାଶିତ ତଥା ଅତ୍ୟନ୍ତ ଗୋପନୀୟ ରୁଷିଆ ଗସ୍ତ ସାରା ବିଶ୍ୱରେ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ମଙ୍ଗଳବାର ସେ ମସ୍କୋ ଗସ୍ତ କରି ରୁଷିଆର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନ କାଳରେ ସିଆଇଏର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଟକ୍ଲିଫ୍‌ଙ୍କର ଏହା ପ୍ରଥମ ରୁଷିଆ ଗସ୍ତ। ତେବେ ଏହି ଗସ୍ତର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ଉଭୟ ଆମେରିକା କିମ୍ବା କ୍ରେମଲିନ୍ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

**■ ପରମାଣୁ ଆକ୍ରମଣର ଆଶଙ୍କା ନା ଇରାନ ସଙ୍କଟକୁ ନେଇ ରଣନୀତି?**

ସୂଚନାଯୋଗ୍ୟ, ଆମେରିକା ବାୟୁସେନାର ଏକ ବୋଇଂ ସି-୧୭ଏ ଗ୍ଲୋବମାଷ୍ଟର-୩ ବିମାନ ମସ୍କୋର ଭ୍ନୁକୋଭୋ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ଏହା ସହିତ ମସ୍କୋ ରାସ୍ତାରେ ଆମେରିକାର ଏକ କୂଟନୈତିକ ମୋଟର ଶୋଭାଯାତ୍ରା ମଧ୍ୟ ଦେଖିବାକୁ ମିଳିଥିଲା। ସୁରକ୍ଷା ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଟକ୍ଲିଫ୍‌ଙ୍କ ଗସ୍ତ ସମୟରେ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳରେ ହେବାକୁ ଥିବା ସାମରିକ ଆକ୍ରମଣ ସାମୟିକ ଭାବେ ବନ୍ଦ ରଖିବାକୁ ଆମେରିକା ପକ୍ଷରୁ ୟୁକ୍ରେନକୁ ଅନୁରୋଧ କରାଯାଇଥିଲା।



## ୨୦ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଦଳବଦଳ ନିରୋଧୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଲୋକସଭା ସଚିବାଳୟ ଏହି ବିଦ୍ରୋହୀ ସାଂସଦମାନଙ୍କୁ ନୋଟିସ ଜାରି କରି ୭ ଦିନ ମଧ୍ୟରେ ସେମାନଙ୍କ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛି। ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାଖଲ ହୋଇଥିବା ସାଂସଦ ପଦ ରଦ୍ଦ ଆବେଦନ ଆଧାରରେ ଏହି ନୋଟିସ ପଠାଯାଇଛି। ସୂଚନା ଅନୁଯାୟୀ, ଏହି ସାଂସଦମାନେ ଟିଏମସି ଛାଡ଼ି ତ୍ରିପୁରା ଭିତ୍ତିକ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ' (ଏନ୍‌ସିପିଆଇ) ରେ ସାମିଲ ହୋଇଥିଲେ। ଟିଏମସି ପକ୍ଷରୁ ଦାବି କରାଯାଇଛି ଯେ ସାଂସଦମାନେ ସ୍ୱେଚ୍ଛାକୃତ ଭାବେ ଦଳୀୟ ସଦସ୍ୟତା ପ୍ରତ୍ୟାହାର କରିଛନ୍ତି। ଏହା ଦଳବଦଳ ଆଇନର ଉଲ୍ଲଂଘନ ଅଟେ। ଅନ୍ୟପଟେ ବିଦ୍ରୋହୀ ସାଂସଦମାନେ ଏହାକୁ ଏକ ବୈଧ ମିଶ୍ରଣ ବୋଲି ଦର୍ଶାଇଛନ୍ତି।




# ୨୦୩୬ ସ୍ୱପ୍ନର ବାସ୍ତବତା ପାଇଁ ସୁଚିନ୍ତିତ ରୋଡ୍‌ମ୍ୟାପ୍ ଆବଶ୍ୟକ



ଭୁବନେଶ୍ୱର,୨୬।୮ (ସମିସ): ଆଗାମୀ ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରଣ ହେବାକୁ ଯାଉଛି। ରାଜ୍ୟ ସରକାର ଓଡ଼ିଶାକୁ ଏକ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବାକୁ ସ୍ୱପ୍ନ ଦେଖୁଛନ୍ତି। ୨୦୩୬ରେ ମସିହା ସୁଦ୍ଧା ରାଜ୍ୟର ଅର୍ଥନୀତି ୫୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଏକ ଭିଜନ୍ ଡକ୍ୟୁମେଣ୍ଟ ମଧ୍ୟ ସର୍ବଜନୀନ କରାଯାଇଛି। ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାକୁ ଏକ ସୁଚିନ୍ତିତ ରୋଡ୍‌ମ୍ୟାପ୍‌ର ଆବଶ୍ୟକତା ରହିଛି ବୋଲି ସକାଳ ଖବରକାଗଜ ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ ନାମକ କନ୍‌କ୍ଲେଭର ଦ୍ୱିତୀୟଦିନର ଅଷ୍ଟମ ଅଧିବେଶନର '୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପ' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି।

■ ଡବଲ ଇଞ୍ଜିନ୍ ସରକାର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ନାହାନ୍ତି; କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି: ଭକ୍ତ ଦାସ
■ ୧୪ରୁ ୧୬ ପ୍ରତିଶତ ଅଭିବୃଦ୍ଧି ହାରର ଆବଶ୍ୟକତା ରହିଛି, ଏଭଳି ସ୍ୱପ୍ନ ନ୍ୟୁଜ୍ ପାଇଁ ଏକ ହେଡ୍ ଲାଇନ୍ ଭଳି ଲାଗୁଛି: ଦେବୀ ମିଶ୍ର
■ ରାଜ୍ୟର ମେରୁଦଣ୍ଡକୁ ପ୍ରଥମେ ସଜାଡ଼ିବାର ଆବଶ୍ୟକତା ରହିଛି: କୁମରବର ଦାସ

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ସ୍ୱପ୍ନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ରାଜ୍ୟରେ ଅରାଜକତା ଦେଖାଦେଲାଣି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି, ସ୍କୁଲ ଶିକ୍ଷକ ଧାରଣାରେ, ଚାଷୀ ଅଭାବି ବିକ୍ରି କରୁଛନ୍ତି, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ରାଜ୍ୟରେ ନିବେଶ ପାଇଁ ରାଜି ହୋଇଥିବା ନିବେଶକ ଓହରି ଗଲେଣି। ପୂର୍ବ ସରକାର ପ୍ରକୃତିକ ବିପର୍ଯ୍ୟୟକୁ ମୁକାବିଲାରେ ଭଲ କାମ କରିଥିଲେ ଏବେ ବିପର୍ଯ୍ୟୟ ପରିଚାଳନା ବେଳେ ମୃତ୍ୟୁ ସଂଖ୍ୟା ବଢୁଛି। ଅନୁକୁଳ ପରିସ୍ଥିତି ନଥିରୁ ଏଭିଳି ହୋଇ ପାରିବ ନାହିଁ। ଏପରିକି ଭିଜନ ଡକ୍ୟୁମେଣ୍ଟରେ ଦେଖାଯାଇଥିବ ସ୍ୱପ୍ନରେ କେବଳ ପୁଞ୍ଜିପତିଙ୍କୁ ଫାଇଦା ପହଞ୍ଚାଇବ। ଓଡ଼ିଶାବାସୀଙ୍କ ସାମଗ୍ରିକ କିମ୍ବା ମାନବ ସମ୍ବଳର ବିକାଶ ହେବ ନାହିଁ। ଏହି ଆଳରେ ଶହ ଶହ ଖଣିକୁ ପୁଞ୍ଜିପତିଙ୍କୁ ସରକାର ଦେଇ ସାରିଛନ୍ତି। ରାଜ୍ୟ ସରକାର ଦେଖିଥିବା ସ୍ୱପ୍ନକୁ ସାକାର କରିବାକୁ ସେଭଳି କିଛି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ନାହାନ୍ତି କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଶ୍ରୀ ଦାସ କହିଥିଲେ।

ବିଜେଡି ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଏହି ଲକ୍ଷକୁ ହାସଲ କରିବାକୁ ହେଲେ ୧୪ରୁ ୧୬ ପ୍ରତିଶତ ଅଭିବୃଦ୍ଧି ହାରର ଆବଶ୍ୟକତା ରହିଛି। ନ ହେଲେ ୨୦୩୬ ସ୍ୱପ୍ନକୁ ସାକାର କରି ହେବ ନାହିଁ। ଶିଳ୍ପର ଅଭିବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଗୋଟିଏ ପଟେ ସରକାର ଏଭଳି ସ୍ୱପ୍ନ ଦେଖାଉଛନ୍ତି। ହେଲେ ପୂର୍ବ ସରକାରଙ୍କ ଦ୍ୱାରା ହୋଇଥିବା ଦୃଷ୍ଟାନ୍ତମୁଳକ କାର୍ଯ୍ୟ ଯଥା ଲୋକଙ୍କ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି, ରୋଜଗାର ଦେବା, ମହିଳା ସଶକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ହେଇଥିବା ଉଲ୍ଲେଖନୀୟ ସଫଳତା ପରେ ବି ଗତ ୨ବର୍ଷ ହେବ ଓଡ଼ିଶା ପୁଣି ଏସବୁ କ୍ଷେତ୍ରରେ ରାଜ୍ୟ ପଛାଇବା ଆରମ୍ଭ କଲାଣି। ନବୀନ ବାବୁଙ୍କ ୨୪ ବର୍ଷର ସରକାରରେ ଲୋକଙ୍କ ସାମଗ୍ରିକ ବିକାଶ ହୋଇଛି। ସରକାରଙ୍କ ଦୂରଦୃଷ୍ଟି ଅଭାବ ଥିଲା ବେଳେ ନ୍ୟୁଜ୍ ପାଇଁ ଏଭଳି ହେଡ୍ ଲାଇନ୍ ପ୍ରସ୍ତୁତ କରାଯାଉଛି।

ଅନ୍ୟତମ ଅତିଥି ଭାବେ ଆଲୋଚନାରେ ଅଂଶ ଗ୍ରହଣ କରି ଅର୍ଥନୀତିଜ୍ଞ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ ଯୁକ୍ତି ବାଢିଛନ୍ତି ବିକାଶ ଏକ ପରିମାଣ ନୁହେଁ ଏହା ଏକ ପ୍ରକ୍ରିୟା। ଏହାକୁ ହାସଲ କରିବାକୁ ହେଲେ ସୁଚିନ୍ତିତ ରୋଡ଼ମ୍ୟାପର ଆବଶ୍ୟକତା ରହିଛି। ଏହା ସହ ବିକାଶ ସବୁବେଳେ ସାମଗ୍ରିକ ଏବଂ ଦୀର୍ଘସ୍ଥାୟୀ ହେବା ଆବଶ୍ୟକ। ବ୍ୟକ୍ତିଗତ ବିକାଶରେ ସାମୁହିକ ବିକାଶ ହୁଏ ନାହିଁ। ତେଣୁ ୫୦୦ ବିଲିୟନ୍ ଅର୍ଥନୀତିରେ ଲୋକଙ୍କ ବିକାଶ ରହିବା ଆବଶ୍ୟକ। ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି, ଶିକ୍ଷା, ଶିଳ୍ପ ଭଳି ଉପାଦାନ। ତେଣୁ ମେରୁଦଣ୍ଡକୁ ପ୍ରଥମେ ସଜାଡିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମ ଶେଷର ସକାଳ ଓ ନନ୍ଦିଘୋଷର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସକାଳ ଓ ନନ୍ଦିଘୋଷର ମୁଖ୍ୟ ସମ୍ପାଦକ ସମରେନ୍ଦ୍ରୁ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ବିଶ୍ୱର ରୋଲ୍ ମଡେଲ

ଭୁବନେଶ୍ୱର, ୨୬।୮ (ସମିସ): ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସମଗ୍ର ବିଶ୍ୱର ରୋଲ୍‌ମଡେଲ୍। ୧୯୯୯ କରାଳ ମହାବାତ୍ୟା ପରଠାରୁ ନିଜର ବିପର୍ଯ୍ୟୟ ମୁକାବିଲା ନୀତିରେ ପରିବର୍ତ୍ତନ କରି ଶୂନ୍ୟ ମୃତ୍ୟୁହାର (ଜିରୋ କାଜୁଆଲିଟି) ସଫଳତା ହାସଲ କରିପାରିଛି। ପ୍ରଥମ ରାଜ୍ୟ ଭାବେ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ' (ଓସଡ଼ମା) , ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ 'ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ' (ଓଡ୍ରାଫ୍) ଗଠନ, ସହସ୍ରାଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ପାଣିପାଗ ବିଭାଗର ସଠିକ୍ ପୂର୍ବାନୁମାନ ଓ ବୈଷୟିକ ଜ୍ଞାନ ଏବଂ ବ୍ୟାପକ ସଚେତନତା ବଳରେ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ବିପର୍ଯ୍ୟୟ ଯୋଦ୍ଧା ପାଲଟିଛି। ଗତ ୨୫ବର୍ଷରେ ଓଡ଼ିଶା ପ୍ରସ୍ତୁତ କରିଥିବା ଢ଼ାଞ୍ଚା ଓ ଏସ୍‌ଓପି ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନହାନିକୁ ରୋଧିବାକୁ ସମର୍ଥ ହୋଇଛି ଓ କ୍ଷୟକ୍ଷତିକୁ ସୀମିତ ରଖିବାକୁ ସକ୍ଷମ ହୋଇଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ସକାଳ ଓ ନନ୍ଦିଘୋଷ ପକ୍ଷରୁ ଅନୁଷ୍ଠିତ 'ଓଡ଼ିଶା ଅଭ୍ୟୁଦୟ' କାର୍ଯ୍ୟକ୍ରମର 'ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍‌ମଡେଲ୍'ଶୀର୍ଷକ ଆଲୋଚନାରେ ଭାଗ ନେଇ ଆଇଏମ୍‌ଡ଼ିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପୂର୍ବାନୁମାନ, ଉପଯୁକ୍ତ ସୂଚନା, ପ୍ରସ୍ତୁତି ଓ ନିରାକରଣ ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକ ଭିତ୍ତିଭୂମି, ଗ୍ରାଉଣ୍ଡ ରିଆଲିଟି ସମ୍ପର୍କରେ ଅବଗତ ହେବା ସହ ସମସ୍ତେ ସଚେତନ ଓ ଜାଗ୍ରତ ରହି ପଦକ୍ଷେପ ନେଲେ ବାତ୍ୟା ମୁକାବିଲା କରାଯାଇ ପାରିବ। ଯାହା ଓଡ଼ିଶା ପ୍ରମାଣିତ କରିବା ସହିତ ଅନ୍ୟ ରାଜ୍ୟ, ଦେଶ ଓ ବିଶ୍ୱ ପାଇଁ ଉଦାହରଣ ପାଲଟିଛି। ପୂର୍ବରୁ ବୈଷୟିକ ଜ୍ଞାନକୌଶଳର ଅଭାବ କାରଣରୁ ଏସବୁ ବିଶ୍ଳେଷଣ ବିଳମ୍ବ ହେଉଥିଲା । କେବଳ ତଥ୍ୟ ସଂଗ୍ରହ ପାଇଁ ୩ ରୁ ୬ ଘଣ୍ଟା ଲାଗୁଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଏହି ପ୍ରକ୍ରିୟା ଦ୍ରୁତ ହୋଇଛି ଓ କ୍ଷଣକ ମଧ୍ୟରେ ସବୁ ପୂର୍ବାନୁମାନର ସଠିକ୍ ଆକଳନ କରାଯାଇପାରୁଛି। ଏକ ସମୟରେ ଆଇଏମ୍‌ଡି ସେତେବେଳେ ଯେଉଁ ବିବରଣୀ ଦେଉଥିଲା, ଲୋକମାନେ ତାକୁ ବିଶ୍ୱାସ କରୁନଥିଲେ। ସୂଚନା ପହଞ୍ଚିବା ବେଳକୁ ବାତ୍ୟାଟି ପ୍ରାୟ ୧୫୦ କିଲୋମିଟର ଆଗକୁ ଚାଲି ଯାଉଥିଲା। ଏବେ ବହୁ ପୂର୍ବରୁ ଲୋକଙ୍କ ପାଖରେ ନିରନ୍ତର ଭାବେ ସଠିକ୍ ତଥ୍ୟ ପହଞ୍ଚି ପାରୁଥିବାରୁ ଆଇଏମ୍‌ଡି ବିଶ୍ୱାସ ଭାଜନ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଅଗ୍ରଣୀ ଭୂମିକା ନିଭାଇ ପାରୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିସନର୍ (ଏସ୍‌ଆର୍‌ସି) ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ୧୯୯୯ ମହାବାତ୍ୟା ଓଡ଼ିଶାକୁ ଦୋହଲାଇ ଦେଇଥିଲା। ମହାବାତ୍ୟା ସମୟରେ ପବନର ବେଗ କେତେ ଥିଲା, ତାହା ମଧ୍ୟ ସଠିକ୍ ଭାବେ ଆକଳନ କରାଯାଇନଥିଲା। ପାରାଦୀପ ପୋର୍ଟରେ ଥିବା ଯନ୍ତ୍ରର କଣ୍ଟାଟି ଶେଷ ଜାଗାରେ ଅଟକି ଯାଇଥିଲା। ସରକାରୀ ତଥ୍ୟ ଅନୁଯାୟୀ ୧୨,୬୪୨ ଲୋକ ପ୍ରାଣ ହରାଇଥିଲେ। ଦୁର୍ଦ୍ଦିନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଓଡ଼ିଶାରେ ଭିତ୍ତିଭୂମିର ଅଭାବ ଥିଲା। ଏହି ବିପତ୍ତିକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଓଡ଼ିଶା ସରକାର ସ୍ଥାୟୀ ମୁକାବିଲା କରିବାକୁ ଯୋଜନା ପ୍ରସ୍ତୁତ କଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ




■ ସଙ୍କଟ ଦେଖାଇଥିଲା ବିପର୍ଯ୍ୟୟ ମୁକାବିଲାର ବାଟ: ପ୍ରଦୀପ୍ତ ମହାପାତ୍ର
■ ଲୋକଙ୍କ ବିଶ୍ୱାସଭାଜନ ହୋଇଛି ଆଇଏମ୍‌ଡି: ମୃତ୍ୟୁଞ୍ଜୟ ମହାପାତ୍ର
■ ବିଶ୍ୱରେ 'ଗ୍ଲୋବାଲ୍ ମୋଡେଲ୍' ଓଡ଼ିଶା: ବିଭୂତି ଭୂଷଣ ଗଡ଼ନାୟକ

ନେତୃତ୍ୱରେ କାର୍ଯ୍ୟ ଆରମ୍ଭ କଲେ। ପ୍ରଥମ କରି ଓସଡ଼ମା ପ୍ରତିଷ୍ଠା କରିବା ସହ ଓଡ୍ରାଫ୍ ଗଠନ, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରି ରାଜ୍ୟକୁ ପ୍ରସ୍ତୁତ କରିଥିଲେ। ମହାବାତ୍ୟାର ପ୍ରାୟ ୧୨-୧୩ ବର୍ଷ ପରେ ବାତ୍ୟା ଫାଇଲିନ୍ ଆସିଲା। ଏହା ପରବର୍ଷ ବାତ୍ୟା ହୁଡ୍‌ହୁଡ୍ ଆସିଲା। ଏସବୁ ବାତ୍ୟା ବ୍ୟାପକ କ୍ଷୟକ୍ଷତି କରିଥିଲେ ମଧ୍ୟ କୌଣସି ଜୀବନହାନି ହୋଇ ନଥିଲା। ନବୀନ ପଟ୍ଟନାୟକଙ୍କ 'ଜିରୋ କାଜୁଆଲିଟି' ମିଶନ ପ୍ରାୟତଃ ସଫଳ ହୋଇଥିଲା। ବାତ୍ୟା ପରବର୍ତ୍ତୀ ପୁନଃନିର୍ମାଣ କାର୍ଯ୍ୟ ଅନ୍ୟ ଏକ ଆହ୍ୱାନ ହୋଇଥିଲେ ମଧ୍ୟ ଏହାକୁ ତ୍ୱରିତ ବେଗରେ କରିଥିବାରୁ ଓଡ଼ିଶା ଦେଶ ସମେତ ବିଶ୍ୱରେ ପ୍ରଶଂସିତ ହୋଇଥିଲା, ଜାତିସଂଘ ଓଡ଼ିଶାକୁ ସମ୍ମାନିତ କରିଥିଲା। ଏପରିକି ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଏ କ୍ଷେତ୍ରରେ ଉଦାହରଣ ପାଲଟିଥିଲା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ତଥା ଜାତିସଂଘ ପରାମର୍ଶଦାତା ବିଭୂତି ଭୂଷଣ ଗଡ଼ନାୟକ କହିଛନ୍ତି ଯେ ଅନ୍ତର୍ଜାତୀୟ ସ୍ତରରେ ଡିଜାଷ୍ଟର ରିସ୍କ ରିଡକସନ୍ (ଡିଆର୍‌ଆର୍) କଥା ଉଠିଲେ ଓଡ଼ିଶାର ତିନୋଟି ମୁଖ୍ୟ ପଦକ୍ଷେପକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଏ। ସମୁଦାୟ ସଚେତନତା, ସଠିକ୍ ସୂଚନାର ତୁରନ୍ତ ରୂପାୟନ ଏବଂ ସଂସ୍ଥାଗତ ସୁଦୃଢ଼ୀକରଣ (ଇଷ୍ଟିଚ୍ୟୁସନାଲ୍ ମେକାନିଜିମ୍) ମାଧ୍ୟମରେ କିପରି ବିପର୍ଯ୍ୟୟ ପରିଚାଳନା କରାଯାଏ, ସେ ସମ୍ପର୍କରେ ଆଲୋଚନା ହୁଏ। ୧୯୯୯ ମହାବାତ୍ୟା ପରେ କେବଳ ସରକାରୀ ସ୍ତରରେ ନୁହେଁ, ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ 'ସାଇକ୍ଲୋନ୍ ସେଲ୍ଟର ମ୍ୟାନେଜମେଣ୍ଟ କମିଟି' ଗଠନ କରାଗଲା। ନିଜେ ନିଜର ସୁରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଲୋକଙ୍କୁ ଶିଖାଗଲା। ଏହା ସବୁଠାରୁ ଅଧିକ ଫଳପ୍ରଦ ହୋଇପାରିଛି। ଓଡ଼ିଶାର ଓସଡ଼ମା ପରି ପରବର୍ତ୍ତୀ ସମୟରେ ଭାରତ ସରକାର ମଧ୍ୟ ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା କରିବା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ନିୟମ କରିଥିଲେ। ଯାହାର ମୂଳ ପ୍ରେରଣା ଓଡ଼ିଶାରୁ ହିଁ ମିଳିଥିଲା। ଅନୁରୂପ ଭାବେ ଆଇଏମ୍‌ଡିର ସଠିକ୍ ଓ ଆଗୁଆ ସୂଚନାକୁ ପ୍ରଶାସନ ତୁରନ୍ତ ଗ୍ରହଣ କରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାରୁ ଶୂନ୍ୟ ମୃତ୍ୟୁହାର ହାସଲ ହୋଇପାରିଛି। ଫାଇଲିନ୍ ସମୟରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରିବା ବିଶ୍ୱ ଇତିହାସରେ ଏକ ନୂଆ କୀର୍ତ୍ତିମାନ ଥିଲା। ଯେଉଁଥିପାଇଁ ଜାତିସଂଘ ଓଡ଼ିଶାକୁ ପ୍ରଶଂସା କରିବା ସହ ଅନ୍ୟ ବିକାଶଶୀଳ ଦେଶମାନଙ୍କ ପାଇଁ ଓଡ଼ିଶାକୁ ଗୋଟିଏ 'ଗ୍ଲୋବାଲ୍ ମୋଡେଲ୍' ଭାବରେ ଉପସ୍ଥାପନ କରିଛି ବୋଲି ସେ କହିଛନ୍ତି ।

# ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ

ଭୁବନେଶ୍ୱର,୨୬।୮ (ସମିସ): ଓଡ଼ିଶାରେ ଆଜି କ୍ରୀଡ଼ା ଭିତ୍ତିଭୂମିର ଅଭାବ ନାହିଁ। ଅତ୍ୟାଧୁନିକ ଷ୍ଟାଡିୟମ, ଏକାଡେମୀ, ପ୍ରଶିକ୍ଷଣ କେନ୍ଦ୍ର ରାଜ୍ୟର ଏକାଧିକ ଜିଲ୍ଲାରେ ଗଢ଼ି ଉଠିଛି। କିନ୍ତୁ ତୃଣମୂଳସ୍ତରରୁ ଏ ସମସ୍ତ ଭିତ୍ତିଭୂମିର ପ୍ରକୃତ ଉପଯୋଗ କେତେ ହେଉଛି, ତୃଣମୂଳସ୍ତରରୁ କେତେ ଖେଳାଳି ଉପରକୁ ଆସୁଛନ୍ତି ଏହା ବଡ଼ ପ୍ରଶ୍ନ। ଆମ ପାଖରେ ଭିତ୍ତିଭୂମି ରହିଛି, ସୁଯୋଗ ମଧ୍ୟ ଅଛି। ଆଗାମୀ ଦିନରେ ଏହି ଭିତ୍ତିଭୂମିକୁ ସଦୁପଯୋଗ କରି ପ୍ରତିଭା ବାହାର କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଏହି ଭିତ୍ତିଭୂମିରୁ ଖେଳାଳି ବାହାରୁଛନ୍ତି କି ନାହିଁ, ତାହାର ନିୟମିତ ମୂଲ୍ୟାୟନ ଆବଶ୍ୟକ ରହିଛି। ସେହିଭଳି ଅଭିଭାବକମାନେ ସେମାନଙ୍କ ପିଲା ପ୍ରତି କ୍ରୀଡ଼ାକୁ ନେଇ ସଚେତନ ହେବାର ସମୟ ଆସିଛି। କେବଳ ପାଠପଢ଼ାକୁ ଗୁରୁତ୍ୱ ଦେଇ କ୍ରୀଡ଼ାକୁ ଅବହେଳା କଲେ ଅନେକ ପ୍ରତିଭା ପ୍ରସ୍ଫୁଟିତ ହେବା ପୂର୍ବରୁ ହିଁ ହଜିଯାଇଥାନ୍ତି। ତେଣୁ ପିଲାଜନ୍ମ ହେଲାପରେ ଅଭିଭାବକ ଯେମିତି ସେମାନଙ୍କ ପିଲା ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖିଥାନ୍ତି; ସେହିଭଳି ଭବିଷ୍ୟତରେ ପିଲାମାନଙ୍କୁ ବଡ଼ ଆଥଲେଟ କରି ଗଢ଼ିତୋଳିବାର ସ୍ୱପ୍ନ ମଧ୍ୟ ଦେଖିବା ଦରକାର। ପିତା-ମାତାଙ୍କ କ୍ରୀଡ଼ାପ୍ରତି ଆଗ୍ରହ ବଢ଼ିଲେ ଭବିଷ୍ୟତରେ ରାଜ୍ୟରୁ ବଡ଼ ଆଥଲେଟ ସୃଷ୍ଟି ହୋଇପାରିବେ ବୋଲି ବୁଧବାର ଏଠାରେ ଅନୁଷ୍ଠିତ 'ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ' ବିଷୟବସ୍ତୁ ଉପରେ ଆଲୋଚନା କରି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିବା ଭାରତୀୟ ଜୁନିଅର କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରଞ୍ଜୀବ ବିଶ୍ୱାଳ କହିଛନ୍ତି ଯେ ୧୯୫୮ରେ ଭୈରବ ମହାନ୍ତି ବାରବାଟୀ ଷ୍ଟାଡିୟମ ପ୍ରତିଷ୍ଠା କରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଅୟମାରମ୍ଭ କରିଥିଲେ। ଗତ ୪୦ ବର୍ଷରେ ରାଜ୍ୟରେ ଅନେକ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଛି। ନବୀନ ପଟ୍ଟନାୟକ ସରକାର ଅବଦାନ ମଧ୍ୟ ପ୍ରଶଂସନୀୟ। ୨ ହଜାର କୋଟି ଟଙ୍କା ବ୍ୟୟରେ ରାଜ୍ୟରେ



ହକି ସମେତ ଏକାଧିକ କ୍ରୀଡ଼ାର ଷ୍ଟାଡିୟମ ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରି ନବୀନ ପଟ୍ଟନାୟକ ବିଶେଷ ଧନ୍ୟବାଦର ପାତ୍ର ହୋଇଛନ୍ତି। ଏସମସ୍ତ ଅତ୍ୟାଧୁନିକ ସୁବିଧାସୁଯୋଗ ସତ୍ତ୍ୱେ ଓଡ଼ିଶା ଆଜି ଖେଳାଳି ସୃଷ୍ଟି କରିବାରେ ପଛରେ ପଡ଼ିଯାଇଛି। ତେଣୁ ଆଗାମୀ ଦିନରେ ଏହି ଭିତ୍ତିଭୂମିରୁ ଅଧିକ ପ୍ରତିଭା ବାହାର କରିବା ଉପରେ ସରକାର ଓ କ୍ରୀଡ଼ା ସଂଗଠକ ଗୁରୁତ୍ୱ ଦେବା ଆବଶ୍ୟକ। ସେଠାରୁ ଖେଳାଳି ବାହାରୁଛନ୍ତି କି ନାହିଁ ତାହାର ମୂଲ୍ୟାଙ୍କନ ହେବାର ସମୟ ଆସିଛି। ଏହାବାଦ୍ ରାଜ୍ୟର ସ୍କୁଲମାନଙ୍କରେ ନିଯୁକ୍ତି ପାଇଥିବା କ୍ରୀଡ଼ା ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଭାବରେ ଏନଆଇଏସ ଟ୍ରେନିଂ ଦିଆଯାଇ ବ୍ୟବସ୍ଥିତ କରାଯିବା ଉଚିତ। ସେହିଭଳି ରାଜ୍ୟର ବରିଷ୍ଠ କ୍ରୀଡ଼ାବିତ୍‌ଙ୍କ ସହ ବସି ଏକ 'କ୍ରୀଡ଼ା ନିୟମ' ପ୍ରସ୍ତୁତ ହେବା ଦରକାର ବୋଲି ରଞ୍ଜୀବ କହିଛନ୍ତି।

ସେହିଭଳି ବରିଷ୍ଠ ସାଇକଲ ଚାଳିକା ତଥା ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ରାଜ୍ୟରୁ ଆବଶ୍ୟକ ସଂଖ୍ୟାରେ ଖେଳାଳି ସୃଷ୍ଟି ହୋଇ ନ ପାରିବାକୁ ନେଇ ଚିନ୍ତାପ୍ରକାଶ କରିଛନ୍ତି। ଏହାର ଏକ ବଡ଼ କାରଣ ଭାବେ ସେ ଶୈଶବରୁ ପିଲାଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ନ କରିବାକୁ ନେଇ ଅଭିଭାବକଙ୍କୁ ଦାୟୀ କରିଛନ୍ତି। ମିନତୀଙ୍କ ମତରେ ଅଭିଭାବକମାନେ ଛୁଆ ଜନ୍ମହେବା ପରେ ସେମାନଙ୍କ ପିଲା ଭବିଷ୍ୟତରେ ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖି ଚତୁର୍ଥ-ପଞ୍ଚମ ଶ୍ରେଣୀରୁ ସେହିଭଳି ସ୍ୱତନ୍ତ୍ର ଶିକ୍ଷା ପଢ଼ାଇଥାନ୍ତି। ଏଭଳି ମାନସିକତାରେ ପରିବର୍ତ୍ତନ ଆଣି ବର୍ତ୍ତମାନ ପିଲାମାନଙ୍କୁ ବଡ଼ ଆଥଲେଟ୍ ଭାବେ ତିଆରି କରିବାର ସ୍ୱପ୍ନ ଦେଖିବା ଉଚିତ।

## ଦୀର୍ଘମିଆଦ କ୍ରୀଡ଼ା ଯୋଜନା ଓ କ୍ରୀଡ଼ା ଭିତ୍ତିଭୂମିର ମୂଲ୍ୟାୟନ ଆବଶ୍ୟକ

ପିତା-ମାତାଙ୍କ ସମେତ ପିଲାଙ୍କ ଆଗ୍ରହ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ପିଲାମାନେ ମୋବାଇଲ ଧରି ଏକପ୍ରକାର 'କୂପ ମଣ୍ଡୁକ' ହୋଇଗଲେଣି। ଆଉଟ-ଡୋର ଗେମକୁ ଆଉ ପସନ୍ଦ କରୁନାହାନ୍ତି ବୋଲି ମିନତୀ କ୍ଷୋଭର ସହ କହିଛନ୍ତି।

ଅପରପକ୍ଷରେ ଆମର ଏହି ଅତ୍ୟାଧୁନିକ ଭିତ୍ତିଭୂମି ଯଦି ପ୍ରତିଭା ବାହାର କରି ନ ପାରିଲା, ତାହାଲେ ସେ ଭିତ୍ତିଭୂମିର କିଛି ଲାଭ ନାହିଁ ବୋଲି ଅନ୍ୟତମ ଅତିଥି ତଥା ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର କହିଛନ୍ତି। ସମ୍ବିତଙ୍କ ମତରେ ହରିୟାଣାରେ ଆମ ରାଜ୍ୟଠାରୁ କମ୍ ଭିତ୍ତିଭୂମି ରହିଛି। କିନ୍ତୁ ସେଠାକାର କ୍ରୀଡ଼ାବିତ୍‌ମାନେ ଦେଶରେ ସବୁଠୁ ଅଧିକ ପଦକ ଜିତୁଛନ୍ତି। ତେଣୁ କେବଳ ଷ୍ଟାଡିୟମ୍, ଏକାଡେମୀ କିମ୍ବା ଭିତ୍ତିଭୂମି ନିର୍ମାଣ କଲେ ହେବ ନାହିଁ; ସେଠାରୁ ଖେଳାଳି ବାହାରୁଛନ୍ତି କି ନାହିଁ, ତାହାର ନିୟମିତ ମୂଲ୍ୟାୟନ ଆବଶ୍ୟକ ରହିଛି। ସେହିଭଳି ଓଡ଼ିଶାର ନିଜସ୍ୱ ପ୍ରଶିକ୍ଷକମାନେ ଦକ୍ଷ ଓ ଅଭିଜ୍ଞ। ତେଣୁ ସେମାନଙ୍କୁ ଅବହେଳା କରିବା ଉଚିତ ନୁହେଁ। ଓଡ଼ିଆ କୋଚ୍‌ମାନଙ୍କ ଦକ୍ଷତାକୁ ବ୍ୟବହାର କରି ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଓ ବିକଶିତ କରିବା ଆବଶ୍ୟକ। ସେହିଭଳି ଆଞ୍ଚଳିକଭିତ୍ତିରେ ଅର୍ଥାତ ଯେଉଁ ଅଞ୍ଚଳରେ ଯେଉଁ କ୍ରୀଡ଼ାର ଗୁରୁତ୍ୱ ରହିଛି ସେଠାରେ ସେହି କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଚିତ।

କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମଧ୍ୟ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଦେଇଛନ୍ତି। ଅନୁରାଧାଙ୍କ ମତରେ ରାଜ୍ୟରେ ଭିତ୍ତିଭୂମି ଓ ସୁଯୋଗ ରହିଥିଲେ ମଧ୍ୟ ତୃଣମୂଳସ୍ତରରୁ ନିୟମିତ ଭାବେ ଉଚ୍ଚମାନର ଖେଳାଳି ସୃଷ୍ଟି କରିବା ଦିଗରେ ଆହୁରି ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। କ୍ରୀଡ଼ାର ବିକାଶ ପାଇଁ ସରକାରଙ୍କୁ ତୃଣମୂଳସ୍ତରରୁ ଯୋଜନା ଆରମ୍ଭ କରିବାକୁ ପଡ଼ିବ। ଗୋଟିଏ କିମ୍ବା ଦୁଇ ବର୍ଷର ଯୋଜନା ବଦଳରେ ଅତି କମରେ ୧୫ ବର୍ଷକୁ ନଜରରେ ରଖି ଏକ ଦୀର୍ଘମିଆଦୀ କ୍ରୀଡ଼ା ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଶିଶୁମାନଙ୍କ ପାଇଁ ସୁସଂଗଠିତ କ୍ରୀଡ଼ା ଯୋଜନା ପ୍ରସ୍ତୁତ କରି ପ୍ରାରମ୍ଭିକସ୍ତରରୁ ସେମାନଙ୍କୁ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ସୁଯୋଗ ଦିଆଯିବା ଆବଶ୍ୟକ। ଅନୁରାଧାଙ୍କ ମତରେ, କେବଳ ପ୍ରତିଭା ଚିହ୍ନଟ କଲେ ହେବ ନାହିଁ। ଦକ୍ଷ ପ୍ରଶିକ୍ଷକ, ନିୟମିତ ପ୍ରଶିକ୍ଷଣ, ଆଧୁନିକ କୋଚିଂ ଏବଂ ଆବଶ୍ୟକ କ୍ରୀଡ଼ା ସୁବିଧା ଯୋଗାଇ ଦେବା ଆବଶ୍ୟକ। ପ୍ରତିଭାକୁ ଚାମ୍ପିଅନ୍‌ରେ ପରିଣତ କରିବା ପାଇଁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଦରକାର।

ସକାଳ THE SAKALA



# ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ପାହାଡ଼ କାଟି ରାସ୍ତା


ଯୋଡ଼ା, ୨୬।୮ (ସମିସ)

ଖଣି ଅଞ୍ଚଳରେ ଜଙ୍ଗଲ ଜମିକୁ ନେଇ ପୁଣି ଚର୍ଚ୍ଚା। ଉଲିବୁରୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ମେସିନ୍ ଲଗାଇ ଜଙ୍ଗଲ କାଟି ରାସ୍ତା ତିଆରି କରିବା ଓ ଶାଳ ଗଛ ଉପାଡ଼ି ନଷ୍ଟ କରିବା ଅଭିଯୋଗରେ

- ୩ ହାଇୱା ଓ ୨ ଏକ୍ସାଭେଟର ଜବତ
- ୫୦୦ ଶାଳଗଛ ନଷ୍ଟ ହୋଇଥିବା ସୂଚନା

ବନ ବିଭାଗ ୩ଟି ହାଇୱା ଓ ୨ଟି ଏକ୍ସାଭେଟରକୁ ଜବତ କରିଥିବା ଜଣାପଡ଼ିଛି। ଗତ ୨୪ ଅଗଷ୍ଟ ପ୍ରାୟ ମଧ୍ୟାହ୍ନରେ ନିୟମିତ ପାଟ୍ରୋଲିଂ ବେଳେ ଏନେଇ ସୂଚନା ପାଇଥିଲା ବନ ବିଭାଗ। କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯାନଗୁଡ଼ିକୁ ଅଟକାଇଥିଲେ। ଘଟଣାସ୍ଥଳଟି କରାଖେଣ୍ଡରା ଗ୍ରାମ ନିକଟସ୍ଥ ଉଲିବୁରୁ ସଂରକ୍ଷିତ ଜଙ୍ଗଲ, ଯାହା କେନ୍ଦୁଝର ଫରେଷ୍ଟ ଡିଭିଜନ୍‌ର ବଡ଼ବିଲ ରେଞ୍ଜ ଅଧୀନରେ ରହିଛି।

ସୂଚନାରୁ ପ୍ରକାଶ ଯେ ଓଏମଡିସି ଲିଜ୍ ଅଞ୍ଚଳ ମଧ୍ୟରେ ଜମି କାଟିବା ଓ ଶାଳ ଗଛ ଉପାଡ଼ିବା କାର୍ଯ୍ୟ ଚାଲିଥିଲା। ଏହି କାର୍ଯ୍ୟରେ ପ୍ରାୟ ୫୦୦ଟି ଶାଳ ଗଛର ଖୁଣ୍ଟ ପ୍ରଭାବିତ ହୋଇଛି। ଜବତ ହୋଇଥିବା ଯାନ ମଧ୍ୟରେ ଓଆର୦୯-ଏନ-୮୯୨୪, ଓଆର-୦୨-ଏଏଚ୍-୯୦୪୫ ଓ ଓଆର-୦୨-ଏକେ-୧୩୭୨ ନମ୍ବରର ୩ଟି ହାଇୱା ସହିତ ୨ଟି ଏକ୍ସକାଭେଟର ରହିଛି। ଉକ୍ତ ଜଙ୍ଗଲ ଜମିକୁ କାଟିବା ଓ ଗଛ ଉପାଡ଼ିବା ପାଇଁ କୌଣସି ବୈଧ ଅନୁମତି ଥିଲା କି ନାହିଁ ଏବଂ ଏହି କାର୍ଯ୍ୟ ପଛରେ କେଉଁ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ଭୂମିକା ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାର ନିରପେକ୍ଷ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ, ଏବେ ତାହା ଉପରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ନଜର ରହିଛି।



# ଅବୈଧ ଲୁହାପଥର ଚାଲାଣ; ୩ ଗିରଫ

## ଟ୍ରକ, ଜେସିବି, ସ୍କର୍ପିଓ, ମୋବାଇଲ ଓ ୩ ଲକ୍ଷ ଟଙ୍କା ନଗଦ ଜବତ

ଯୋଡ଼ା ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଂ ଅଞ୍ଚଳରେ ଚାଲିଥିବା କଥିତ ଅବୈଧ ଲୁହାପଥର ଚାଲାଣ ଉପରେ ପୁଲିସ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ଚନ୍ଦ୍ର ସୁରେଶ (୩୮), ସୁନ୍ଦରଗଡ଼ ଅଞ୍ଚଳର ବିଭୁଦେନ୍ଦ୍ର ମହାପାତ୍ର (୩୭) ଏବଂ କେନ୍ଦୁଝର ଜିଲ୍ଲା ବାରିଆ ଅଞ୍ଚଳର ରାହୁଲ ସେଠୀ (୨୪)। ମଙ୍ଗଳବାର ବିଳମ୍ବିତ ରାତିରେ ନୟାଗଡ଼ ରେଳ ସାଇଡିଂ ଅଞ୍ଚଳରେ ବେଆଇନ ଭାବେ ଲୁହାପଥର ଚାଲାଣ ହେଉଥିବା ନେଇ ଥାନାକୁ ସୂଚନା ମିଳିଥିଲା। ବାମେବାରୀ ଥାନା ପୁଲିସ ଟିମ୍ ଚଢ଼ଉ କରି ଘଟଣାସ୍ଥଳରୁ ୩ ଜଣଙ୍କୁ କାବୁ କରିବା ସହ ଏପି-୩୯ଡବ୍ଲ୍ୟୁଆର୍-୩୧୨୮ ନମ୍ବର ଥିବା ଟ୍ରକରୁ ପ୍ରାୟ ୪୨ ଟନ୍ ଲୁହାପଥର ଜବତ କରିଛି। ଏଥିସହ ନମ୍ବର ପ୍ଲେଟ୍ ନଥିବା ଏକ ଜେସିବି ମେସିନ, ଓଡ଼ି-୧୪-ଏଜେ-୨୨୭୫ ନମ୍ବର ବିଶିଷ୍ଟ ସ୍କର୍ପିଓ, ୩ଟି ମୋବାଇଲ ଫୋନ, ଗୋଟିଏ ୱାକି-ଟକି ଏବଂ ନଗଦ ୩ ଲକ୍ଷ ଟଙ୍କା ଜବତ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଜବତ ଲୁହାପଥରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଏନେଇ ବାମେବାରୀ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଲୁହାପଥର କେଉଁଠାରୁ ଆସିଥିଲା, କେଉଁ ସ୍ଥାନକୁ ଚାଲାଣ ହେଉଥିଲା, ସେନେଇ ତଦନ୍ତ ଜାରି ରହିଛି ବୋଲି ବାମେବାରୀ ଥାନାଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

**ଆଦିବାସୀ ଇଲାକା ଜାମୁବାହାଲି**

# ମୂଳ ଲାଗି ସୁଦାମ ନିଟ୍‌ରେ ସଫଳ

ଆନନ୍ଦପୁର, ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଶାମୁକାନେଣ୍ଡି ପଞ୍ଚାୟତ ଜାମୁବାହାଲି ଗାଁ ଚର୍ଚ୍ଚାକୁ ଆସିଛି। ଏହି ଗାଁର ଆଦିବାସୀ ଛାତ୍ର ସୁଦାମ ହାଁସଦା ନିଟ୍ ପ୍ରବେଶିକାରେ କୃତିତ୍ୱ ଅର୍ଜନ କରିବା ପରେ ଶୁଭେଚ୍ଛୁଙ୍କ ସୁଅ ଛୁଟିଛି। ବାପା ସୋମନାଥ ହାଁସଦା ଦୁଃଖ କଷ୍ଟ କରି ପରିବାର ଚଳାଉଥିବା ବେଳେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଏବେ ଶଯ୍ୟାଶାୟୀ। ସୁଦାମ ଓ ତାଙ୍କ ମା' ମୂଲ ଲାଗନ୍ତି। ଭଲ ପାଠ ପଢ଼ି



ସୁଦାମ ନିଟରେ ପାସ୍ କରିବା ପରେ ମଧ୍ୟ ଅର୍ଥାଭାବରୁ କିପରି ନାମ ଲେଖାଇବେ ଚିନ୍ତାରେ ରହିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ପ୍ରସାରଣ ହେବାପରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଯୁବନେତା ଯଜ୍ଞପ୍ରସାଦ, ପୁଲିସ ଅଧିକାରୀ ବିଶ୍ୱଜିତ ବେହେରା ସହଯୋଗର ହାତ ବଢ଼ାଇଥିବା ବେଳେ ବାଲେଶ୍ୱରର ସମାଜସେବୀ ଦିଲ୍ଲୀପ କୁମାର ଦାଶ ସୁଦାମଙ୍କ ଘରେ ପହଞ୍ଚି ସହାୟତା ରାଶି ପ୍ରଦାନ କରିଛନ୍ତି। ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରିବେ ବୋଲି ସୁଦାମଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସହାୟତା ତାଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରିବ ବୋଲି ସୁଦାମ ଆଶାବାଦୀ ଅଛନ୍ତି।

# ଆଇଟିଆଇରେ ରାଗିଂ ଅଭିଯୋଗ

ଆନନ୍ଦପୁର, ୨୬।୮ (ସମିସ): ଆନନ୍ଦପୁରର ଶାଳପଡାସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଛାତ୍ରାବାସରେ ଜୁନିୟର ଛାତ୍ରଙ୍କୁ କେତେକ ସିନିୟର ଛାତ୍ର ବିଭିନ୍ନ ପ୍ରକାର ହଇରାଣ ହରକତ କରୁଥିବା ଏବଂ ରାଗିଂକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ଏହି ଅଶାନ୍ତି ଲାଗି ରହିଥିବା ଅଭିଯୋଗ ହେଉଛି। ଏନେଇ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ରୁ




କେତେକ ଛାତ୍ର ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। କେତେକ ସିନିଅର ଛାତ୍ର ଜୁନିଅର ଛାତ୍ରଙ୍କୁ ଗତ ୩ଦିନ ହେବ ବିଭିନ୍ନ ସମୟରେ ରାଗିଂ କରୁଥିବା ଅଭିଯୋଗ ହୋଇଛି। ଏନଇ ଛାତ୍ରମାନେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଥାକୁ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ କରିଛନ୍ତି ରାଗିଂ ଶିକାର ଛାତ୍ର। ସେପଟେ ଘଟଣା ନେଇ ଅଧକ୍ଷଙ୍କୁ ପଚାରିବାରୁ ସେଭଳି କୌଣସି ଅଭିଯୋଗ ହୋଇ ନଥିବା କହିଛନ୍ତି। ବୁଧବାର ସନ୍ଧ୍ୟାରେ ଉଭୟ ଛାତ୍ର ଓ ଅଧକ୍ଷ ଏବଂ ଅବିଭାବକଙ୍କୁ ନେଇ ଘଷିପୁରା ଥାନାର ଘଟଣାର ଆପୋସ ସମାଧାନ ହୋଇଥିବା ଜଣାପଡ଼ିଛି।

**ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା**

# ଲିଫ୍ଟ ବଏ ସଂଗ୍ରହ କରୁଛନ୍ତି ରୋଗୀଙ୍କ ରକ୍ତ

ଆନନ୍ଦପୁର, ୨୬।୮ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପରିଚାଳନାଗତ ତ୍ରୁଟି ଓ ଦାୟିତ୍ୱହୀନତା ଯୋଗୁଁ ରୋଗୀଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡିଛି। ପ୍ରତିଦିନ ଏଠି କିଛି ନା କିଛି ଅବ୍ୟବସ୍ଥା ଲାଗିରହିଥିବା ବେଳେ ଏବେ ସାମ୍ନାକୁ ଆସିଛି ସ୍ୱାସ୍ଥ୍ୟସେବାର ଏକ ବିଚିତ୍ର ଚିତ୍ର। ରୋଗୀଙ୍କ ବିଭିନ୍ନ ପରୀକ୍ଷା ପାଇଁ ଅଭିଜ୍ଞ ଲ୍ୟାବ୍ ଟେକ୍ନିସିଆନଙ୍କ ବଦଳରେ ଜଣେ ଲିଫ୍ଟ ବୟ ରକ୍ତ ସଂଗ୍ରହ କରୁଥିବା ଘଟଣା ପରିଲକ୍ଷିତ ହୋଇଛି। ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ବୁଲି ବୁଲି ସେ ରକ୍ତ ସଂଗ୍ରହ କରୁଥିବା ଦୃଶ୍ୟକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ରୋଗୀଙ୍କ ଚିକିତ୍ସାରେ ରକ୍ତ ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଥିପାଇଁ ନିୟମ ଅନୁସାରେ ପ୍ରଶିକ୍ଷିତ ଓ ଅଭିଜ୍ଞ ଲ୍ୟାବ୍ ଟେକ୍ନିସିଆନ୍ ରକ୍ତ ସଂଗ୍ରହ କରିବା ପରିବର୍ତ୍ତେ ଆନନ୍ଦପୁର ମେଡିକାଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଣେ ଲିଫ୍ଟ ବୟ ବିଭିନ୍ନ ୱାର୍ଡକୁ ଯାଇ ରୋଗୀଙ୍କ ଦେହରୁ ରକ୍ତ ସଂଗ୍ରହ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ରକ୍ତ ସଂଗ୍ରହ ଭଳି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଜଣେ ଲିଫ୍ଟ ବୟଙ୍କୁ କିଏ ଅନୁମତି ଦେଲେ? ତାଙ୍କର ଆବଶ୍ୟକ ପ୍ରଶିକ୍ଷଣ ରହିଛି କି? ଯଦି ନାହିଁ, ତେବେ ଏଭଳି କାର୍ଯ୍ୟ କିପରି ଚାଲିଛି?



ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରୋଗୀଙ୍କ ସୁରକ୍ଷାକୁ ନେଇ ଏଭଳି ଅଭିଯୋଗର ତୁରନ୍ତ ତଦନ୍ତ କରିବା ସହ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ମେଡିକାଲ ଅଧୀକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ରୋଗୀଙ୍କ ସୁରକ୍ଷା ସହ ଜଡ଼ିତ ଏଭଳି ଅଭିଯୋଗକୁ ନେଇ ମେଡିକାଲ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ରହିଲା।

# କାରାଗାର ଅନ୍ତେବାସୀଙ୍କ ନିଶାମୁକ୍ତି ଅଭିଯାନ

ଆନନ୍ଦପୁର, ୨୬।୮ (ସମିସ): ଆନନ୍ଦପୁର ଉପକାରାଗାରଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନନ୍ଦପୁର ଶାଖା ତରଫରୁ ଏକ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାରାଗାରରେ ଥିବା ୯୨ ଜଣ କଏଦୀ ଓ କର୍ମଚାରୀଙ୍କୁ ରାକ୍ଷୀ ବନ୍ଧନ ସହ ନିଶା ନିବାରଣ ସଚେତନତା ଓ ଶପଥପାଠ କରାଇ ନିଶାଠାରୁ ଦୂରେଇ ରହିବା ଓ ଆଧ୍ୟାତ୍ମିକତାର ଜୀବନରେ ଉପାଦେୟତା ଏବଂ ରାଜଯୋଗ ସମ୍ପର୍କରେ ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ପଦ୍ମିନୀ, ବ୍ରହ୍ମାକୁମାର ଶ୍ରୀଧର ଓ ରାମଚନ୍ଦ୍ର ଆଲୋକପାତ କରିଥିଲେ। ବ୍ର କୁ ବାବାଜୀ, ତାରା, ସସ୍ମିତା ଓ ତାରିଣୀଙ୍କ ସମେତ କାରାଗାରର ଜେଲର, ସବ୍‌ଜେଲର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ପାଟଣା ବ୍ଲକ ଠିକାଦାର ସଂଘର ବୈଠକ



ତୁରୁମୁଙ୍ଗା, ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଠିକାଦାର ସଂଘ ପକ୍ଷରୁ ବୁଧବାର ଟାଙ୍ଗରପଡ଼ା କଲ୍ୟାଣ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଦୀପକ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର ସମ୍ପାଦକ ପ୍ରକାଶ ସେଠୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲାଇସେନ୍ସଧାରୀ ଠିକାଦାର ଯୋଗ ଦେଇଥିଲେ। ବୈଠକରେ ପାଟଣା ବ୍ଲକ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଠିକାଦାରଙ୍କୁ ପ୍ରାଥମିକତା ଦେବା ସହ ବାହାର ବ୍ଲକର ଠିକାଦାରମାନେ ଟେଣ୍ଡର ନପକାଇବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଏଥିସହ ସମସ୍ତ ଠିକାଦାର ଏକତ୍ରିତ ହୋଇ ୧ ପ୍ରତିଶତ କମରେ କାମ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଠିକାଦାରମାନଙ୍କ ସ୍ୱାର୍ଥ ଓ କାର୍ଯ୍ୟ ସୁଯୋଗ ସୁରକ୍ଷିତ ରଖିବା ନେଇ ବିସ୍ତୃତ ଆଲୋଚନା ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ନେସାର କେନ୍ଦୁଝର ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସଭାପତି

- ସେକ ତାହିର ବରିଷ୍ଠ ସାଧାରଣ ସମ୍ପାଦକ, କପିଳ ରାଜ୍ୟ ସମ୍ପାଦକ

କେନ୍ଦୁଝର, ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସଂଖ୍ୟାଲଘୁ ବିଭାଗର ସଭାପତି ଭାବେ ବରିଷ୍ଠ ବିଜେଡି ନେତା ନେସାର ହାୟତଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନେସାରଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଥିବା ବେଳେ କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା କ୍ଷେତ୍ରର ବରିଷ୍ଠ ବିଜେଡି ନେତା ସେକ ତାହିରଙ୍କୁ ରାଜ୍ୟ ସଂଖ୍ୟାଲଘୁ ବିଭାଗର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଅଗଷ୍ଟ ୨୫ ତାରିଖ ପ୍ରକାଶ ପାଇଥିବା ଏହି ନୂତନ ନିଯୁକ୍ତିରେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର କପିଳ ଆନସାରୀଙ୍କୁ ବିଜେଡି ସଂଖ୍ୟାଲଘୁ ବିଭାଗର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

# ଶ୍ରୀବଟେଶ୍ୱର ପୀଠରେ ଶ୍ରାବଣୀ ମହୋତ୍ସବ

ଆନନ୍ଦପୁର, ୨୬।୮ (ସମିସ): ଆନନ୍ଦପୁରର ଶ୍ରୀବଟେଶ୍ୱର ମନ୍ଦିରରେ ଶ୍ରାବଣୀ ଉତ୍ସବ ପାଳିତ ହୋଇଯାଇଛି। ଆଜି ଶେଷ ଦିନରେ ଶ୍ରୀ ବଟେଶ୍ୱରଙ୍କ ପୀଠ ଦିନତମାମ ଚଳଚଞ୍ଚଳ ରହିଥିଲା। ବୈତରଣୀ ନଦୀରୁ କଳସ ଶୋଭାଯାତ୍ରାରେ ଅଣାଯାଇ ମଣ୍ଡପରେ ସ୍ଥାପନ ହେବା ପରେ କର୍ତ୍ତା ଭାବେ ବିଜୟ ମିଶ୍ର କର୍ତ୍ତୀ ଭାବେ ବାସନ୍ତୀ ମିଶ୍ର ସଂକଳ୍ପିତ ହୋଇଥିଲେ। ବୈତରଣୀ ନଦୀରୁ ଶ୍ରଦ୍ଧାଳୁମାନେ ପାଣି ଉଠାଇ ମହାଦେବଙ୍କ ମଥାରେ ଢାଳିଥିଲେ। ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ବ୍ରହ୍ମହେଶ୍ୱର ନାହାକ ଶୁକଦେବ ସାହୁ ପ୍ରଦୀପ କୁମାର କୁଣ୍ଡ କ୍ଷେତ୍ରମୋହନ ସି ଶୁକଦେବ ନାହାକ ସହଯୋଗ କରିଥିଲେ।



# ଅଧ୍ୟାପକଙ୍କୁ ତୁଳସୀଦାସ ସମ୍ମାନ



ଆନନ୍ଦପୁର, ୨୬।୮ (ସମିସ): ଇଂରାଜୀ ଅଧ୍ୟାପକ ତଥା କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କୁ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନରେ ସମ୍ମାନିତ କରାଯାଇଛି। ଗୋପୀନାଥପୁର ଶ୍ରୀବାଲୁଙ୍କେଶ୍ୱର ପୀଠରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ ସମାରୋହ ଅବସରରେ ଡ. ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଏସ୍‌ପି ବିକାଶଚନ୍ଦ୍ର ଦାଶ, ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶ, ପ୍ରବଚକ ଅର୍ଜୁନ ଚରଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କୁ ଏହି ସମ୍ମାନ ମିଳିବା ପରେ ହରିବୋଲ ସଂଘର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ବିପୁଳ ରନ୍ଧା ମଦ ସହ ପୋଚ ଓ ସରଞ୍ଜାମ ଜବତ

ଆନନ୍ଦପୁର, ୨୬।୮ (ସମିସ): ଅବକାରୀ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନ ଏବଂ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଆନନ୍ଦପୁର, ହାଟଡିହି ଓ ଘଟଗାଁ ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସୁଆପୁର, ଯୁଗଳକିଶୋରପୁର, ଗୋହିରା, ଘଷିପୁରା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଛି। ଏଥିରେ ୭୨୦ ଲିଟର ଦେଶୀ ରନ୍ଧା ମଦ ଓ ୭୫୦୦ ଲିଟର ମହୁଲ ପୋଚ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ଆନନ୍ଦପୁର, ହାଟଡିହି, ଘଟଗାଁ ସମସ୍ତ ଷ୍ଟାଫ୍ ସାମିଲ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।



**୩ ମାମଲା ରୁଜୁ; ଜଣେ ଗିରଫ**

# ଜଙ୍ଗଲରୁ ଭାଲୁର ଗଳିତ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୬।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ଖିରେଇଟାଙ୍ଗିରି ସେକ୍ସନର ପଦ୍ମପୁର ଗାଁ ନିକଟସ୍ଥ ଜଙ୍ଗଲରୁ ବୁଧବାର ଏକ ଅଣ୍ଡିରା ଭାଲୁର ଗଳିତ ମୃତଦେହ ଉଦ୍ଧାର ହୋଇଛି। ଜଙ୍ଗଲ ଭିତରେ ଭାଲୁଟିର ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଉଦ୍ଧାର କରିବା ପରେ ପାଟଣା ପ୍ରାଣୀ ଚିକିତ୍ସକ ଡ଼ ଅର୍ପିତ ଅମିତାଂଶୁ ବିଶ୍ୱାଳଙ୍କ ଦ୍ୱାରା ଭାଲୁର ଶବ ବ୍ୟବଚ୍ଛେଦ କାରାଯାଇ ପୋତି ଦିଆଯାଇଛି। ଭାଲୁଟିର ମୃତ୍ୟୁ କିପରି ହେଲା, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ୩ରୁ ୪ ଦିନ ହେବ ମରିଥିବା ଅନୁମାନ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

# ଇଦ୍-ମିଲାଦୁନ୍-ନବୀ ପାଳିତ

କେନ୍ଦୁଝର/ଯୋଡ଼ା, ୨୬।୮ (ସମିସ): କେନ୍ଦୁଝର ସଦର ମହକୁମା ପୁରୁଣା ସହର ଜୁମ୍ମା ମସଜିଦରୁ ଏକ ବିଶାଳ ଜୁଲୁସ ସହର ପରିକ୍ରମା କରି ଶାନ୍ତି ସ୍ନେହ ଭାଇଚାରାର ବାର୍ତ୍ତା ପ୍ରଦାନ କରିଛି ଇଦ ମିଲାଦୁନ ନବୀର ପର୍ବ। ଆଜି ପ୍ରାତଃରୁ ମସଜିଦ ପରିସର ଉତ୍ସବ ମୁଖର ହୋଇପଡ଼ିଥିଲା। ମୁସଲମାନ ଭାଇମାନେ ସମବେତ ହୋଇ ହଜରତ ମହମ୍ମଦଙ୍କ ବାଣୀ ଶ୍ରବଣ କରିଥିଲେ। ଏହାପରେ ସମସ୍ତେ ଲଙ୍ଗରରେ ପ୍ରସାଦ ସେବନ କରି ଜୁଲୁସରେ ସାମିଲ ହୋଇଥିଲେ। ପୌର ଉପନଗରପାଳ ବରଦା ପ୍ରସନ୍ନ ଦାସ, କାଉନସିଲର ମିତାରାଣୀ ମହାନ୍ତି, ନିହାର ଦାସ, ବିଜେପି ନଗର ମଣ୍ଡଳ ସଭାପତି ଦିଲୀପ ପଣ୍ଡାଙ୍କ ସମେତ ବହୁସଂଖ୍ୟକ ହିନ୍ଦୁ ମୁସଲମାନ ବ୍ୟକ୍ତିବିଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଆଦାନପ୍ରଦାନ କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆକବର ଖାନ, ବାବର ଖାନ ଚିକୁ ଖାନ, ଜାକିର ହୁସେନ, ଉସମାନ ଖାନ, ଜବାର କୋରେଇସି, ହାଇଦର ଖାନ, ପାକି ଖାନ, ମୌଲାନା ଇର୍ସାଦ ଫଇଜି, ଗୁଡ୍ଡୁ କୋରେଇସି, ୱହାବ ଖାନ, ଆହଦ ଖାନ ସାମିଲ ଥିଲେ।

ସେହିପରି ଯୋଡ଼ା ସହରରେ ପବିତ୍ର ଇଦ୍-ମିଲାଦୁନ୍-ନବୀ ଅବସରରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପୁରୁଣା ମାର୍କେଟସ୍ଥିତ ମଦିନା ମସଜିଦ କମିଟି ପକ୍ଷରୁ ପୟଗମ୍ବର ହଜରତ ମହମ୍ମଦଙ୍କ ଜନ୍ମଦିନକୁ ସ୍ମରଣ କରି ଶ୍ରଦ୍ଧାଳୁମାନେ ଧାର୍ମିକ ପ୍ରାର୍ଥନା, ମିଲାଦ ଓ ନିଶା ନିବାରଣ, ବେଟି ପଢ଼ାଓ ବେଟି ବଚାଓ ପ୍ରଭୃତି ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏକ ସଭାରେ ଚମ୍ପୁଆ ଉପଜିଲ୍ଲାପାଳ ରମାକାନ୍ତ ପରିଡା ମୁଖ୍ୟଅତିଥି, ବଡ଼ବିଲ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ବିଡ଼ିଓ ଡାନିସ ବେହେରା, ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ, ଯୋଡ଼ା ଟ୍ରକ ମାଲିକ ସଙ୍ଘ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ ବାରିକ, ପୂର୍ବତନ ସମ୍ପାଦକ ରବିନାରାୟଣ ଦାସ, କାଉନସିଲର ବିଶ୍ୱରଞ୍ଜନ ବେହେରା, ନିହାର ରଞ୍ଜନ ରାଉତ, ପୂର୍ବତନ କାଉନସିଲର ଶୈଳେନ୍ଦ୍ର କୋରକ୍ଷ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁମାନେ ଶାନ୍ତି, ଭାଇଚାରା, ସମାଜରେ ସମ୍ପ୍ରୀତି ଓ ମାନବିକତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଦିନା ମସଜିଦ କମିଟି ସଭାପତି ଏମଡି ସୋଏବ ଖାଁ ପରିଚାଳନା କରିଥିବା ବେଳେ ସଦସ୍ୟ ଏମଡି ତାହିର, ଏମଡି ବେଲାଲ, ଅବଦୁଲ କଲାମ, ଜାଭେଦ ଏହମଦ, ମହତାବ ଆଲାମ, ସକିଲ ଏହମଦ, ଏମ ନସୀମ, ଅଫତାବ ଆଲାମ ଓ ୪ ନମ୍ବର ୱାର୍ଡ କାଉନସିଲର ଅବୁଲ ହୁସେନ ସହଯୋଗ କରିଥିଲେ।





● ବାଲେଶ୍ୱର ଜିଲ୍ଲା ବିଜେଡିରେ ପୁନର୍ଗଠନ ପ୍ରକ୍ରିୟା

## ଜୟନ୍ତ ଉପସଭାପତି ଓ ରବି, କରୁଣାକର, ମୁକ୍ତିକାନ୍ତ ସମ୍ପାଦକ



ଖଇରା, ୨୬।୮ (ସମିସ): ବାଲେଶ୍ୱର ଜିଲ୍ଲା ବିଜେଡିରେ ପୁନର୍ଗଠନ ପ୍ରକ୍ରିୟାରେ ଖଇରାରୁ ଜୟନ୍ତ କୁମାର ରାଉତଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ରାଉତଙ୍କ ସହ ବହୁ ପୂର୍ବତନ ଲୋକପ୍ରତିନିଧି ନିଜର ଶତାଧିକ ସମର୍ଥକଙ୍କ ସହ ଗତ ୧୭ ତାରିଖରେ ଭାଜପାରୁ ଇସ୍ତଫା ଦେବା ପରେ ବିଜେଡି ରେ ଯୋଗଦାନ କରିଥିଲେ। ମିଶିବାର ଅଳ୍ପଦିନ ମଧ୍ୟରେ ତାଙ୍କୁ ବିଜେଡି ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛି। ବିଜେଡି ଯେଉଁ ଦାୟିତ୍ୱ ତାଙ୍କୁ ପ୍ରଦାନ କରିଛି ସେ ନିଷ୍ଠାର ସହ ଏହି ଦାୟିତ୍ୱ ତୁଲାଇବେ। ବର୍ତ୍ତମାନ ଭାଜପା ଉପରେ ସାଧାରଣ ଲୋକଙ୍କ ଅସନ୍ତୁଷ୍ଟ ବଢ଼ିଚାଲିଛି। ଏଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ପଞ୍ଚାୟତ ସମିତି ଦଖଲ କରିବ ବୋଲି କହିଛନ୍ତି। ଉପସଭାପତି ପଦ ମିଳିଥିବାରୁ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲାର ସମସ୍ତ ବିଧାୟକ, ସାଙ୍ଗଠନିକ ପଦାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିଭଳି ବର୍ତ୍ତନାର ମୁକ୍ତିକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ କରୁଣାକର ଜେନା, ଗୋବିନ୍ଦପୁର ସମିତି ପରିଚାଳନା ବୋର୍ଡ ସଭାପତି ରବୀନ୍ଦ୍ର ବେହେରାଙ୍କୁ ଜିଲ୍ଲା ଟିମ୍‌ରେ ସମ୍ପାଦକ ପଦବୀରେ ଅଭିଷିକ୍ତ କରାଯାଇଛି।

# ଭୁଆବନ୍ଧର ପୁନଃନିର୍ମାଣ ସହ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଜରୁରୀ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୨୬।୮ (ସମିସ)

● ବନ୍ୟା ନିୟନ୍ତ୍ରଣ ଓ ଭୋଗରାଇର ସୁରକ୍ଷା ପାଇଁ ସ୍ଥାୟୀ ପଦକ୍ଷେପ ଦାବି

● ସହକାରୀ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟକ ଗୌତମବୁଦ୍ଧ ଦାସ



ସୁବର୍ଣ୍ଣରେଖା ନଦୀର ବନ୍ୟା ଓ ଜଳାବଦ୍ଧତାରୁ ଭୋଗରାଇ ଅଞ୍ଚଳକୁ ସୁରକ୍ଷିତ ରଖିବା ସହ ଆଗାମୀ ଦିନରେ ବନ୍ୟା ବିପର୍ଯ୍ୟୟକୁ ରୋକିବା ପାଇଁ ଐତିହାସିକ ଭୁଆବନ୍ଧର ସ୍ଥାୟୀ ସୁରକ୍ଷା ଓ ପୁନର୍ନିର୍ମାଣ ସହ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ତ୍ୱରାନ୍ୱିତ କରିବା ନେଇ ଦାବି ଜୋରଦାର ହୋଇଛି। ପ୍ରାୟ ୨୦୦ ବର୍ଷ ତଳେ ନିର୍ମିତ ଭୋଗରାଇର ଐତିହାସିକ ଭୁଆବନ୍ଧ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହେବା ପରେ ଏହାର ଦୀର୍ଘମିଆଦୀ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ବନ୍ଧରେ ସୃଷ୍ଟି ହୋଇଥିବା ଫାଟକୁ ତୁରନ୍ତ ମରାମତି କରାଯାଇଥିଲେ ମଧ୍ୟ ଏହା ସ୍ଥାୟୀ ସମାଧାନ ନୁହେଁ। ତେଣୁ ସମଗ୍ର ବନ୍ଧର ବୈଷୟିକ ଯାଞ୍ଚ, ଦୁର୍ବଳ ସ୍ଥାନ ଚିହ୍ନଟ ଏବଂ ଆବଶ୍ୟକ ସ୍ଥଳରେ ପୁନର୍ନିର୍ମାଣ ଓ ସୁଦୃଢ଼ୀକରଣ ଜରୁରୀ ବୋଲି ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ଜଳସମ୍ପଦ ବିଭାଗର ସହକାରୀ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବେଦପ୍ରକାଶ ମହାପାତ୍ରଙ୍କୁ ଭେଟି ଭୁଆବନ୍ଧର ସୁରକ୍ଷା ସମେତ ଭୋଗରାଇର ବନ୍ୟା ସମସ୍ୟା ନେଇ ବିସ୍ତୃତ ଆଲୋଚନା କରିବା ସହିତ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

ଏଥିସହିତ ମାନକୁଣ୍ଡାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ପ୍ରାୟ ୧୫ କିମି ଲମ୍ବା ବନ୍ଧର ସମ୍ପୂର୍ଣ୍ଣ ସ୍ଥିତି ଅନୁଧ୍ୟାନ ପାଇଁ ତୁରନ୍ତ ଏକ ବୈଷୟିକ ଟିମ୍ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଭୁଆବନ୍ଧର ସ୍ଥାୟୀ ସୁରକ୍ଷା ପାଇଁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ସହ ବନ୍ୟାଜଳର ଅତ୍ୟଧିକ ଚାପକୁ ପ୍ରତିହତ କରିବା ଲାଗି ବନ୍ଧର ଉତ୍ତର ପାର୍ଶ୍ୱରେ ଆବଶ୍ୟକ ସ୍ଥାନରେ କଂକ୍ରିଟ୍ ଗାର୍ଡୱାଲ୍ ନିର୍ମାଣ ପାଇଁ ବିଧାୟକ ଶ୍ରୀ ଦାସ ପ୍ରସ୍ତାବ ରଖିଛନ୍ତି। ଏହା ଦ୍ୱାରା ବନ୍ଧର ସୁରକ୍ଷା ବଢ଼ିବା ସହ ବନ୍ୟା ସମୟରେ ଭୋଗରାଇର ବିସ୍ତୃତ ଅଞ୍ଚଳକୁ ଜଳ ପ୍ରବେଶର ଆଶଙ୍କା ହ୍ରାସ ପାଇବ ବୋଲି ମତ ପ୍ରକାଶ ପାଇଛି। ସେହିପରି ଚଳିତ ବନ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ତଟବର୍ତ୍ତୀ ଅନେକ ରାସ୍ତା ଓ ସ୍ୱର୍ କ୍ଷତିଗ୍ରସ୍ତ ହୋଇଥିବାରୁ ସେଗୁଡ଼ିକର ତୁରନ୍ତ ମରାମତି ପାଇଁ ମଧ୍ୟ ବିଧାୟକ ଶ୍ରୀ ଦାସ ଦାବି କରିବା ସହିତ ଉତ୍ତର ଓ ଦକ୍ଷିଣ ଭୋଗରାଇରୁ ବନ୍ୟାଜଳ ଓ ବର୍ଷାଜଳ ଦ୍ରୁତ ନିଷ୍କାସନ ପାଇଁ ପୋତି ହୋଇଯାଇଥିବା କେନାଲଗୁଡ଼ିକର ପୁନଃଖନନ, ଆବଶ୍ୟକ ସ୍ଥାନରେ ନୂତନ କେନାଲ ଖନନ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ସମଗ୍ର ପୁନର୍ବିନ୍ୟାସ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭୋଗରାଇର ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ କେବଳ ତତ୍କାଳୀନ ମରାମତିରେ ସମ୍ଭବ ନୁହେଁ। ଏଥିପାଇଁ ନଦୀର ଗତିପଥ, ଜଳଧାରଣ କ୍ଷମତା, ପଙ୍କ ଜମା, ତଟବନ୍ଧର ସ୍ଥିତି ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ଏକ ସମନ୍ୱିତ ଓ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ଏହି ଦୃଷ୍ଟିରୁ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ପୁନର୍ବାର ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଦାବି ଜଣାଇଛନ୍ତି। ଏ ନେଇ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରି ଭୁଆବନ୍ଧର ସମ୍ପୂର୍ଣ୍ଣ ବୈଷୟିକ ଯାଞ୍ଚ, ପୁନର୍ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍, କଂକ୍ରିଟ୍ ଗାର୍ଡୱାଲ୍ ନିର୍ମାଣ, କ୍ଷତିଗ୍ରସ୍ତ ସ୍ୱର୍ ଓ ତଟବର୍ତ୍ତୀ ରାସ୍ତାର ମରାମତି, କେନାଲ ପୁନଃଖନନ ଏବଂ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ଆଗେଇ ନେବା ଭଳି ପଦକ୍ଷେପ ନେବାକୁ ବିଧାୟକ ଅନୁରୋଧ କରିଛନ୍ତି। ଭୋଗରାଇର ଲକ୍ଷାଧିକ ଲୋକଙ୍କ ଜୀବନ, ଜୀବିକା ଓ ଚାଷଜମିକୁ ବନ୍ୟା ବିପଦରୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପଗୁଡ଼ିକୁ ଆଉ ବିଳମ୍ବ ନକରି ଯୁଦ୍ଧକାଳୀନ ଭିତ୍ତିରେ ନେବା ଆବଶ୍ୟକ ବୋଲି ବିଧାୟକ ଗୌତମବୁଦ୍ଧ ଦାସ ଦାବି ଜଣାଇଛନ୍ତି। ଭୁଆବନ୍ଧର ସ୍ଥାୟୀ ସୁରକ୍ଷା ସହ ସୁବର୍ଣ୍ଣରେଖାର ସମଗ୍ର ସଂସ୍କାର ହିଁ ଭୋଗରାଇର ବନ୍ୟା ସମସ୍ୟାର ଦୀର୍ଘମିଆଦୀ ସମାଧାନର ପ୍ରମୁଖ ମାଧ୍ୟମ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ବନ୍ଧୁକ ଦେଖାଇ ଯୁବତୀଙ୍କଠାରୁ ମୋବାଇଲ ଲୁଟ୍

ସୋର, ୨୬।୮ (ସମିସ): ସୋର ଥାନା ହଦ ଗ୍ରାମ ନିକଟ ଜଙ୍ଗଲ ରାସ୍ତାରୁ ବନ୍ଧୁକ ଦେଖାଇ ଜଣେ ଯୁବତୀଙ୍କ ନିକଟରୁ ୩ ଜଣ ଦୁର୍ବୃତ୍ତ ମୋବାଇଲ ଲୁଟି ନେଇଥିବା ଜଣାପଡ଼ିଛି। ଔପଦା ଥାନା ଦୁର୍ଗାପୁର ଗ୍ରାମର ନମିତା ନାୟକ (୧୯) ଆଜି ମଧ୍ୟାହ୍ନରେ ସ୍କୁଟି ଯୋଗେ ସୋର ଆସୁଥିଲେ। କିନ୍ତୁ ହଦ ଗ୍ରାମ ନିକଟ ଜଙ୍ଗଲ ରାସ୍ତାରେ ମଙ୍ଗଳପୁର ଆଡୁ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କ ସ୍କୁଟିକୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କ ନିକଟରେ ଥିବା ମୋବାଇଲ ଟିକୁ ଲୁଟି ନେଇଥିଲେ। ନମିତା ଭୟରେ ଜଙ୍ଗଲ ମଧ୍ୟରେ ଛେଳି ଚରାଉଥିବା ଜଣେ ମହିଳାଙ୍କ ନିକଟକୁ ଦୌଡ଼ି ପଳାଇ ଯିବା ପରେ ସେମାନେ ତାଙ୍କ ସ୍କୁଟିର ମିରର, ଲାଇଟ କାଚ ଏବଂ ଇଣ୍ଡିକେଟର କାଚ ଭାଙ୍ଗି ଦେଇଥିଲେ। ଏହି ସମୟରେ ସେହି ରାସ୍ତାରେ ଏକ ଅଟୋ ଆସିଯିବାରୁ ଦୁର୍ବୃତ୍ତମାନେ ବାଇକରେ ସେଠାରୁ ଫେରାର ହୋଇଯାଇଥିଲେ। ମଙ୍ଗଳପୁର ଔପଦା ରାସ୍ତାରେ ବିସ୍ତୀର୍ଣ୍ଣ ଜଙ୍ଗଲ ଥିବାରୁ ପ୍ରତିଦିନ ଚୋରି, ଛିନତାଇ, ଲୁଟ ଆଦି ଘଟଣା ଘଟୁଛି। ତେଣୁ ପୁଲିସ ପାଟ୍ରୋଲିଂକୁ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି। ଏ ବାବଦରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଚୋରା ବାଲି, ପଥର ବୋଝେଇ ଗାଡ଼ି ଜବତ

ସୋର, ୨୬।୮ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ବାଲି ଏବଂ ପଥର ବୋଝେଇ ଗାଡି ଜବତ କରାଯାଇଛି। ସୋର ତହସିଲଦାର କୃଷ୍ଣମୋହନ ସିଂହଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ପୂର୍ବାହ୍ନରେ ଅଚାନକ ଦହିସଡା ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ପଥର ବୋଝେଇ ଡମ୍ପର ଏବଂ ବାଲି ବୋଝେଇ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ବାଲି ଏବଂ ପଥର ଚାଲାଣ କରାଯାଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ତହସିଲ ପରିସରରେ ରଖିଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ପାତ୍ରଙ୍କ ସମେତ ତହସିଲ କର୍ମଚାରୀମାନେ ସାମିଲ ଥିଲେ।

## ସାଜନପୁର ସମିତିସଭ୍ୟଙ୍କ ପରଲୋକ

ସୋର, ୨୬।୮ (ସମିସ): ବରିଷ୍ଠ ବିଜେଡି ନେତା ତଥା ସୋର ବ୍ଲକ ସାଜନପୁର ପଞ୍ଚାୟତର ସମିତିସଭ୍ୟ ଅଶୋକ ନାୟକଙ୍କର ହୃଦରୋଗ କାରଣରୁ ୬୫ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ହୋଇଛି। ସ୍ୱର୍ଗତ ନାୟକ ଗତ ଏକ ବର୍ଷରୁ ଅଧିକ ଦିନ ଧରି ହୃଦରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। ମାତ୍ର ଦୁଇଦିନ ତଳେ ପୁନଶ୍ଚ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅପରାହ୍ଣରେ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୋଳ ପରିବେଶରେ ତାଙ୍କ ଶବକୁ ଶୋଭାଯାତ୍ରାରେ ନିଆଯାଇ ସୋର ସହର ଓ ସାଜନପୁର ପଞ୍ଚାୟତ ପରିକ୍ରମା କରା ଯାଇଥିଲା। ଖବର ପାଇ ସୋର ବିଧାୟକ ମାଧବ ଧଡା, ପୁର୍ବତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଘର ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ସାୱନ କୁମାର ନାୟକ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାୟକ ବହୁ ଅନୁଷ୍ଠାନ ସହିତ ଜଡିତ ଥିବା ବେଳେ ଜଣେ ଦରଦୀ ଓ ଦକ୍ଷ ରାଜନେତା ଥିଲେ। ଏହା ବ୍ୟତିତ ସେ ରାଜ୍ୟ ସମିତିସଭ୍ୟ ସଙ୍ଘର ସମ୍ପାଦକ ଓ ଯାତ୍ରା ବିଶ୍ୱ ଦରବାର ଓ ଯାତ୍ରା ବାଦଶାହର ମୁଖ୍ୟ ଉପଦେଷ୍ଟା ମଧ୍ୟ ଥିଲେ।

## ବିଜେଡି ମାଇନରିଟି ସେଲର ନୂତନ ରାଜ୍ୟ ସମ୍ପାଦକ ଭାବେ ଶେଖ ଅବଦୁଲ ରହିମ ମନୋନୀତ



ଜଳେଶ୍ୱର, ୨୬।୦୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ଜନତା ଦଳ ମାଇନରିଟି ସେଲର ନୂତନ ରାଜ୍ୟ ସମ୍ପାଦକ ଭାବେ ଜଳେଶ୍ୱର ବିଜେଡି ଦଳର ବରିଷ୍ଠ ନେତା ଶେଖ ଅବଦୁଲ ରହିମ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଜଳେଶ୍ୱର ବିଜୁ ଜନତା ଦଳ ଜଳେଶ୍ୱର ଟାଉନ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଟାଉନ ସଭାପତି ସୁରଜିତ ଘୋଷ, କାଉନସିଲର ସେକ ସୈଫୁଦ୍ଦିନ, ଚିରରଞ୍ଜନ ମହାନ୍ତି, ସୁରଜ ଚୈରାସିଆ, ବିଜୟ କାମିଲା ପ୍ରମୁଖ ବହୁ ନେତା ଶେଖ ଅବଦୁଲ ରହିମଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ନୀଳଗିରି, ୨୬।୮ (ସମିସ): ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧାରକରି ସରକାରଙ୍କ ନୂତନ ଶିକ୍ଷାନୀତିରେ ଯୋଡ଼ି ହୋଇଥିବା ଶକ୍ତିଶ୍ରୀ, ଆତ୍ମସୁରକ୍ଷା ଓ ଷ୍ଟାର୍ଟଅପ ପରି ବିଭିନ୍ନ କାର୍ଯ୍ୟକ୍ରମର ସଚେତନତା ଶିବିର ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ଦକ୍ଷ ପ୍ରଶାସିକା ମନୋରମା ଭୂୟାଁ ଯୋଗଦେଇ ଆଜିର ଛାତ୍ରୀଙ୍କ



ମାନସିକତାର ଲକ୍ଷଣକୁ ବର୍ଣ୍ଣନା କରିବା ସହ ଉକ୍ତ ଯୋଜନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ମହିଳା କଲେଜର ଅଧ୍ୟକ୍ଷ ସତ୍ୟରଞ୍ଜନ ମିଶ୍ର, ଶକ୍ତିଶ୍ରୀ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ଡ. ଶିବାନୀ ଡଗର, ଷ୍ଟାର୍ଟ ଅଫ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ମଣିମାଳା ବିଶ୍ୱାଳ ଓ ମୌସୁମୀ ଭୋଳ ଉପସ୍ଥିତ ରହି ନିଜନିଜ ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପକ ଡ. ହରିପଦ ଦାଶ ମଞ୍ଚକୁ ଅତିଥିଙ୍କୁ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।


## ପିଏମ୍‌ଶ୍ରୀ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠରେ ମିନି ମାରାଥନ

ସୋର, ୨୬।୮ (ସମିସ): ସୋର ବ୍ଲକ ପାଖର ପିଏମ୍ ଶ୍ରୀ ଶ୍ୟାମ ସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଛାତ୍ରଛାତ୍ରୀ ଓ ପ୍ରାକ୍ତନ ଛାତ୍ର ସଂସଦର ସଦସ୍ୟ ମାନଙ୍କ ସହଯୋଗରେ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମାରାଥନକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଶୁକଦେବ ନାୟକ ମାରାଥନ୍ ଦୌଡ଼ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ପ୍ରତ୍ୟେକ ଦିନ ସକାଳ ସମୟରେ ଚାଲିବା ଓ ଦୌଡ଼ିବା ଆମକୁ ଅନେକ ରୋଗରୁ ମୁକ୍ତି ପାଇବା ପାଇଁ ସହାୟକ ହୋଇଥାଏ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସହିତ ୧୨୦ରୁ ଅଧିକ ଛାତ୍ରଛାତ୍ରୀ ଏହି ମାରାଥନ୍ ଦୌଡ଼ରେ ଅଂଶଗ୍ରହଣ କରିଥିଲେ।ଏହି ମାରାଥନ ବିଦ୍ୟାଳୟର ମୁଖ୍ୟ ଫାଟକ ଠାରୁ ଆରମ୍ଭ କରାଯାଇ ବାଳଙ୍ଗକୁ ଯାଇଥିବା ରାସ୍ତାରେ ୨କି. ମି. ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଶିକ୍ଷକ ସୁଶାନ୍ତ କୁମାର ଦାସ, କ୍ରୀଡ଼ା ଶିକ୍ଷକ ସୁଧାକର ଦାସ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସାଗରିକା ଜେନାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତାର ସହିତ ଅନୁଷ୍ଠିତ ହେଲା। ପ୍ରାକ୍ତନ ଛାତ୍ର ତଥା ସାରସ୍ୱତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ସେବା ନିବୃତ୍ତ ପ୍ରାଧ୍ୟାପକ ହରିହର ଦାସ ସମର ଶିକ୍ଷାର୍ଥୀ ବାହିନୀର ଉପାଦେୟତା ଓ ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ଛାତ୍ର ଶଙ୍କର୍ଷଣ ନାୟକ, ନୃସିଂହ ଚରଣ ମହାଳିକ, ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଦ୍ରୌପଦୀ ମହାନ୍ତି, ରଶ୍ମିତା ସାହୁ, ସସ୍ମିତା ପରିଡ଼ା, ଶୁଭସ୍ମିତା ଦଳେଇ, ସସ୍ମିତା ଦାସ, ଜୟଲଳିତା ପୋଇ, ସ୍ମୃତି ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଦେବାନନ୍ଦ ପ୍ରଧାନ, ପ୍ରଦୀପ ନନ୍ଦ ଓ ସୁରେଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ଆସୁଛନ୍ତି ବିଘ୍ନରାଜ

## ୧୮ ବର୍ଷରେ ବୁଜୁମ୍ ବଏଜ କ୍ଲବ

ବାଲେଶ୍ୱର, ୨୬।୮ (ସମିସ): ପାଖେଇ ଆସୁଛି ଗଣେଶ ପୂଜା। ଏବର୍ଷ ୧୮ ବର୍ଷ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ନିକଟ ବୁଜୁମ୍ ବଏଜ କ୍ଲବ। ଏଥିପାଇଁ ବଜେଟ ଓ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏବର୍ଷ ଲାଲବାଗ ଗଣେଶଙ୍କ ମୂର୍ତ୍ତି ନୂତନ ଶୈଳୀରେ ତିଆରି ହେବ ବୋଲି କ୍ଲବ ସମ୍ପାଦକ ମନୋହର ମହାନ୍ତି ସୂଚନା ମିଳିଛି। ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିଛି। ଏହି ମୂର୍ତ୍ତିକୁ ଶିଳ୍ପୀକାର ଚତୁର୍ଭୁଜ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ତିନି ଜଣ କାରିଗର ନିର୍ମାଣ କରୁଛନ୍ତି। ଏହି କ୍ଲବରେ ୪୦ ଜଣ ସଦସ୍ୟ ଥିବାବେଳେ ସେମାନଙ୍କ



ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଭାପତି ଦିନେଶ ପଣ୍ଡା, ଉପସଭାପତି ଦେବବ୍ରତ ଭୂୟାଁ, ଅଭିଷେକ ଧିର, ଶାନ୍ତନୁ ଚକ୍ରବର୍ତ୍ତୀ, ଶୁଭମ୍ ରାଉତ, ସିଦ୍ଧାର୍ଥ ସ, ଅସୀତ ମଲ୍ଲିକ, ସୌମ୍ୟରଞ୍ଜନ ଆଶ, ଗୌରବ ମିଶ୍ର, ସାତାଂଶୁ ମହାପାତ୍ର, ରାଜୀବ ପୃଷ୍ଟି, ସୌରଭ ବେହେରା, ଜୀବନ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖଙ୍କ ସହଯୋଗରେ ଶାନ୍ତି ଓ ଶୃଙ୍ଖଳାରେ ପୂଜା ଓ ବିସର୍ଜନ କରାଯାଇଥାଏ।

## ବାଲିଆପାଳରେ ମହମ୍ମଦ ଜୟନ୍ତୀ ପାଳିତ

ବାଲିଆପାଳ, ୨୬।୮ (ସମିସ): ଏହି ବ୍ଲକର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପକ୍ଷରୁ ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସଂଖ୍ୟାଲଘୁ ଭାଇମାନେ ସକାଳେ ବାଲିଆପାଳ ଜୁମା ମସଜିଦ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରା ବାହାରି ବାଲିଆପାଳ ଅଞ୍ଚଳରେ ଥିବା ତିନି ପୀର ବାବାଙ୍କୁ ଦର୍ଶନ କରିଥିଲେ। ଏହି ବାଇକ ରାଲି ଜୁମା ମସଜିଦରୁ ବାହାରି ପ୍ରଥମେ କଟୁଆପଡ଼ା ବଦିରୁଦ୍ଦିନ ପୀର ବାବାଙ୍କ ଅସ୍ଥାନ, ପରେ ବାସୁଦେବପୁର ଆରଫିନସା ପୀର ବାବା ଆସ୍ଥାନ ଓ ପରିଶେଷରେ କାଳରୁଇ ଜମାଲସା ପୀର ବାବାଙ୍କ ଆସ୍ଥାନକୁ ଯାଇ ସାମୁହିକ ଭାବରେ ପୀର ବାବାଙ୍କ ଦର୍ଶନ କରି ଶୋଭା ଯାତ୍ରା ଜୁମା ମସଜିଦକୁ ଫେରିଥିଲା। ସେହିପରି ସନ୍ଧ୍ୟାରେ ବାଲିଆପାଳ ବସ୍ତି, କଟୁଆପଡ଼ା ବସ୍ତି ଓ ଖାଗଡ଼ପାଳ, କୁହ୍ଲାଚଡ ବସ୍ତି ବାସିନ୍ଦା ମାନେ ଏକ ବିରାଟକାୟ ମକା ମଦିନା ସ୍ୱରୂପ ନିର୍ମାଣ କରି ଶୁଭାଯାତ୍ରାରେ ନିଜ ନିଜ ଅଞ୍ଚଳ ସହିତ ବାଲିଆପାଳ ବଜାର ପରିକ୍ରମା କରିଥଲେ। ଶାନ୍ତି ଶୃଙ୍ଖଳା ପାଇଁ ବାଲିଆପାଳ ପୁଲିସ ବିଭିନ୍ନ ଛକ, ବଜାର ଶୋଭା ଯାତ୍ରା ରେ ସଜାଗ ରହିଥିବାର ଦେଖିବାକୁ ମିଳିଥିଲା।

# କାମରେ ଲାଗୁନି 'ପ୍ରାଣୀ ଉଦ୍ଧାର ଯାନ'

ବାଲେଶ୍ୱର, ୨୬।୮ (ସମିସ)

ବାଲେଶ୍ୱର ସହରରେ ବୁଲା ପଶୁ ସମସ୍ୟାର ସମାଧାନ ପାଇଁ ପୌରପାଳିକା ପକ୍ଷରୁ ପ୍ରାଣୀ ଉଦ୍ଧାର ଯାନର ଶୁଭାରମ୍ଭ କରାଯାଇଛି। ଗତ ଅଗଷ୍ଟ ୧୫ ତାରିଖରେ ଏହି ଗାଡିର ଶୁଭାରମ୍ଭ ହୋଇଥିବା ବେଳେ ଏବେ ବି ପୌରପାଳିକା ପରିସରରେ ଛିଡା ହୋଇଛି। ପୌରପାଳିକାର ୪ ଜଣ କର୍ମଚାରୀ ଟ୍ରେନିଂ ନେବା ପରେ ଏହାର କାର୍ଯ୍ୟ ପୁରା ଦମରେ ଆରମ୍ଭ ହେବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ଏହି ଅତ୍ୟାଧୁନିକ ଯାନ କିଣାଯାଇଛି। ଏଥିରେ ହାଇଡ୍ରୋଲିକ୍ ଲିଫ୍ଟିଂ ବ୍ୟବସ୍ଥା ରହିଛି। ଏହି ଯାନ ମାଧ୍ୟମରେ ଆହତ, ଅସୁସ୍ଥ ଓ ଅସହାୟ ପ୍ରାଣୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ। ରାସ୍ତାଘାଟରେ ଦୁର୍ଘଟଣାରେ ପଡ଼ିଥିବା ଗାଈ, ବଳଦ ଏବଂ ଅନ୍ୟାନ୍ୟ ପଶୁଙ୍କୁ ମେଡିକାଲ କିମ୍ବା ଗୋଶାଳାକୁ ନିଆଯିବ। ବିଶେଷ କରି ଉତ୍ପାତ କରୁଥିବା ଓ ଅସୁସ୍ଥ ବୁଲା କୁକୁରଙ୍କୁ ଧରି ପଶୁ ଡାକ୍ତରଖାନାରେ ଚିକିତ୍ସା ଓ ବନ୍ଧ୍ୟାକରଣ କରାଯିବ। କୌଣସି ଜାଗାରେ ଅସହାୟ




ପଶୁ ଦେଖିଲେ ଗାଡି ଉପରେ ଲେଖାଥିବା ଟୋଲ୍ ଫ୍ରି ନମ୍ବର ୧୯୬୨ ଏବଂ ୭୦୦୮୬୭୬୦୩୭ ରେ ଯୋଗାଯୋଗ କରିପାରିବା ପାଇଁ ଗାଡ଼ିରେ ଉଲ୍ଲେଖ ରହିଛି। ରାସ୍ତା ଘାଟରେ ଦୁର୍ଘଟଣାରେ ପଡ଼ିଥିବା ଗାଈ, ବଳଦ, ଅନ୍ୟାନ୍ୟ ପଶୁଙ୍କୁ ଡାକ୍ତରଖାନାକୁ ନିଆଯିବ। ଏହି ଗାଡି ମାଧ୍ୟମରେ ଆହତ, ଅସୁସ୍ଥ ଓ ଅସହାୟ ପ୍ରାଣୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ।

ପ୍ରକାଶ ଥାଉ କି, ୨୧ତମ ପଶୁ ଗଣନା ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ ମୋଟ ବୁଲା ପଶୁଙ୍କ ସଂଖ୍ୟା ୪୮, ୭୮୦ ରେ ପହଞ୍ଚିଛି। ସେଥିମଧ୍ୟରୁ ୧୧, ୨୨୦ ବୁଲା ଗୋରୁଗାଈ ଓ ୩୭, ୫୬୦ ବୁଲା କୁକୁର ରହିଛନ୍ତି। ବର୍ତ୍ତମାନ ଜାତୀୟ ରାଜପଥଠୁ ଆରମ୍ଭ କରି ସହରର ରାସ୍ତାଘାଟରେ ବୁଲା କୁକୁର, ଗୋରୁଗାଈରେ ଭର୍ତ୍ତି ହୋଇଗଲାଣି। ପାଗଳ ଓ ଉତ୍ପାତ କରୁଥିବା କୁକୁରଙ୍କ ସଂଖ୍ୟା ମଧ୍ୟ ବଢୁଛି। ବିଭିନ୍ନ ସମୟରେ ଲୋକଙ୍କୁ କୁକୁର କାମୁଡି ଥିବାର ଘଟଣା ମଧ୍ୟ ଘଟିଛି। ତେଣୁ ତୁରନ୍ତ ଗୋଶାଳା ସ୍ଥାପନ, କାଞ୍ଜିଆହୁଦା ସକ୍ରିୟକରଣ ଏବଂ ବୁଲା ପଶୁ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ସ୍ଥାନୀୟ ଲୋକଙ୍କ ମତ, ପ୍ରାଣୀ ଉଦ୍ଧାର ଯାନ ଆସିବା ସ୍ୱାଗତଯୋଗ୍ୟ, ହେଲେ ଏହା କେବଳ ଶୋ' ପାଇଁ ନ ହୋଇ ନିୟମିତ କାମ କରିବା ଦରକାର। କେବଳ ଗାଡି କିଣିଲେ ହେବନି, ସହରରେ ଗୋଟେ ବଡ ଗୋଶାଳା ଓ କୁକୁରମାନଙ୍କ ପାଇଁ ସେଲଟର ସହ କାଞ୍ଜିଆହୁଦା ସକ୍ରିୟ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

● ମହିଳା ସରପଞ୍ଚଙ୍କ ଫଟୋ ପୋଷ୍ଟ କରି ଅଶ୍ଳୀଳ ମନ୍ତବ୍ୟ ଦେବା ଘଟଣା

## ଡିଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲା ଯୁବ କଂଗ୍ରେସ

ବାଲିଆପାଳ, ୨୬।୮ (ସମିସ): ଏହି ବ୍ଲକ ନୂଆଗାଁ ପଞ୍ଚାୟତର ମହିଳା ସରପଞ୍ଚଙ୍କ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଲେଖିଥିବା ସୋସିଆଲ ମିଡ଼ିଆ ବ୍ଲଗର ପିଣ୍ଟୁ ପ୍ରଧାନ ଓରଫ ଯଶୋବନ୍ତ ପ୍ରଧାନଙ୍କ ଗିରଫ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳ ଥାନା ସମ୍ମୁଖରେ ଅହୋରାତ୍ର ଧାରଣାରେ ମଙ୍ଗଳବାର ଠାରୁ ବସିଥିଲେ। ଆଜି ମଧ୍ୟାହ୍ନରେ ବାଲେଶ୍ୱର ଡିଏସପି ଚାନ୍ଦମଣି ସିଂ ଧାରଣା ସ୍ଥଳରେ ପହଞ୍ଚି ଯୁବ କଂଗ୍ରେସର ସମସ୍ତ ଅଭିଯୋଗ ଶୁଣିବା ପରେ ପ୍ରକୃତ ଦୋଷୀ ବିରୁଦ୍ଧରେ ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯୁବ କଂଗ୍ରେସର କର୍ମକର୍ତ୍ତା ମାନଙ୍କ ନାମରେ ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ ଏବଂ ତାଙ୍କ କର୍ମକର୍ତ୍ତା ମାନଙ୍କ ଦ୍ୱାରା ବାଲିଆପାଳ ଥାନାରେ ଦିଆଯାଇଥିବା ଏତଲା ଆଧାରରେ ହୋଇଥିବା ମିଥ୍ୟା କେଶକୁ ତଦନ୍ତ କରି ଖାରଜ କରିବା ସହିତ ଅଭିଯୁକ୍ତ ପିଣ୍ଟୁ ପ୍ରଧାନର ସୋସିଆଲ ମିଡ଼ିଆ ଆକାଉଣ୍ଟକୁ ବନ୍ଦ କରିବା ଭଳି ଦାବି ସବୁକୁ ଶୁଣିବା ପରେ ତଦନ୍ତ କରାଯାଇ ଆସନ୍ତା ୬ଦିନ ମଧ୍ୟରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଯୁବ କଂଗ୍ରେସ କର୍ମକର୍ତ୍ତା ମାନେ ଅହୋରାତ୍ର ଧାରଣା ପ୍ରତ୍ୟାହାର କରିଛନ୍ତି। ଏହି ସମୟରେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, କଂଗ୍ରେସ ନେତା ବିଜନ ନାୟକ, କଂଗ୍ରେସ ବ୍ଲକ ସଭାପତି ମୂରଲୀ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି



ଜଗନ୍ନାଥ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ରବିନାରାୟଣ ମହାନ୍ତି ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳା, ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ବାଲିଆପାଳ ବ୍ଲକ ସଂଖ୍ୟାଲଘୁ ସେଲର ସଭାପତି ସେକ କମିରୁଦ୍ଦିନ, ଯୁବ କଂଗ୍ରେସ ନେତା ଚନ୍ଦନ ରାଜ, ହୃଷିକେଶ ପଣ୍ଡା, କେଦାର ମହାନ୍ତି, ସୁଶାନ୍ତ ପାତ୍ର, ପ୍ରଶାନ୍ତ ଦାସ, ସୁଜୟ ପରିଡ଼ା, ନିମାଇଁ ବିଶ୍ୱାଳ, ସେକ ବାବୁ, ଅଜୟ ପାତ୍ରଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର।
- ନେଲ୍‌ସନ୍ ମାଣ୍ଡେଲା

## ମହିଳା ସଶକ୍ତୀକରଣର ନୂଆ ଅଧ୍ୟାୟ

ମିଶନ୍ ଶକ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରି ଜାତୀୟସ୍ତରରେ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶା ବୈଷୟିକ ଓ ପେସାଦାର କ୍ଷେତ୍ରରେ ମହିଳା ସଶକ୍ତୀକରଣରେ ପୁଣି ଏକ ନୂଆ ଅଧ୍ୟାୟ ଲେଖିଛି। କଟକ ଏସ୍‌ସିବି ମେଡିକାଲ୍ କଲେଜର ମୋଟ ୨୭ଟି ବିଭାଗରୁ ୨୦ଟିରେ ମହିଳା ବିଶେଷଜ୍ଞ ବିଭାଗୀୟ ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିବା ବେଳେ ଆସନ୍ତା ମାସରେ ଆଉ ଜଣେ ମହିଳା ବିଭାଗୀୟ ମୁଖ୍ୟ ଦାୟିତ୍ୱ ନେବେ। ଏହାକୁ ମିଶାଇ ୨୧ଟି ବିଭାଗରେ ମହିଳମାନେ ବିଭାଗୀୟ ମୁଖ୍ୟ ପଦ ମଣ୍ଡନ କରିବେ। ରକ୍ଷଣଶୀଳ ଓ ପୁରୁଷକୈନ୍ଦ୍ରିକ ସମାଜରେ ମହିଳା ସଶକ୍ତୀକରଣର ଏହି ଉପଲବ୍ଧି ଅବିସ୍ମରଣୀୟ। କିନ୍ତୁ ଏହା ଏକ ଆତ୍ମସନ୍ତୋଷର ମୁହୂର୍ତ୍ତ ହୋଇଥିଲେ ହେଁ ବିଶ୍ରାମ ନେବାର ସମୟ ଆସିନାହିଁ। ଆଗକୁ ଆହୁରି ଅନେକ ପଥ ଯିବାକୁ ରହିଛି।

ଭାରତରେ ମହିଳା ସଶକ୍ତୀକରଣର କାହାଣୀ ବେଶ୍ ଲମ୍ବା ଓ ସଂଘର୍ଷପୂର୍ଣ୍ଣ। ପରିବାର, ସମାଜ ଓ ସର୍ବୋପରି ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ଓ ଅବଦାନ ଅନସ୍ୱୀକାର୍ଯ୍ୟ। କିନ୍ତୁ ବିଡ଼ମ୍ବନା ହେଉଛି 'ମହିଳା ସଶକ୍ତୀକରଣ' ବଦଳରେ 'ମହିଳାଙ୍କୁ ଉପେକ୍ଷା ମାନସିକତାର ସଶକ୍ତୀକରଣ' ରାଜତନ୍ତ୍ରର ରୁଢ଼ିବାଦୀ ପ୍ରଥାରୁ ଆଜିର ସଭ୍ୟ, ଉନ୍ନତ ଓ ଉଦାରବାଦୀ ଗଣତନ୍ତ୍ର ପର୍ଯ୍ୟନ୍ତ ପ୍ରଚଳିତ ଓ ପରିବ୍ୟାପ୍ତ, ଯେଉଁଥିରୁ ଭାରତୀୟ ଗଣତନ୍ତ୍ର ମଧ୍ୟ ମୁକ୍ତ ନୁହେଁ। ଭାରତ ସମେତ କେତେକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଷ୍ଟ୍ର ଓ ଶାସନ ଦାୟିତ୍ୱ କ୍ୱଚିତ ମହିଳାଙ୍କ ହାତକୁ ଯାଇଥିଲେ ହେଁ ରାଜନୀତିରେ ପୁରୁଷ-ମହିଳା ଲିଙ୍ଗଗତ ବୈଷମ୍ୟ ଏବେ ମଧ୍ୟ ଉତ୍କଟ। ୨୦୨୫ ସେପ୍ଟେମ୍ବର ସୁଦ୍ଧା ପ୍ରାପ୍ତ ତଥ୍ୟାନୁଯାୟୀ ମହିଳାମାନଙ୍କୁ ରାଷ୍ଟ୍ରମୁଖ୍ୟ ଓ ଶାସନ ମୁଖ୍ୟ ଦେଇଥିବା ରାଷ୍ଟ୍ର ସଂଖ୍ୟା ଯଥାକ୍ରମେ ୧୯ ଓ ୨୨। ସାମଗ୍ରିକ ଭାବେ ମନ୍ତ୍ରିପରିଷଦରେ ମହିଳାଙ୍କ ପ୍ରତିନିଧିତ୍ୱ ବିଶ୍ୱରେ ମାତ୍ର ୨୨.୯%। ମନ୍ତ୍ରିମଣ୍ଡଳରେ ମହିଳାଙ୍କ ପ୍ରତିନିଧିତ୍ୱ ୫୦% ଥିବା ଦେଶ ସଂଖ୍ୟା ୫୦ରେ ସୀମିତ। ମାତ୍ର ୬ଟି ଦେଶର ସଂସଦରେ ମହିଳା ଜନପ୍ରତିନିଧି ହାର ୫୦%ରୁ ଊର୍ଦ୍ଧ୍ୱ; ୨୧ଟି ଦେଶରେ ୧୦%ରୁ ମଧ୍ୟ କମ୍; ତିନିଟି ଦେଶର ସଂସଦରେ ଆଦୌ ମହିଳା ପ୍ରତିନିଧି ନାହାନ୍ତି। ଏହି ଧାରା ଜାରି ରହିଲେ ରାଜନୀତିରେ ପୁରୁଷ-ମହିଳା ସମଭାଗିତା ଲକ୍ଷ୍ୟ ହାସଲ କରିବାକୁ ୧୩୦ ବର୍ଷ ଲାଗିଯିବ।



ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ନିର୍ବାଚନୀ ରାଜନୀତିର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିଛି, ଯେଉଁଥିରେ ମହିଳାମାନଙ୍କୁ 'ଭୋଟିଂ ମେସିନ୍' ଭାବେ ବିବେଚନା କରାଯାଇ ନିର୍ଦ୍ଦିଷ୍ଟ ଭାବେ ସେହି ବର୍ଗ ପାଇଁ ବିଭିନ୍ନ କଲ୍ୟାଣମୂଳକ ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଘୋଷଣା କରାଯାଉଛି। ସେଥିରେ ସଫଳତା ମଧ୍ୟ ମିଳୁଛି। ଅଥଚ ପ୍ରତ୍ୟକ୍ଷ ରାଜନୀତିରେ ସେମାନଙ୍କ ପାଇଁ ଥିବା ସୁଯୋଗଟିକୁ ସମ୍ପ୍ରସାରିତ କରିବାରେ ଉଦ୍ଦେଶ୍ୟମୂଳକ ଅବହେଳା କରାଯାଉଛି। କେବଳ ତାମିଲ୍‌ନାଡୁର ଏନ୍‌ଟିକେ(୫୦%), ବିହାରର ଏଲ୍‌ଜେପି ଓ କଂଗ୍ରେସ(୪୦%), ବିହାରର ଆରଜେଡି (୨୯%), ଝାଡ଼ଖଣ୍ଡର ଜେଏମ୍‌ଏମ୍ ଓ ଓଡ଼ିଶାର ବିଜେଡି(୩୩%) ଲେଖାଏଁ ମହିଳା ପ୍ରାର୍ଥୀଙ୍କୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ଦେଇଛନ୍ତି।

ଭାରତୀୟ ବିଧାନପାଳିକାରେ ମହିଳାଙ୍କ ସଶକ୍ତୀକରଣ ପଥରେ ଥିବା ପ୍ରମୁଖ ବାଧକଗୁଡ଼ିକ ମଧ୍ୟରେ ପାରିବାରିକ ଦାୟିତ୍ୱ ବୋଝ, ପରିବାର ସଦସ୍ୟଙ୍କ ସମର୍ଥନ କୁଣ୍ଠା, ଶିକ୍ଷାରେ ଲିଙ୍ଗଗତ ଓ ଆର୍ଥିକ ବୈଷମ୍ୟ, ସର୍ବୋପରି ରାଜନୈତିକ ଦଳମାନଙ୍କ ଇଚ୍ଛାଶକ୍ତିର ଅଭାବ ଆଦି ରହିଛି। ଏହାଛଡ଼ା ଭାରତରେ ସାମ୍ପ୍ରତିକ ଅର୍ଥବଳ ଓ ବାହୁବଳ କବଳିତ ନିର୍ବାଚନ ରଣାଙ୍ଗନ ମହିଳାମାନଙ୍କ ପାଇଁ ଏକ ନିଷିଦ୍ଧ ଓ ଆତଙ୍କିତ ଇଲାକାରେ ପରିଣତ ହୋଇଛି। ତେଣୁ ରାଜନୈତିକ ଦଳମାନେ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ବିପଦ ଓ ଅନିଶ୍ଚିତତା ବରଣ କରିବାକୁ କିମ୍ବା ସାମ୍ବିଧାନିକ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉନାହାନ୍ତି।

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ କଟକ ଏସ୍‌ସିବି ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଇଛି। ଏଥିସହିତ ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦%। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା। ଭାରତୀୟ ଭେଷଜ ଗବେଷଣା ପରିଷଦ, ଜାତୀୟ ଭୂତାଣୁ ଗବେଷଣା ଅନୁଷ୍ଠାନ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଆଦିରେ କାର୍ଯ୍ୟରତ ମହିଳା ବିଶେଷଜ୍ଞ ଓ ବୈଜ୍ଞାନିକମାନେ ସାର୍ସ ଓ କୋଭିଡ୍-୧୯ର ଟିକା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଇସ୍ରୋର ଗୁରୁତ୍ୱପୂର୍ଣ୍ଣ ଏକାଧିକ ମିଶନ୍‌ରେ 'ମିଶନ୍ ଡାଇରେକ୍ଟର' ଭାବେ ମହିଳାମାନେ ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି। ଏହି ଧାରା ଜାରି ରହିଲେ ସ୍ୱାଧୀନତାର ଅମୃତକାଳରେ ମହିଳାମାନେ ହେବେ ମୁଖ୍ୟ ଚାଳକ। ●

## ଡାକ୍ତର-ରୋଗୀ ବିବାଦ: ଦାୟୀ କିଏ?

**ଡକ୍ଟର ଅବଶ ପରିଡ଼ା**

ଭାରତରେ ଡାକ୍ତର-ରୋଗୀ ସମ୍ପର୍କ କେବଳ ଏକ ଚିକିତ୍ସାଗତ ପାରସ୍ପରିକ କ୍ରିୟା ନୁହେଁ; ବରଂ ଏହା ବିଶ୍ୱାସ, ଯୋଗାଯୋଗ, ସହାନୁଭୂତି, ବୃତ୍ତିଗତ ଦକ୍ଷତା ଏବଂ ଆଶା ଉପରେ ନିର୍ମିତ ଏକ ସାମାଜିକ ସମ୍ପର୍କ। ପାରମ୍ପରିକ ଭାବରେ, ରୋଗୀମାନେ ପ୍ରାୟତଃ ଡାକ୍ତରମାନଙ୍କୁ ମାର୍ଗଦର୍ଶକ ଭାବରେ ମାନନ୍ତି। ବିଗତ କିଛିବର୍ଷ ହେଲାଣି ଘରୋଇ ସ୍ୱାସ୍ଥ୍ୟସେବାର ପ୍ରସାର, ବର୍ଦ୍ଧିତ ଚିକିତ୍ସା ଖର୍ଚ୍ଚ, ଇଣ୍ଟରନେଟ୍-ଆଧାରିତ ସ୍ୱାସ୍ଥ୍ୟ ସୂଚନା, ରୋଗୀ ଅଧିକାର, ସାମାଜିକ ଗଣମାଧ୍ୟମ ଏବଂ ଚିକିତ୍ସା ଅବହେଳା ପ୍ରତି ଅଧିକ ସଚେତନତା ଭଳି ଉପାଦାନର ବୃଦ୍ଧି ଘଟିଛି। ଫଳସ୍ୱରୂପ ଡାକ୍ତର ଓ ରୋଗୀ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ରୋଗୀମାନେ ଡାକ୍ତରଙ୍କ ଠାରୁ ସ୍ୱଚ୍ଛତା, ତୁରନ୍ତ ଫଳାଫଳ ଏବଂ ବିସ୍ତୃତ ବ୍ୟାଖ୍ୟାକୁ ଆଶା କରୁଛନ୍ତି। ସେହିପରି ଡାକ୍ତରମାନେ ଭିଡ଼ ପରିପୂର୍ଣ୍ଣ ହସ୍ପିଟାଲ, ସୀମିତ ସମ୍ବଳ, ପ୍ରଶାସନିକ ଦାୟିତ୍ୱ ଏବଂ ଭାବପ୍ରବଣ ଭାବରେ କଷ୍ଟକର ମାମଲା ସହିତ ସାଂଘାତିକ କାର୍ଯ୍ୟଚାପରେ କାମ କରୁଛନ୍ତି।
ଛଅଶହ ଡାକ୍ତରଙ୍କୁ ନେଇ ହୋଇଥିବା ଦେଶବ୍ୟାପୀ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୭୭% ଡାକ୍ତର କାର୍ଯ୍ୟକ୍ଷେତ୍ରରେ ହିଂସାର ସମ୍ମୁଖୀନ ହୋଇଛନ୍ତି। ଏହାର ଦୁଇଟି ପ୍ରମୁଖ କାରଣ ଥିଲା - ରୋଗୀଙ୍କ ଅବସ୍ଥାର ଉନ୍ନତି ନ ହେବା ଏବଂ ଭୁଲ ଚିକିତ୍ସାର ସନ୍ଦେହ। ଏଠି ସୂଚେଇ ଦେବାକୁ ଚାହେଁ ଯେ ଡାକ୍ତରଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲାର ଅଶି ପ୍ରତିଶତରୁ ଅଧିକ କ୍ଷେତ୍ରରେ ମୁଖ୍ୟ ଅପରାଧୀ ସମ୍ପର୍କୀୟମାନେ ହିଁ ଥିଲେ। ଏହାର ଦୁଇଟି ବିଚାରଧାରା ଅଛି। ପ୍ରଥମ, ଡାକ୍ତର ମହଲ ଅନୁଯାୟୀ ଏହି ଯୋଗାଯୋଗ ବ୍ୟବଧାନ ପାଇଁ ପ୍ରଥମେ କାର୍ଯ୍ୟଚାପ ଏବଂ ଦ୍ୱିତୀୟରେ ରୋଗୀର ବୁଝିବା ଶକ୍ତି ହିଁ ଦାୟୀ। ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଏବଂ ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍‌ର ୨୦୨୬ ସର୍ବେକ୍ଷଣ ଦର୍ଶାଉଛି ଯେ ଭାରତରେ ପ୍ରାୟ ୮୮% ରେସିଡେଣ୍ଟ ଡାକ୍ତର ଗୁରୁତର ନିଦ୍ରା ଅଭାବ ଓ ଚାପର ଶିକାର ହେଉଛନ୍ତି। ସପ୍ତାହରେ ୮୦ ଘଣ୍ଟାରୁ ଅଧିକ ସମୟ ଏବଂ ଅନେକ ସମୟରେ ୨୪ ରୁ ୩୬ ଘଣ୍ଟା ନିରନ୍ତର ସିଫ୍ଟରେ କାମ କରିବାକୁ ବାଧ୍ୟ କରାଯାଉଛି। ଡାକ୍ତରୀ ସଂଗଠନଗୁଡ଼ିକ ବାରମ୍ବାର କାର୍ଯ୍ୟ ଘଣ୍ଟା ସୀମା, କର୍ମକ୍ଷେତ୍ରରେ ହିଂସା ବିରୁଦ୍ଧରେ ବର୍ଦ୍ଧିତ ସୁରକ୍ଷା ଏବଂ ଅତ୍ୟଧିକ ଅଣ-ଡାକ୍ତରୀ କାଗଜପତ୍ରରୁ ପ୍ରଶାସନିକ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି।

ଏଥର ରୋଗୀଙ୍କ କଥା ଆଲୋଚନା କରିବା। ଏଠାରେ ଡାକ୍ତରଖାନାରେ ହେଉଥିବା ଦୁଇଟି ବିବାଦ ଓ ସ୍ଥାନ ବିଷୟରେ ଜାଣିବା। ଜରୁରୀକାଳୀନ ବିଭାଗ ଓ ଆଇସିୟୁରେ ପ୍ରଥମେ ସବୁଠାରୁ ଗୁରୁତର ରୋଗୀଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଏ। ଯେହେତୁ କର୍ମଚାରୀମାନଙ୍କ ପାଖରେ ଅପେକ୍ଷା କରିଥିବା ପରିବାରକୁ ଏହି ପ୍ରାଥମିକତା ବୁଝାଇବା ପାଇଁ ସମୟ ବହୁତ କମ୍ ଥାଏ, ତେଣୁ ପାଖରେ ଥିବା ଲୋକମାନେ ଏହି ଅପେକ୍ଷାକୁ ଜାଣିଶୁଣି ପ୍ରଶାସନିକ ଅବହେଳା ଭାବରେ ବ୍ୟାଖ୍ୟା କରନ୍ତି। କଲିକତାରେ ହୋଇଥିବା ଏକ ସର୍ବେକ୍ଷଣରେ ଡାକ୍ତରମାନେ ଅଭିଯୋଗ କରିଥିଲେ ଯେ ରୋଗୀମାନେ ଏବେ ଡାକ୍ତରୀ ଶବ୍ଦର ବ୍ୟବହାର ବହୁଳ ଭାବେ କରୁଛନ୍ତି। ଇଂରାଜୀରେ ଶୂନ୍ୟଜ୍ଞାନ କିମ୍ବା ଆନୁଷ୍ଠାନିକ ଶିକ୍ଷା ଥିବା ରୋଗୀମାନେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଇଂରାଜୀ ଡାକ୍ତରୀ ଶବ୍ଦ ବହୁଳ ଭାବରେ ବ୍ୟବହାର କରନ୍ତି। ଏହାର କାରଣ ହେଉଛି ଯେ ଏସବୁର କୌଣସି ବ୍ୟବହୃତ କଥନୀୟ ସମାନ ଶବ୍ଦ ନାହିଁ। କିଛି ବହୁଳ ବ୍ୟବହାର ଶବ୍ଦ ହେଉଛି ବିପି, ସୁଗାର, ଡାଇବେଟିସ, ଗ୍ୟାସ, ଏସିଡିଟି, ଟେନସନ, ଡିପ୍ରେସନ, ସାଲାଇନ ଇତ୍ୟାଦି। ଏହାବ୍ୟତୀତ ରୋଗୀମାନେ ସମ୍ପୂର୍ଣ୍ଣ ଭୁଲ ପରିଭାଷା ସହିତ ବୈଷୟିକ ଶବ୍ଦ ବ୍ୟବହାର କରିବା ଦ୍ୱାରା ସାଂଗଠନିକ ଦ୍ୱନ୍ଦ୍ୱ ସହିତ ଯୋଗାଯୋଗ ବ୍ୟବଧାନ ବଢୁଛି ବୋଲି କିଛି ଗବେଷଣା ଉଲ୍ଲେଖ କରିଛନ୍ତି। ଉଦାହରଣ ସ୍ୱରୂପ ବ୍ଲକେଜ୍, ସଂକ୍ରମଣ ବା ଇନଫେକ୍ସନ, ଟ୍ୟୁମର, ରିଆକସନ ଆଦି ଶବ୍ଦର ବ୍ୟବହାର ରୋଗୀମାନେ ଯିଏ ଯେମିତି ପାରିଲା ନିଜ ଭାଷାରେ ବ୍ୟବହାର କରୁଛନ୍ତି।

ଏପରି ବି ଅଭିଯୋଗ ହୁଏ ଯେ ନିର୍ଦ୍ଦିଷ୍ଟ ଜଟିଳ ଚିକିତ୍ସା ପଛର ଡାକ୍ତରଙ୍କ ଯୁକ୍ତି ବୁଝିବାକୁ କିଛିକ୍ଷେତ୍ରରେ ରୋଗୀ ଅସମର୍ଥ। ତେଣୁ ସେମାନଙ୍କର ଚିକିତ୍ସା ପ୍ରକ୍ରିୟାକୁ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ କଥା। ସେହିପରି ରୋଗର ଲକ୍ଷଣ ଓ ରୋଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ସଠିକ୍ ଭାବରେ ବର୍ଣ୍ଣନା କରିବାରେ ମଧ୍ୟ ରୋଗୀମାନେ କିଛି ଯାଗାରେ ବିଫଳ ହୁଅନ୍ତି। ଏହାର ମୁଖ୍ୟକାରଣ ହେଉଛି ସ୍ୱାସ୍ଥ୍ୟ ସାକ୍ଷରତା। ଭାରତରେ ସ୍ୱାସ୍ଥ୍ୟ ସାକ୍ଷରତା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଆହ୍ୱାନ। ଏହାଦ୍ୱାରା ସଠିକ ଚିକିତ୍ସା ସୂଚନା ପାଇବାରେ ବ୍ୟାପକ ବ୍ୟବଧାନ ହେଉଛି। ତାହା ସହିତ ଅନଲାଇନ୍‌ରୁ ଭୁଲ ସୂଚନା ମଧ୍ୟ ମିଳୁଛି। ଅଭିଯୋଗ ଏହା ବି ହେଉଛି ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତର ସାମାଜିକ-ଆର୍ଥିକ ଅସମାନତା ପାଇଁ ସ୍ୱାସ୍ଥ୍ୟ ସାକ୍ଷରତା ଦାୟୀ। ସଂକ୍ଷେପରେ ବୁଝିବାକୁ ହେଲେ କମ୍ ସ୍ୱାସ୍ଥ୍ୟ ସାକ୍ଷରତା ଯୋଗୁଁ ରୋଗୀ ବା ସମ୍ପର୍କୀୟ ବିଳମ୍ବରେ ଡାକ୍ତରଖାନା ପରିଦର୍ଶନ କରନ୍ତି। ଏହାଦ୍ୱାରା ରୋଗ ଚିହ୍ନଟରେ ଡେରି ହୁଏ ଏବଂ ଖର୍ଚ୍ଚ ତିନି ଗୁଣ ହୁଏ। ଯାହାଦ୍ୱାରା ବ୍ୟକ୍ତିଟି ଋଣ ଫାଶରେ ପଡ଼ିଯାଏ। ଏକ ଆକଳନରୁ ଜଣାପଡ଼ିଛି ଯେ ଭାରତରେ ୬୦% ରୋଗୀ ନିଜ ରୋଗ ଓ ଚିକିତ୍ସାକୁ ବୁଝିବା ପାଇଁ ସଂଘର୍ଷ କରୁଛନ୍ତି। ସାମାନ୍ୟ ଲାଗୁଥିଲେ ବି ଏହା ଯୋଗୁଁ ରୋଗ ନିବାରଣ, ଦୀର୍ଘକାଳୀନ ଯତ୍ନ ପରିଚାଳନା ଏବଂ ସ୍ୱାସ୍ଥ୍ୟ ଫଳାଫଳ ଅତ୍ୟନ୍ତ ପ୍ରଭାବିତ ହେଉଛି। ଅପରପକ୍ଷରେ ଯୋଗାଯୋଗରେ ଫାଟ ପାଇଁ ଡାକ୍ତର ଓ ସେବା ବ୍ୟବସ୍ଥାକୁ ଉତ୍ତରଦାୟୀ କରିଛନ୍ତି ରୋଗୀ ଓ ସମ୍ପର୍କୀୟ ମହଲ। ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ଅନୁଯାୟୀ ୬୧% ରୋଗୀ ଡାକ୍ତର ପରାମର୍ଶ ସମୟରେ ହେଉଥିବା ବାର୍ତ୍ତାଳାପ ପର୍ଯ୍ୟାପ୍ତ ନୁହେଁ ଏବଂ ସେଥିରେ ସେମାନେ ସନ୍ତୁଷ୍ଟ ନୁହନ୍ତି ବୋଲି ଉଲ୍ଲେଖ କରିଛନ୍ତି। ସମୟ ଅଭାବ ହେଉ ବା ଅଧିକ ରୋଗୀ ଦେଖିବା ଆଳରେ ଡାକ୍ତରଙ୍କ ତରବରିଆ ପରାମର୍ଶ ହିଁ ରୋଗୀ ଅସହମତିର ମୂଳକାରଣ।

ରୋଗୀଙ୍କ ପରିଚାରକମାନେ ପୂର୍ବ ସତର୍କତା ବିନା ଦୁଇଟି କଥାର ସମ୍ମୁଖୀନ ହୋଇଥା'ନ୍ତି। ଯଥା ଅପ୍ରତ୍ୟାଶିତ ଚିକିତ୍ସା ବିଲ୍ କିମ୍ବା ହଠାତ୍ ରୋଗୀଙ୍କ ସ୍ୱାସ୍ଥ୍ୟ ଅବନତି। ଅନେକ ସମୟରେ ଦେଖାଯାଇଛି ଯେ ଡାକ୍ତରମାନେ ଆର୍ଥିକ ଦାୟିତ୍ୱ କିମ୍ବା ସ୍ୱାସ୍ଥ୍ୟ ଖରାପର ପୂର୍ବାନୁମାନ ବିଷୟରେ ପ୍ରାରମ୍ଭିକ ସୂଚନା ଦିଅନ୍ତି ନାହିଁ। ଫଳସ୍ୱରୂପ ଭାବପ୍ରବଣ ଏବଂ ଆର୍ଥିକ ଆଘାତ ଯୋଗୁଁ ରୋଗୀ ଓ ଡାକ୍ତର ମଧ୍ୟରେ ହିଂସାତ୍ମକ ଉତ୍ତେଜନା ସୃଷ୍ଟି ହୁଏ। ଅବଶ୍ୟ କେବଳ ବାର୍ତ୍ତାଳାପ ବିନିମୟର ବ୍ୟବଧାନ ନୁହେଁ ବରଂ ଅନେକ ସମୟରେ ସହାନୁଭୂତି, ଅନୁକମ୍ପା ଓ ସକରାତ୍ମକ ପରିବେଶର ଅଭାବ ଦ୍ୱାରା ରୋଗୀମାନେ ନିଜକୁ ଅଣଦେଖା, ଅଶୁଣା ଓ ଅବହେଳିତ ଅନୁଭବ କରିବା ସହ ଡାକ୍ତରମାନଙ୍କୁ ଅବ୍ୟକ୍ତିଗତ ଭାବରେ ମଧ୍ୟ ବିବେଚନା କରନ୍ତି।

ଏମ୍ବର ଏକ ଅଧ୍ୟୟନ ଅନୁଯାୟୀ କେବଳ ସ୍ପଷ୍ଟ ଓ ସହାନୁଭୂତିପୂର୍ଣ୍ଣ ପରିବେଶ ଦ୍ୱାରା ରୋଗୀମାନଙ୍କର ଚିକିତ୍ସା ସମ୍ବନ୍ଧୀୟ ନିୟମ ପାଳନ କରିବାର ସମ୍ଭାବନା ୨.୫ ଗୁଣ ଅଧିକ ହୋଇଯାଏ। କିନ୍ତୁ ଏହାର ବିପରୀତ ମାମଲାରେ ରୋଗୀମାନେ ଦ୍ୱିତୀୟ ଡାକ୍ତରଙ୍କ ମତାମତ ଲୋଡ଼ିଥା'ନ୍ତି କିମ୍ବା ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ କରିଦିଅନ୍ତି। ତେଣୁ ଚିକିତ୍ସା ସହିତ ପରାମର୍ଶରେ ମଧ୍ୟ ଏକ ମାନବିକ ସ୍ପର୍ଶର ଆବଶ୍ୟକତା ଅଛି। ଦୁଇ ବିଚାରଧାରାକୁ ଆଧାର କରି ସମାଜବିଜ୍ଞାନୀ ମାନେ କିଛି ଯୁକ୍ତି ଦିଅନ୍ତି। ସେମାନଙ୍କ ମତରେ ଡାକ୍ତରୀ ଶିକ୍ଷାରେ ଆନ୍ତଃବ୍ୟକ୍ତିଗତ ଯୋଗାଯୋଗକୁ କମ୍ ଏବଂ ନିଦାନ ଓ ଚିକିତ୍ସା ଦକ୍ଷତାକୁ ଅଧିକ ପ୍ରାଥମିକତା ଦିଆଯାଏ। ପ୍ରକାଶିତ କିଛି ରିପୋର୍ଟ କୁହେ ଯେ ଯୁବ, କମ୍ ଅଭିଜ୍ଞ, ଡାକ୍ତରମାନେ ହିଂସାର ସବୁଠାରୁ ଅଧିକ ସମ୍ମୁଖୀନ ହୁଅନ୍ତି। ଦ୍ୱନ୍ଦ୍ୱ ସମାଧାନ କିମ୍ବା ଖରାପ ଖବର ପ୍ରଦାନ କରିବାରେ ଆନୁଷ୍ଠାନିକ ତାଲିମର ଅଭାବ ହେଉଛି ଅନ୍ୟତମ କାରଣ। ସେହିପରି ରୋଗୀ ଏବଂ ସେମାନଙ୍କ ପରିବାର ସ୍ୱାସ୍ଥ୍ୟ ସାକ୍ଷର ହେବା ଅତ୍ୟନ୍ତ ଜରୁରୀ। ଦୁଃଖର ବିଷୟ ହେଉଛି ଯେ ଡାକ୍ତର - ରୋଗୀ ସମ୍ପର୍କର ବ୍ୟବଧାନ ଡାକ୍ତରଙ୍କ ବିରୋଧରେ ହିଂସାରେ ପରିପ୍ରକାଶ ହେଉଛି। ତେଣୁ ଯୋଗାଯୋଗ ପାଇଁ କିଛି ମାନକ ଢାଞ୍ଚା ବିକଶିତ କରିବାର ଆବଶ୍ୟକତା ଅଛି, ଯାହାଦ୍ୱାରା ରୋଗ ନିର୍ଣ୍ଣୟ ଓ ଚିକିତ୍ସା ବିକଳ୍ପର ସ୍ପଷ୍ଟୀକରଣ ସୁନିଶ୍ଚିତ ହୋଇପାରିବ। ଏହାଦ୍ୱାରା କେବଳ ରୋଗୀଙ୍କ ସନ୍ତୋଷ ନୁହେଁ, ବରଂ ଡାକ୍ତରୀ ବୃତ୍ତିର ବିଶ୍ୱାସ ଓ ମର୍ଯ୍ୟାଦା ମଧ୍ୟ ପୁନରୁଦ୍ଧାର ହେବ ବୋଲି ଆଶା। ●

ଭୁବନେଶ୍ୱର,
ମୋ: ୮୪୫୬୮୭୯୫୨୨

## ରାଜନୀତିରେ ନୈତିକ ଶୃଙ୍ଖଳା

**ସରୋଜ କାନ୍ତ ଚୌଧୁରୀ**

ଆଜିର ସମୟରେ ମନେହେଉଛି ଯେପରିକି ରାଜନୀତି ତା'ର ଆତ୍ମିକ ସତ୍ତା ହରାଇବସିଛି। କୌଣସି ସଠିକ ଆଦର୍ଶ ବିହୀନ ନେତୃତ୍ୱ, ନିର୍ବାଚନକୁ ଆଖିରେ ରଖି ଦଳଗଠନ ବା ବିଭକ୍ତ, କ୍ଷମତାକୈନ୍ଦ୍ରିକ ମୂଳଚାଲ ଶାସନ ବ୍ୟବସ୍ଥାକୁ ସେବା ନୁହେଁ ମନୋମୁଗ୍ଧକର ଦୃଶ୍ୟରେ ପରିଣତ କରିଦେଇଛି। ଯେତେବେଳେ ମାନସିକ ମୂଲ୍ୟବୋଧକୁ ବଳି ପକାଯାଏ, ନୀତି ନୈତିକତା ସୁବିଧାବାଦ ମଧ୍ୟରେ ବିଲୀନ ହୋଇପଡ଼େ ସେତେବେଳେ ସାମାଜିକତାର ବିଘଟନ ଘଟିଥାଏ। ଏହିଭଳି ସମୟରେ ଆରିଷ୍ଟୋଟଲ ବା ଚାଣକ୍ୟଙ୍କ ଦର୍ଶନ ସବୁକୁ ଅଧ୍ୟୟନ ଓ ବିଶ୍ଳେଷଣ କରାଯିବା ଆବଶ୍ୟକ। କାରଣ ଏହିଭଳି ଦର୍ଶନ ଶାସନ ବ୍ୟବସ୍ଥାକୁ ନୈତିକ ତଥା ଆଧ୍ୟାତ୍ମିକ ଚେତନାତ୍ମକ ଭାବନା ସମ୍ବଳିତ ପବିତ୍ର ଦାୟିତ୍ୱ ମଧ୍ୟରେ ପରିଗଣନା କରିଥାଏ।

ଆରିଷ୍ଟୋଟଲଙ୍କ ମତରେ ପ୍ରାଚୀନ ଗ୍ରୀକ୍ ସଭ୍ୟତାରେ ପୁଲିସ୍ ବା ନଗର ରାଜ୍ୟ ଏକ ଏକ ରାଜନୈତିକ ଅନୁଷ୍ଠାନ କେବଳ ମାତ୍ର ନଥିଲେ ବରଂ ଏହା ସବୁ ନୈତିକତାର କେନ୍ଦ୍ର ଭାବେ ଅଧିଷ୍ଠିତ ଥିଲେ। ତାଙ୍କ ରଚିତ ପ୍ରସିଦ୍ଧ ଗ୍ରୀକ୍ ଗ୍ରନ୍ଥରେ ସେ ଲେଖିଛନ୍ତି 'ମଣିଷ ତା' ଜନ୍ମ ପ୍ରକୃତିରୁ ଏକ ରାଜନୈତିକ ପ୍ରାଣୀ।' ସେ ଗୁରୁତ୍ୱାରୋପ କରିଥିଲେ ଯେ ସଂପ୍ରଦାୟ ମଧ୍ୟରେ ମାନବୀୟ ଉତ୍କର୍ଷ ପ୍ରାପ୍ତି ହୋଇପାରିବ କେବଳ ମାତ୍ର ସଦ୍‌ଗୁଣ ଦ୍ୱାରା ଏବଂ ତା'ର ସଠିକ୍ ପଥ ପ୍ରଦର୍ଶନ ଦ୍ୱାରା। ରାଜନୀତି ତାଙ୍କ ମତରେ ନୈତିକ ନିୟମାବଳୀର ସଂପ୍ରସାରଣ ଅଥବା ସମ୍ମିଳିତ ଜ୍ଞାନ ଦ୍ୱାରା ଉତ୍ତମ ଜୀବନନିର୍ବାହର ମାର୍ଗ। ଅନ୍ୟତମ ମହାନ୍ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତାଙ୍କ ଦର୍ଶନଶାସ୍ତ୍ରରେ ଆଦର୍ଶ ନରପତିଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଥିରୁ ଜଣାଯାଏ ଯେ ସଠିକ୍ ନେତୃତ୍ୱ କ୍ଷମତାର ଅନୁଧାବନ ଦ୍ୱାରା ନୁହେଁ, ବରଂ ଅନ୍ତଃଜ୍ଞାନ ଓ ନୈତିକ ଉତ୍ତରଣରୁ ହିଁ ଆସିଥାଏ। ଶକ୍ତି ଯେ ଦୁର୍ନୀତିର କାରଣ ହୋଇପାରେ, ଏହାକୁ ଅନୁଭବ କରି ଆରିଷ୍ଟୋଟଲ 'ପଲିଟି' ନାମକ ଏକ ସନ୍ତୁଳିତ ଶାସନ ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲେ, ଯାହା ଜନସାଧାରଣଙ୍କ ସହଭାଗିତା ମାଧ୍ୟମରେ ବିବେକ, ସଂଯମ ଓ ନ୍ୟାୟକୁ ପ୍ରତିଷ୍ଠିତ କରେ। ସେ ସତର୍କ କରିଥିଲେ ଯେ, ଯେତେବେଳେ ଶାସକମାନେ ସଦ୍‌ଗୁଣ ବିନା କେବଳ କ୍ଷମତା ପଛରେ ଧାଉଁଛନ୍ତି, ସେତେବେଳେ ଶାସନ ବ୍ୟବସ୍ଥା ଅତ୍ୟାଚାରରେ ପରିଣତ ହୁଏ। ଆରିଷ୍ଟୋଟଲଙ୍କ ମତରେ, ଏକ ରାଜ୍ୟ ତାହାର ଲୋକମାନଙ୍କର ଆତ୍ମାର ପ୍ରତିବିମ୍ବ। ଯେତେବେଳେ ବିବେକ ଇଚ୍ଛାକୁ ନିୟନ୍ତ୍ରଣ କରେ, ସେତେବେଳେ ଶୃଙ୍ଖଳା ବଜାୟ ରହେ। କିନ୍ତୁ ଯେତେବେଳେ ଇଚ୍ଛା ବିବେକକୁ ପରାସ୍ତ କରେ, ସେତେବେଳେ ବିଶୃଙ୍ଖଳା ସୃଷ୍ଟି ହୁଏ। ନୈତିକ ଦିଗ୍‌ଦର୍ଶନ ବିହୀନ ଶାସନ ଏକ ଅନିୟନ୍ତ୍ରିତ ମନର ଅଶାନ୍ତ, ବିଭକ୍ତ ଓ ଆତ୍ମବିନାଶୀ ଅବସ୍ଥାକୁ ପ୍ରତିଫଳିତ କରେ।

ଚାଣକ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ସମାନ ଭାବରେ ଗଭୀର; କିନ୍ତୁ ଅଧିକ ବ୍ୟାବହାରିକ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି। ଆରିଷ୍ଟୋଟଲ ଯେଉଁଠାରେ ସଦ୍‌ଗୁଣକୁ ଆଧାର କରିଛନ୍ତି, ସେଠାରେ ଚାଣକ୍ୟ ମାନବ ସ୍ୱଭାବର ବାସ୍ତବତାକୁ ଆଧାର କରିଛନ୍ତି। ସେ ବୁଝିଥିଲେ ଯେ କ୍ଷମତା, ସମ୍ପଦ ଓ ଆଇନ ଧର୍ମର ସେବା କରିବା ଉଚିତ୍। କାରଣ ଧର୍ମ ହିଁ ବ୍ରହ୍ମାଣ୍ଡର ନୈତିକ ବ୍ୟବସ୍ଥାକୁ ଧାରଣ କରେ। ତାଙ୍କ ମତରେ ଶାସନରେ ଉଦ୍ଦେଶ୍ୟ ହେଉଛି ଯୋଗକ୍ଷେମ - ଅର୍ଥାତ ପ୍ରଜାଙ୍କ କଲ୍ୟାଣ ଓ ସୁରକ୍ଷା। ସେ କହିଛନ୍ତି ଯେ ଜଣେ ଶାସକ ଧର୍ମର ସେବକ, ମାଲିକ ନୁହେଁ। ଏହା ପ୍ରତିପାଦନ କରେ ଯେ ସତ୍ୟ ନେତୃତ୍ୱ ଆନ୍ତରିକ ଶୃଙ୍ଖଳା ଓ ନୈତିକ ସଚେତନତାରୁ ଜନ୍ମ ନିଏ। ନିରଙ୍କୁଶ କ୍ଷମତାର ଦୁର୍ନୀତିଗ୍ରସ୍ତ ପ୍ରଭାବ ବିଷୟରେ ସଚେତନ ଥିବା ଚାଣକ୍ୟ, ରାଜ୍ୟରେ ସୁଦୃଢ଼ ଅନୁଷ୍ଠାନ ଓ ଭାଗିଦାରୀ ମୂଳକ ଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ସପ୍ତାଙ୍ଗ ରାଜ୍ୟସିଦ୍ଧାନ୍ତ - ରାଜା, ମନ୍ତ୍ରୀ ଜନପଦ (ଭୂଭାଗ), ଦୁର୍ଗ, କୋଷାଗାର, ସେନା ଓ ମିତ୍ର - ପରସ୍ପର ନିର୍ଭରଶୀଳତାକୁ ସୁଶାସନର ମୂଳଭିତ୍ତି ଭାବରେ ସ୍ୱୀକାର କରିଥିବା ଏକ ସମଗ୍ର ମଡେଲ ଥିଲା। ଏହି ସାତୋଟି ଅଙ୍ଗ ପରସ୍ପର ପରିପୂରକ ଥିଲା ଏବଂ ପରସ୍ପର ଉପରେ ସନ୍ତୁଳନ ଓ ନିୟନ୍ତ୍ରଣ ରଖୁଥିଲା, ଯାହାଫଳରେ କ୍ଷମତା ସଦା କର୍ତ୍ତବ୍ୟ ସହିତ ସମନ୍ୱିତ ହୋଇ ରହୁଥିଲା। ଚାଣକ୍ୟଙ୍କ ରାଜନୈତିକ ବାସ୍ତବବାଦ ନୈତିକତାକୁ କେବେ ଅବହେଳା କରିନଥିଲା; ବରଂ ସେ କହିଥିଲେ ଯେ ନୈତିକ ସିଦ୍ଧାନ୍ତଗୁଡ଼ିକ ପ୍ରଜ୍ଞା ଓ ନମନୀୟତା ସହ ପ୍ରୟୋଗ କରିବା ଆବଶ୍ୟକ। ତାଙ୍କ ବିଶ୍ୱାସ ଥିଲା ଯେ କ୍ଷମତାକୁ ବୁଦ୍ଧିମତ୍ତା ଓ ଦୂରଦୃଷ୍ଟି ଦ୍ୱାରା ଶୃଙ୍ଖଳିତ କରାଯିବା ଉଚିତ୍।

ଏକତ୍ର ବିଚାର କଲେ, ଆରିଷ୍ଟୋଟଲ ଏବଂ ଚାଣକ୍ୟ ଶାସନ ବ୍ୟବସ୍ଥାର ଦୁଇଟି ଦିଗ - ଆନ୍ତରିକ ଓ ବାହ୍ୟର ଉପସ୍ଥାପନ କରିଛନ୍ତି। ଆରିଷ୍ଟୋଟଲଙ୍କ ଫ୍ରୋନେସିସ୍, ଅର୍ଥାତ୍ ବ୍ୟବହାରିକ ପ୍ରଜ୍ଞା ଏବଂ ଚାଣକ୍ୟଙ୍କ ନୀତି, ଅର୍ଥାତ୍ କୌଶଳପୂର୍ଣ୍ଣ ବୁଦ୍ଧିମତ୍ତା, ଉଭୟ ଏକ ସାଧାରଣ ସତ୍ୟର ଉଦ୍‌ଘାଟନ କରିଛନ୍ତି - ନୈତିକ ଶୃଙ୍ଖଳା ବିନା ରାଜନୈତିକ ଶୃଙ୍ଖଳାର ଅସ୍ତିତ୍ୱ ସମ୍ଭବ ନୁହେଁ। ବିଶ୍ୱର ଏହି ଦୁଇ ବିଶିଷ୍ଟ ଦାର୍ଶନିକ ନାଗରିକମାନଙ୍କୁ ରାଷ୍ଟ୍ରର ନୈତିକ ମୂଳଦୁଆ ନିର୍ମାଣରେ ସକ୍ରିୟ ଅଂଶଗ୍ରହଣକାରୀ ଭାବରେ ଦେଖିଥିଲେ। ଆରିଷ୍ଟୋଟଲଙ୍କ ଦୃଷ୍ଟିରେ ଜଣେ ଉତ୍ତମ ନାଗରିକ ବିବେକ ଓ ସଦ୍‌ଗୁଣର ନେତୃତ୍ୱରେ ଶାସନ କରିବାରେ ହେଉ ଅଥବା, ଅନ୍ୟବେଳେ କେବେ ଶାସିତ ହେବାରେ ସମାନ ଭାବେ ନିଜ ଦାୟିତ୍ୱପୂର୍ଣ୍ଣ ଅବଦାନ ରଖିଥାଏ। ଅନ୍ୟପକ୍ଷରେ ଚାଣକ୍ୟ ସତର୍କ କରିଥିଲେ ଯେ, ଯେତେବେଳେ ଜନସାଧାରଣ ଉଦାସୀନ ହୋଇପଡ଼ନ୍ତି, ଶାସକମାନେ ନିରଙ୍କୁଶ ହୋଇଯାନ୍ତି ଏବଂ ଦୁର୍ନୀତି ରୋଗ ପରି ସମଗ୍ର ସମାଜରେ ବ୍ୟାପିଯାଏ। ତେଣୁ ନାଗରିକ ଉଦାସୀନତା ରାଜନୈତିକ ଅହଙ୍କାର ପରି ସମାନ ଭାବରେ ବିପଜ୍ଜନକ।

ଭଗବତ୍ ଗୀତା ଆମକୁ ସ୍ମରଣ କରାଏ ଯେ, ଅଧର୍ମ କିମ୍ବା ଅନ୍ୟାୟ ସମ୍ମୁଖରେ ନିଷ୍କ୍ରିୟ ରହିବା ତାହାର ସହଭାଗୀ ହେବା ସଦୃଶ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି - 'ଧର୍ମସଙ୍ଗତ କର୍ମ କରିବା ହିଁ ତୁମର କର୍ତ୍ତବ୍ୟ; ତାହାର ଫଳ ଉପରେ ତୁମର କୌଣସି ଅଧିକାର ନାହିଁ।' ତେଣୁ ଶାସନ କେବଳ କେତେକ ବ୍ୟକ୍ତିଙ୍କ କର୍ତ୍ତୃତ୍ୱର ପ୍ରଦର୍ଶନ ନୁହେଁ; ବରଂ ଏହା ସମଗ୍ର ସମାଜର ସାମୂହିକ ଦାୟିତ୍ୱ, ଯାହା ସମଷ୍ଟିଗତ ଚେତନାର ଏକ ପ୍ରତିଫଳନ। ●

(ପୂର୍ବତନ ପ୍ରଶାସକ)
କଟକ, ମୋ: ୯୪୩୭୩୬୦୯୮୧

## ସୀମାତୀତ ସାହିତ୍ୟର ସଂରକ୍ଷକ: ଦାଶରଥି ପଟ୍ଟନାୟକ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ନିଜେ ଲେଖକ ନ ହୋଇ ମଧ୍ୟ ସାହିତ୍ୟ କୃତି ଓ ପ୍ରାଚୀନ ସଂସ୍କୃତିର ପ୍ରାଣତନ୍ତ୍ରୀକୁ ଯିଏ ଉତ୍ତର ଦାୟାଦମାନଙ୍କ ଆତ୍ମା ସହ ସଂଯୁକ୍ତ କରାଇଦିଅନ୍ତି ଆଗାମୀ ନିରବଧି କାଳ ନିମିତ୍ତ; ସେହି ସଂରକ୍ଷକ ପହଞ୍ଚିପାରନ୍ତି ଏପରି ଏକ ସ୍ତରରେ, ଯାହାକୁ ଅଭିହିତ କରାଯାଇପାରେ ସୀମାତୀତ ସାହିତ୍ୟର ଚିରନ୍ତନ ସୃଷ୍ଟିକଳା ଭାବରେ। ବ୍ୟାପକ ଦୃଷ୍ଟିଭଙ୍ଗୀ ନେଇ ଅନୁଭବ କଲେ ଏପରି କୌଣସି ବିଷୟ ନାହିଁ, ଯାହା ସାହିତ୍ୟର ଅନ୍ତର୍ଭୁକ୍ତ ହୋଇ ନ ପାରେ। ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କ 'ଗୀତାଞ୍ଜଳି' ପାଇଁ ଯେତିକି ପ୍ରସିଦ୍ଧ, 'ଶାନ୍ତିନିକେତନ' ଓ 'ବିଶ୍ୱଭାରତୀ' ବିଶ୍ୱବିଦ୍ୟାଳୟ ପାଇଁ ସେତିକି ସ୍ମରଣୀୟ। ସେହିପରି ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ଶାନ୍ତିକାନନ' ଏକ ଉଦ୍ୟାନ-କାବ୍ୟ ନୁହେଁକି? ସେଇ ଦୃଷ୍ଟିକୋଣରୁ ଦାଶରଥି ପଟ୍ଟନାୟକ ଜଣେ ଅସାମାନ୍ୟ ସାହିତ୍ୟସ୍ରଷ୍ଟା। ଦାସିଆ ଅଜାଙ୍କ ପାଠାଗାର ସାଂସ୍କୃତିକ ସମ୍ପଦର ଏକ ଗନ୍ତାଘର। ନିହାଣ ମୁଗୁରରେ ନିର୍ମିତ ଭାସ୍କର୍ଯ୍ୟ କଳା। ସହିତ୍ୟିକ ଭାବ-ସ୍ପନ୍ଦନ ସୃଷ୍ଟି-କ୍ଷମ ଏକ ପରିଦୃଶ୍ୟମାନ ମହାକାବ୍ୟ। ଲକ୍ଷାଧିକ ପୁସ୍ତକ, ପତ୍ରପତ୍ରିକା, ପ୍ରାଚୀନ ପୋଥି, ବିଭିନ୍ନ ଦେଶର ମୁଦ୍ରା, ହସ୍ତକଳା, କେତେ ପ୍ରସ୍ତର ମୂର୍ତ୍ତି, ପଟ୍ଟଚିତ୍ରରେ ଏହାର ପ୍ରତିଟି ବିଭାଗ ସୁସଜ୍ଜିତ ଓ ସୌନ୍ଦର୍ଯ୍ୟମଣ୍ଡିତ। କୌଣସି କଳାକୁ କାଳ କବଳିତ ହେବାକୁ ନ ଦେଇ ଯିଏ ଏହି ସୁରକ୍ଷିତ ବଳୟ ମଧ୍ୟରେ ସଂରକ୍ଷିତ କରି ରଖି ଯାଇଛନ୍ତି ତାହା ଯେ ସାହିତ୍ୟ ସର୍ଜନାର ଏକ ନୂତନ ମୂର୍ଚ୍ଛନା - ଏଥିରେ ସନ୍ଦେହ କାହିଁ?

ମହାତ୍ମା ଗାନ୍ଧୀଙ୍କ ସଂକଳ୍ପ ଶକ୍ତି ନେଇ ସେ ଘୂରି ବୁଲୁଥିଲେ ପୁରପଲ୍ଲୀ। ଯାହା ନିକଟକୁ ଗଲେ ସେ ମାତ୍ର ୧୦ ପଇସାର ସାହାଯ୍ୟ ଭିକ୍ଷା କରୁଥିଲେ। ଯେଉଁଠି ବି ବହିପତ୍ର, ତାଳପତ୍ର ପୋଥି, ପୁରୁଣା ପଦାର୍ଥ ଦେଖୁଥିଲେ ସେସବୁ ନିଜ ସଂଗ୍ରହାଳୟ ପାଇଁ ସସମ୍ମାନେ ନେଇଆସୁଥିଲେ। ମନେହୁଏ, ସତେକି ସେ ସବୁ ଜିନଷଙ୍କ ମଧ୍ୟସ୍ଥ ସୂକ୍ଷ୍ମସତ୍ତା ଦାସିଆ ଅଜାଙ୍କ ନିକଟରେ ଅଳି କରିଛନ୍ତି ତାଙ୍କୁ ନେଇ ଆସିବା ସକାଶେ। ସେଇ ଅନ୍ତଃସ୍ୱର ଶୁଣିପାରିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ବକ୍ଷସ୍ଥଳ କି ବିଶାଳ ଓ ସୁପ୍ରଶସ୍ତ ହେଲା ପରେ ଏହି ଅଶ୍ରୁତ ଆବେଦନ ବିଗଳିତ କରିଦେଇପାରେ ଜଣେ ମଣିଷକୁ! ଜୀବନଯାପନ ଥିଲା କେତେ ସରଳ! ଗାନ୍ଧିଜୀଙ୍କ ପରି ଖୋଲା ଛାତି। କେତେ ବହି, ପୁରୁଣା ପତ୍ରପତ୍ରିକା, ଦେଶବିଦେଶର ପ୍ରାଚୀନ ସଂସ୍କୃତିର କେତେ ସନ୍ତକ, ଏପରିକି ଚନ୍ଦ୍ରପୃଷ୍ଠ ଓ ମଙ୍ଗଳ ଗ୍ରହର ମାଟି, ଉଲକା ଖଣ୍ଡର ଅଂଶ ସେ ସାଉଁଟି ଆଣିଛନ୍ତି। ସାହିତ୍ୟର ପବିତ୍ର ଧାରାରେ ସମାଜକୁ ପରିପ୍ଲାବିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ 'ଯଦୁମଣି ସାହିତ୍ୟ ସଂସଦ'। ପାଠାଗାର ଆନ୍ଦୋଳନକୁ ସକ୍ରିୟ କରିବାକୁ ନିଜ ପିତାଙ୍କ ନାମରେ ନିର୍ମାଣ କଲେ 'ବାଞ୍ଛାନିଧି ପାଠାଗାର'। ଆଉ ପୁଣି 'ଶ୍ରୀଅରବିନ୍ଦ ସଂଗ୍ରହାଳୟ'। ପାଠାଗାର ଆନ୍ଦୋଳନର ପିତା ଭାବରେ ପ୍ରସିଦ୍ଧ ଦାସିଆ ଅଜାଙ୍କ ପ୍ରତିଷ୍ଠିତ ଏହି ପ୍ରତିଷ୍ଠାନ ଆଜି ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଲାଭ କରିଛି। ନୟାଗଡ଼ ଠାରୁ ୨୭ କିଲୋମିଟର ଦୂର 'ଉଦୟପୁର'କୁ ଆଜି ଦେଶବିଦେଶର ବହୁଦର୍ଶକ ଆଗମନ କରନ୍ତି ତ୍ୟାଗପୂତ ଜୀବନ-ଭିତ୍ତି ଉପରେ ଦଣ୍ଡାୟମାନ ଏହି ବିସ୍ମୟକର ସାହିତ୍ୟକୀର୍ତ୍ତିକୁ ଦର୍ଶନ କରି ଅଭିନବ ପୁଲକରେ ଶିହରିତ ହେବା ପାଇଁ।

ସଂଗ୍ରହାଳୟର ସାହିତ୍ୟିକ ଆବେଦନକୁ ଆକଳନ କରିବା ହେଉଛି ନବଚିନ୍ତନର ପରିଚାୟକ। ସାହିତ୍ୟ ଗବେଷଣାକ୍ଷେତ୍ରରେ ବୈଚିତ୍ର୍ୟ ଆନୟନ କରିବା ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବରେ ଗ୍ରହଣ କରାଯାଇପାରିଲେ ଏହା ଗତାନୁଗତିକ ଧାରାରେ ପରିବର୍ତ୍ତନର ସୂତ୍ରପାତ କରିପାରିବ ନିଶ୍ଚୟ। ଏପରି ଗବେଷଣା ପୃଥିବୀର ସୁପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେପରି ସମ୍ଭବ ହୋଇଛି ତାହା ଏକ ଏକ ଜ୍ୟୋତିର୍ମୟ ପ୍ରେରଣା-ସ୍ତମ୍ଭ। ଏହାକୁ ସାହିତ୍ୟିକ ସ୍ମୃତିର ଆଲେଖ୍ୟ, ସଂସ୍କୃତିର ମୌଖିକ ଓ ଲିଖିତ ସାହିତ୍ୟିକ ଅଭିବ୍ୟକ୍ତି ଭାବରେ ବର୍ଣ୍ଣନା କରାଯାଇଛି। ଏହି ସୂକ୍ଷ୍ମ ଅବବୋଧ ନେଇ ଦାଶରଥି ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନକୁ କେନ୍ଦ୍ର କରି ଓଡ଼ିଆ ଭାଷା ଓ ସାହିତ୍ୟ ଭିଭାଗରେ ତାଙ୍କ ସମ୍ପର୍କିତ ଗବେଷଣାତ୍ମକ ସନ୍ଦର୍ଭ ରଚନା ସମ୍ଭବ କେବଳ ନୁହେଁ, ସ୍ୱାଗତଯୋଗ୍ୟ ମଧ୍ୟ।

ନିଜକୁ ଲୋକସ୍ମୃତି ମଧ୍ୟରେ ଉଜ୍ଜୀବିତ କରି ରଖିବା ଦାସିଆ ଅଜାଙ୍କ ଉଦ୍ଦେଶ୍ୟ ନଥିଲା। ବରଂ କାହାକୁ କିଛି ନ ଜଣାଇ ନିରବରେ ବିସ୍ମୃତି ଗର୍ଭରେ ବିଲୀନ ହୋଇଯିବା ପାଇଁ ସେ ନିଜ ଆକାଂକ୍ଷା ପ୍ରକାଶ କରି ଗାନ କରିଛନ୍ତି - 'କେହି ନ ଜାଣିବେ କେହି ନ ଦେଖିବେ, ନ କାନ୍ଦିବେ ଥରେ କେହି / ଚାଲିଯିବି ଏକା ଏତିକି ମାଗୁଣି ତୁମ୍ଭ ନାମ ଗାଇ ଗାଇ।' ଏହି ମହତ୍ତର ବ୍ୟକ୍ତିତ୍ୱ ସାହିତ୍ୟ-ଶିଳ୍ପୀର ଯଶଲାଭ ଆସକ୍ତିରୁ ମଧ୍ୟ କେତେ ଊର୍ଦ୍ଧ୍ୱରେ! ତାଙ୍କ ସମଗ୍ର ଜୀବନ ଓ ଅବଦାନରେ ସାହିତ୍ୟର ଆତ୍ମିକ ଆଲୋକ ବିଚ୍ଛୁରିତ ହୋଇ ରହିଛି, ଯାହା ଶାଶ୍ୱତ ଭାବଧାରାରେ ପବିତ୍ର ଓ ମହୀୟାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମହିଳାଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

ସାରସକଣା,୨୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ମଠଚକ ନିକଟରେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ତେବେ ତାଙ୍କୁ ହତ୍ୟା କରାଯାଇ ଆ।।ହତ୍ୟା ରୂପ ଦେବା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ସ୍ଥାନୀୟ ଅଞ୍ଚଳର କ୍ଷିତୀଶ ପାତ୍ରଙ୍କ ପତ୍ନୀ ଲିଜାରାଣୀ



ପାତ୍ର। ବାପଘର ଲୋକଙ୍କ ଅଭିଯୋଗ କ୍ରମେ ଝାରପୋଖରିଆ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ପରକୀୟା ପ୍ରୀତି ସନ୍ଦେହକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳୁଥିବା ବେଳେ ମୃତକଙ୍କ ପରିବାର ଲୋକେ ଏହାକୁ ସମ୍ପୂର୍ଣ୍ଣ ରୂପେ ଯୌତୁକଜନିତ ଯୋଜନାବଦ୍ଧ ହତ୍ୟା ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ମୃତକଙ୍କ ବାପା ଦେବେନ୍ଦ୍ର ନାଥ ଘୋଷ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ହିଁ ଶାଶୂଘର ଲୋକେ ଅଧିକ ଯୌତୁକ ବାବଦକୁ ନଗଦ ୧୦ ଲକ୍ଷ ଟଙ୍କା, ଗାଡ଼ି ଏବଂ ଦାମୀ ଆସବାବପତ୍ର ଦାବି କରି ଲିଜାରାଣୀଙ୍କ ଉପରେ କ୍ରମାଗତ ଭାବେ ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହି

### ସ୍ୱାମୀ, ଶାଶୁ-ଶ୍ୱଶୁର ଅଟକ

ଘଟଣାକୁ ନେଇ ପୂର୍ବରୁ ଥାନା ପରିସରରେ ଆପୋସ ବୁଝାମଣା ଓ ସମାଧାନ ମଧ୍ୟ ହୋଇଥିଲା। ତଥାପି ନିର୍ଯାତନା ଥମି ନ ଥିଲା ଏବଂ ଶେଷରେ ଯୌତୁକ ଦାବି ପୂରଣ ନ ହେବାରୁ ତାଙ୍କ ଝିଅକୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ କ୍ଷିତୀଶଙ୍କ ସମେତ ଶାଶୂ ଓ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଧ୍ରର ନେରେଡ଼ି ବ୍ୟାରେଜ ପାଇଁ ଓଡ଼ିଶାର ଶହେ ଏକର ଜମି ହସ୍ତାନ୍ତର ଲାଗି ପ୍ରଶାସନିକ ତତ୍ପରତା

ପାରଳାଖେମୁଣ୍ଡି,୨୬।୮ (ସମିସ) : ଓଡ଼ିଶା-ଆନ୍ଧ୍ର ସୀମାନ୍ତ ତଥା ଗଜପତି ଜିଲ୍ଲାରେ ପ୍ରବାହିତ ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ ନିର୍ମାଣ ପ୍ରସଙ୍ଗରେ ଓଡ଼ିଶା ଅଞ୍ଚଳର ୧୦୬ ଏକର ଜମି ଅଧିଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଛି। ଏ ନେଇ ଗଞ୍ଜାମ ଇନ୍‌ଭେଷ୍ଟିଗେଶନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କାଶୀନଗର ତହସିଲଦାରଙ୍କୁ ଚିଠି ଲେଖି ଜମି ଚିହ୍ନଟ ପାଇଁ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଅଧିକାରୀଙ୍କ ଉପସ୍ଥିତିରେ ମିଳିତ ଯାଞ୍ଚ ନିମନ୍ତେ ତାରିଖ ଧାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ ଅନୁଯାୟୀ, ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲର ଚୂଡ଼ାନ୍ତ ନିଷ୍ପତ୍ତି ଓ ୩୦ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିର ଧାରା-୮ ଅନୁସାରେ ଓଡ଼ିଶା ସରକାରଙ୍କୁ ୩୦ ମାର୍ଚ୍ଚ ୨୦୨୭ ସୁଦ୍ଧା ଆନ୍ଧ୍ରପ୍ରଦେଶକୁ ୧୦୬ ଏକର ଜମି ଅଧିଗ୍ରହଣ କରି ହସ୍ତାନ୍ତର କରିବାକୁ ପଡ଼ିବ। ନେରାଡ଼ି ବ୍ୟାରେଜ ନିର୍ମାଣ ପାଇଁ ଓଡ଼ିଶା ସୀମା ମଧ୍ୟରେ ଥିବା ଉକ୍ତ ୧୦୬ ଏକର ଜମି ଚିହ୍ନଟ କରାଯାଇ ଆନ୍ଧ୍ରପ୍ରଦେଶ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିହ୍ନଟ କରାଯାଇଥିବା ଚିଠିରେ ଦର୍ଶାଯାଇଛି। ଏହି ଜମି କାଶୀନଗର ତହସିଲ ଅଧୀନରେ ରହିଥିବାରୁ ତହସିଲଦାରଙ୍କୁ ଶୀଘ୍ର ମିଳିତ ଯାଞ୍ଚ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ତେଣୁ କାଶୀନଗର ତହସିଲଦାର ଓ ରାଜସ୍ୱ ଏଡିଏମ ଅଞ୍ଚଳ ଗସ୍ତ କରି ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବା ସୂଚନା ଦେଇଛନ୍ତି। ଚଳିତ ମାସ ୨୮ ତାରିଖରେ ଆନ୍ଧ୍ର ଓଡ଼ିଶା ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ମିଳିତ ଭାବେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲୋକଙ୍କୁ କୁହାଯାଇଛି। ସୂଚନା ପାଇବା ପରେ ଭିଟାମାଟି, ଚାଷଜମି, ବାସଗୃହ ହରାଇବା ଚିନ୍ତା ମାଡ଼ି ବସିଛି। ଆନ୍ଧ୍ରର ଏହି ବ୍ୟାରେଜ ନିର୍ମାଣ ହେଲେ ଓଡ଼ିଶା କ୍ଷତିଗ୍ରସ୍ତ ହେବ, ବଂଶଧାରା ନଦୀର ଜଳ ଆଉ ଓଡ଼ିଶାକୁ ମିଳିବ ନାହିଁ, ଯାହାକୁ ନେଇ ତତ୍କାଳୀନ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଏହାର ସମାଧାନ ପାଇଁ ଟ୍ରିବୁନାଲ ଗଠନ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ଟ୍ରୀବୁନାଲ ନେରେଡି ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ଓଡ଼ିଶା ସରକାର ସହମତି ପ୍ରଦାନ କରିଥିବା ବେଳେ ଆନ୍ଧ୍ର ସରକାରଙ୍କୁ ସହଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସହ ସରକାର କିମ୍ବା କୌଣସି ପ୍ରତିନିଧି ଆଲୋଚନା କରିନଥିବା ବେଳେ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବେ ବୋଲି କହିଛନ୍ତି ଅଞ୍ଚଳବାସୀ। ନେରେଡି ପ୍ରକଳ୍ପ ପାଇଁ ଜମି ଚିହ୍ନଟ ଓ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। କାଶୀନଗର ତହସିଲଦାର ଓ ରାଜସ୍ୱ ଏଡିଏମ ଅଞ୍ଚଳ ଗସ୍ତ କରି ଏନେଇ ସରକାରଙ୍କ ନିର୍ଦେଶନାମା ଆସିଥିବା ସୂଚନା ଦେଇଛନ୍ତି। ଚଳିତ ମାସ ୨୮ ତାରିଖରେ ଆନ୍ଧ୍ର ଓଡ଼ିଶା ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ମିଳିତ ଭାବେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲୋକଙ୍କୁ କୁହାଯାଇଛି। ସୂଚନା ପାଇବା ପରେ ଭିଟାମାଟି, ଚାଷଜମି, ବାସଗୃହ ହରାଇବା ଚିନ୍ତା ମାଡ଼ି ବସିଛି। ଆନ୍ଧ୍ରର ଏହି ବ୍ୟାରେଜ ନିର୍ମାଣ ହେଲେ ଓଡ଼ିଶା କ୍ଷତିଗ୍ରସ୍ତ ହେବ, ବଂଶଧାରା ନଦୀର ଜଳ ଆଉ ଓଡ଼ିଶାକୁ ମିଳିବ ନାହିଁ, ଯାହାକୁ ନେଇ ତତ୍କାଳୀନ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଏହାର ସମାଧାନ ପାଇଁ ଟ୍ରୀବୁନାଲ ଗଠନ କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ଟ୍ରୀବୁନାଲ ନେରେଡି ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ଓଡ଼ିଶା ସରକାର ସହମତି ପ୍ରଦାନ କରିଥିବା ଥିବା ବେଳେ ଆନ୍ଧ୍ର ସରକାରଙ୍କୁ ସହଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ସହ ସରକାର କିମ୍ବା କୌଣସି ପ୍ରତିନିଧି ଆଲୋଚନା କରିନଥିବା ବେଳେ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବେ ବୋଲି କହିଛନ୍ତି ଅଞ୍ଚଳବାସୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେପାଳରେ ବନ୍ୟା...

ବିଶାଳ ପଥରସ୍ତର ନଦୀ ଭିତରେ ଖସିପଡ଼ିବା ଯୋଗୁଁ ଏହି ବିପର୍ଯ୍ୟୟ ଘଟିଛି। ଏହି ପଥର ସ୍ଖଳନ କାରଣରୁ ନେପାଳ-ଚୀନ ସୀମାରେ ଥିବା ଲେନ୍ଦେ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇଥିଲା। ବନ୍ୟା ଜଳ ଭୋଟେ କୋଶୀ ଦେଇ ତ୍ରିଶୂଳୀ ନଦୀରେ ପ୍ରବେଶ କରିଥିଲା। ଭୋଟେ କୋଶୀ ନଦୀରେ ସକାଳେ ବନ୍ୟା ଜଳ ପ୍ରବେଶ କରି ପ୍ରଥମେ ରସୁୱା ଓ ଧାଦିଙ୍ଗ ଜିଲ୍ଲାକୁ ପ୍ରଭାବିତ କରିଥିଲା।

ନେପାଳ ପର୍ଯ୍ୟଟନ ବୋର୍ଡର ସୂଚନା ଅନୁଯାୟୀ, ରସୁୱା ବନ୍ୟାରେ ପ୍ରାୟ ୫୦୦ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୨୯୧ ଜଣ ବିଦେଶୀ ଏବଂ ୯୩ ଜଣ ନେପାଳୀ ନାଗରିକ ଅଛନ୍ତି। ନିଖୋଜ ବିଦେଶୀ ନାଗରିକଙ୍କ ମଧ୍ୟରେ ୧୦୫ ଜଣ ଭାରତୀୟ ଓ ୩୭ ଜଣ ପ୍ରବାସୀ ଭାରତୀୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କୈଳାସ ମାନସରୋବର ଯାତ୍ରା ପାଇଁ ଯାଉଥିଲେ ଏବଂ ଅତିକମରେ ୫୯ ଜଣ ଭାରତୀୟ ଶ୍ରଦ୍ଧାଳୁ ଯାତ୍ରୀ ରହିଥିଲେ। ଏହା ବ୍ୟତୀତ ଆମେରିକା, ମାଲେସିଆ, ବ୍ରିଟେନ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସରୁ ଆସିଥିବା ଅନେକ ପର୍ଯ୍ୟଟକ ମଧ୍ୟ ନିଖୋଜ ଅଛନ୍ତି। ନେପାଳ ସେନାର ୪୪ ଜଣ ଯବାନଙ୍କ ସମେତ ୮୦ରୁ ଅଧିକ ସୁରକ୍ଷାକର୍ମୀ ମଧ୍ୟ ଏହି ପ୍ରଳୟରେ ନିଖୋଜ ଥିବା ସୂଚନା ମିଳିଛି। ସେପଟେ ଚୀନର ସୀମାବର୍ତ୍ତୀ ଗିରୋଙ୍ଗ କାଉଣ୍ଟିରେ ମଧ୍ୟ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ନିଖୋଜ ଲୋକଙ୍କୁ ଉଦ୍ଧାର କରିବା ସହ ପ୍ରଭାବିତ ଅଞ୍ଚଳରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟା ଯୋଗୁଁ ନେପାଳର ପରିବହନ ଓ ଶକ୍ତି କ୍ଷେତ୍ର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୁଆକୋଟର ବେତ୍ରାବତୀରୁ ରସୁୱାଗଢ଼ି ସୀମାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ୪୨ କିଲୋମିଟର ଦୀର୍ଘ ରାସ୍ତା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଏଥି ସହିତ ଚାରୋଟି ପକ୍କା ପୋଲ ସମେତ ଅନେକ ଅସ୍ଥାୟୀ ପୋଲ ଭାଙ୍ଗିଯାଇଛି। ସୀମାବର୍ତ୍ତୀ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକରେ ଥିବା ଅନେକ ଗାଡ଼ି ଓ ସାମଗ୍ରୀ ବନ୍ୟା ଜଳରେ ଭାସିଯାଇଛି। ଏହାସହ ନେପାଳର ୧୩ଟି ଜଳବିଦ୍ୟୁତ ପ୍ରକଳ୍ପ (୮ଟି କାର୍ଯ୍ୟକ୍ଷମ ଓ ୫ଟି ନିର୍ମାଣାଧୀନ) କ୍ଷତିଗ୍ରସ୍ତ ହୋଇଛି। ନେପାଳର ବନ୍ୟା ପୂର୍ବାନୁମାନ ବିଭାଗ ସୂଚନା ଦେଇଛି ଯେ ସୀମାରେ ନଦୀ ଅବରୋଧ ହୋଇ ସୃଷ୍ଟି ହୋଇଥିବା ହ୍ରଦର ଜଳ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ନିଷ୍କାସିତ ହୋଇପାରି ନାହିଁ। ଏହି କାରଣରୁ ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀ କୂଳବର୍ତ୍ତୀ ଅଞ୍ଚଳରେ ବିପଦ ଆଶଙ୍କା ଲାଗିରହିଛି।

ବିପର୍ଯ୍ୟୟ ପରେ ଭାରତୀୟ ଦୂତାବାସ ତୁରନ୍ତ ଉଦ୍ଧାର ଏବଂ ସହାୟତା ପାଇଁ ନେପାଳ ସରକାରଙ୍କ ସହ ସମ୍ପର୍କରେ ରହିଛି। ସେହିପରି ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ମଧ୍ୟ ଜରୁରୀକାଳୀନ ନମ୍ବର ୧୨୩୪, ହଟଲାଇନ ୧୧୪୪ ଏବଂ ପର୍ଯ୍ୟଟନ ପୁଲିସ ନମ୍ବର ୯୮୫୧୨୮୯୪୪୫ ଜାରି କରାଯାଇଛି। ଭାରତୀୟ ଦୂତାବାସ ପକ୍ଷରୁ ପ୍ରଭାବିତ ଭାରତୀୟ ନାଗରିକଙ୍କ ସହାୟତା ପାଇଁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି +୯୭୭ ୯୮୫ ୧୩୧ ୬୮୦୭, +୯୭୭ ୯୭୦ ୯୧୦ ୭୫୦୦।

### ଜାତୀୟ ଦଳଠାରୁ...

ରଖିଛନ୍ତି। ତେବେ ଶିକ୍ଷିତ, ସଚେତନ ନାଗରିକ, ଶକ୍ତିଶାଳୀ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ବର୍ତ୍ତମାନ ଦେଶରେ ଏକ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆରଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ପ୍ରଫେସର ମନୋଜ ଝା କହିଛନ୍ତି ଯେ ଭିନ୍ନତାରେ ଏକତା ହିଁ ଭାରତର ପରିଚୟ। ଭାରତବର୍ଷରେ ଜଗନ୍ନାଥ, ରାମ, ଶିବ, କବୀର ଅଛନ୍ତି। ଜଣଙ୍କ ବ୍ୟତୀତ ଅନ୍ୟଜଣଙ୍କର କଳ୍ପନା କରିହେବ ନାହିଁ। ଭାରତବର୍ଷ ବ୍ୟକ୍ତି, ଧର୍ମ, କ୍ଷେତ୍ର, ଭାଷା, ଆଚରଣକୁ ନେଇ ସମୃଦ୍ଧ। ଦେଶକୁ ନେଇ ଏକ ଆଞ୍ଚଳିକ ଦଳର ଭିଜନ ଅର୍ଥାତ୍ ଲକ୍ଷ୍ୟ ଏକ ଜାତୀୟ ଦଳଠାରୁ ବ୍ୟାପକ। ଭାରତରେ ଦେଶକୁ ନେଇ ଏକ ସାମଗ୍ରିକ ପରିକଳ୍ପନା ସମ୍ଭବ ନୁହେଁ। ଏପରି ପରିକଳ୍ପନା କରାଗଲେ ଏହା ଅସୁନ୍ଦର, କୁରୂପ ଦେଖାଯିବ। ସମ୍ପ୍ରତି ଦେଶରେ ଯେଉଁପ୍ରକାର ଜାତୀୟ ବନାମ ଆଞ୍ଚଳିକ ଦଳର ପ୍ରଭେଦ କରାଯାଉଛି, ଏହା ତ୍ରୁଟିପୂର୍ଣ୍ଣ। ୧୯୫୨ରୁ ୧୯୬୭ ଯାଏଁ ଦେଶରେ ଗୋଟିଏ ନିର୍ବାଚନ ହେଉଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଶେଷ ହୋଇଗଲା। ସେ ସମୟରେ ଗଣତନ୍ତ୍ରର ଆବଶ୍ୟକତା ବିବିଧ ନିର୍ବାଚନ ସପକ୍ଷରେ ଥିଲା। ତେଣୁ ବର୍ତ୍ତମାନ ସମୟରେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ କିପରି ସମ୍ଭବ ବୋଲି ସେ ପ୍ରଶ୍ନ କରିବା ସହ ଦ୍ୱିଦଳୀୟ ବ୍ୟବସ୍ଥା ଭାରତୀୟ ରାଜନୀତିରେ ଅପ୍ରାସଙ୍ଗିକ ବୋଲି ସେ ମତ ରଖିଛନ୍ତି।

ସିପିଆଇ ନେତା ତଥା କେରଳର ରାଜ୍ୟସଭା ସାଂସଦ ସନ୍ଦୋଷ କୁମାର ପି. କହିଛନ୍ତି ଯେ ବିବିଧତା ହିଁ ଭାରତର ପରିଚୟ। ଦେଶରେ ବର୍ତ୍ତମାନ ୨୮୫୪ଟି ରାଜନୈତିକ ଦଳ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରେ ମାତ୍ର ୬ଟି ଜାତୀୟ, ୬୭ଟି ଆଞ୍ଚଳିକ ଦଳ ରହିଛି। ଏମାନଙ୍କ ବ୍ୟତୀତ ଅନ୍ୟ ପଞ୍ଜିକୃତ ରାଜନୈତିକ ଦଳର ସଂଖ୍ୟା ୨୫୯୩। ଏଥିରୁ ଦେଶର ବିବିଧତା ସହଜରେ ଅନୁମେୟ। ଦେଶରେ ବର୍ତ୍ତମାନ ଏକ ଦେଶ, ଏକ ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି, ଯାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦୌ ପ୍ରାସଙ୍ଗିକ ନୁହେଁ। ଏକ ଦେଶ ଏକ ନିର୍ବାଚନ ପରିବର୍ତ୍ତେ ଦେଶରେ ଏକ ବ୍ୟାପକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି। ଏହାଦ୍ୱାରା ହିଁ ଦେଶ ଆଗକୁ ବଢ଼ିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ୧୯୫୨ ମସିହାରେ ଓଡ଼ିଶାର ଏକ ଆଞ୍ଚଳିକ ଦଳ ଲୋକସଭା ନିର୍ବାଚନରେ ୬ଟି ଆସନ ହାସଲ କରିଥିଲା। ଅତଏବ ଓଡ଼ିଶା ଦେଶର ନିର୍ବାଚନ ସିଷ୍ଟମ କ୍ଷେତ୍ରରେ ସେତେବେଳେଠାରୁ ଦେଶକୁ ଏକ ପଥ ପ୍ରଦର୍ଶନ କରି ଆସିଛି। ଦେଶରେ ଦ୍ୱିଦଳୀୟ ନିର୍ବାଚନୀ ବ୍ୟବସ୍ଥା ନୁହେଁ, ବରଂ ଅନ୍ୟ ରାଜନୈତିକ ଦଳମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଉଭୟ ଦ୍ୱି-ଦଳୀୟ ଏବଂ ବହୁ ଦଳୀୟ ବ୍ୟବସ୍ଥାକୁ ନେଇ ଦୁଇପ୍ରକାର ଚିତ୍ର ରହିଛି। ଦ୍ୱି-ଦଳୀୟ ବ୍ୟବସ୍ଥାରେ ରାଜନୈତିକ ସ୍ଥିରତା ରହିପାରେ। ମେଣ୍ଟ ସରକାର ଦରକାର ନ ପଡ଼ିପାରେ। ଦୁଇ ଦଳ ମଧ୍ୟରେ ସ୍ପଷ୍ଟ ସୀମାରେଖା ରହିପାରେ। ମାତ୍ର ଦ୍ୱି-ଦଳୀୟ ବ୍ୟବସ୍ଥା ଲାଗୁହେଲେ ପ୍ରତିନିଧିତ୍ୱ ସୀମିତ ହେବ ଏବଂ ମାତ୍ର ଦୁଇଟି ଦଳ ଦେଶକୁ ନିୟନ୍ତ୍ରିତ କରିବେ। ଧ୍ରୁବୀକରଣ ରାଜନୀତି ବଢ଼ିବା ସହ ଦେଶରେ ଆଞ୍ଚଳିକତା ଭିତ୍ତିରେ ଆକାଂକ୍ଷା ପୂରଣ ନହେବାର ସମ୍ଭାବନା ରହିଛି। ଦେଶରେ ଦ୍ୱି-ଦଳୀୟ ବ୍ୟବସ୍ଥା ଲାଗୁ ହୋଇଥିଲେ ବିଜେଡି ପରି ଆଞ୍ଚଳିକ ଦଳ ଏବଂ ନବୀନ ପଟ୍ଟନାୟକ ପରି ଜନନାୟକଙ୍କୁ ଆମେ ପାଇନଥାନ୍ତେ। ଦ୍ୱି-ଦଳୀୟ ବ୍ୟବସ୍ଥା ହେଉ ଅଥବା ବହୁ ଦଳୀୟ ବ୍ୟବସ୍ଥା; ଏହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶିକ୍ଷିତ, ସଚେତନ ନାଗରିକ, ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥା, ଦାୟିତ୍ୱବୋଧ ରାଜନୈତିକ ଦଳ, ଶକ୍ତିଶାଳୀ ଗଣମାଧ୍ୟମ ଏବଂ ସକ୍ରିୟ ବିରୋଧୀଦଳଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଦେଶର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ସହ ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଆମ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି ଯେ ପ୍ରତିନିଧିତ୍ୱ, ଉତ୍ତରଦାୟିତ୍ୱ, ଅଭିବ୍ୟକ୍ତିର ସ୍ୱାଧୀନତା ହିଁ ଗଣତନ୍ତ୍ର ମୂଳମନ୍ତ୍ର। ଆଜି ଯଦି ଭାରତରେ ଆମେ କିଛି ସମାନତା ଦେଖୁଛେ, ତାହେଲେ ଏହା ଆଞ୍ଚଳିକ ଦଳମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ଗଣତନ୍ତ୍ର ପାଇଁ ଦ୍ୱି-ଦଳୀୟ ନା ବହୁଦଳୀୟ ବ୍ୟବସ୍ଥା ଭଲ ତାହା ଯେତିକି ଆଲୋଚନାର ବିଷୟ ନୁହେଁ, ତାହାଠାରୁ ବଡ଼ ପ୍ରସଙ୍ଗ ହେଉଛି ଭାରତର ଗଣତନ୍ତ୍ର ପାଇଁ କ’ଣ ଶୁଭଙ୍କର। ଯାହା ସାଧାରଣ ଲୋକଙ୍କର ଭାବନା, ଆକାଂକ୍ଷା, ଭାବନାକୁ ବ୍ୟକ୍ତ କରିପାରେ, ସେହି ବ୍ୟବସ୍ଥା ହିଁ ଗଣତନ୍ତ୍ର ପାଇଁ ଉପଯୋଗୀ। ଆମ ସମ୍ବିଧାନରେ କେଉଁଠି ମଧ୍ୟ ଦଳୀୟ ବ୍ୟବସ୍ଥା ନେଇ ନିର୍ଦ୍ଦିଷ୍ଟତାର ସହ ଉଲ୍ଲେଖ ରହିନାହିଁ। ଆପଣ ଯଦି ଲୋକଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କର ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଛନ୍ତି, ତାହେଲେ ଏହାହିଁ ଗଣତନ୍ତ୍ରକୁ ସୁଦୃଢ଼ତା ପ୍ରଦାନ କରିପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଆଲୋଚନାଚକ୍ରକୁ ବରିଷ୍ଠ କବି ତଥା ରାଜନୈତିକ ବିଶେଷଜ୍ଞ କେଦାର ମିଶ୍ର ସଂଯୋଜନା କରିଥିଲେ।

କନ୍‌କ୍ଲେଭର ଦ୍ୱିତୀୟ ଦିନରେ ଉପରୋକ୍ତ ଅଧିବେଶନ ବ୍ୟତୀତ ଆଉ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଛି। ‘ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ ଓ ସମ୍ଭାବନା’, ‘ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ ମଡେଲ’ ଏବଂ ‘୨୦୩୬ରେ ସମୃଦ୍ଧ ଓଡ଼ିଶାର ଗଠନର ସ୍ୱପ୍ନ ଓ ସଙ୍କଳ୍ପ’ ପ୍ରସଙ୍ଗରେ ଅତିଥିମାନେ ବ୍ୟାପକ ସାରଗର୍ଭକ ଆଲୋଚନା କରିଛନ୍ତି। ପ୍ରଥମ ଦିନର ଉଦଘାଟନୀ ଅଧିବେଶନକୁ ମିଶାଇ ମୋଟ ୯ଟି ଅଧିବେଶନରେ ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଅତିଥିମାନେ ବ୍ୟାପକ ଆଲୋଚନା କରିଥିବା ବେଳେ ଏହା ବେଶ୍ ଉପାଦେୟ ହୋଇପାରିଛି। ସକାଳ ଏବଂ ନନ୍ଦିଘୋଷ ଟିଭିର ଏହି ପ୍ରୟାସକୁ ବିଭିନ୍ନ ମହଲରେ ବ୍ୟାପକ ପ୍ରଶଂସା ମିଳିଥିବା ବେଳେ ଏହା ଏକ ସୁସ୍ଥ ସମାଜ, ଗଣତନ୍ତ୍ର ତଥା ଶାସନ ବ୍ୟବସ୍ଥା ନିର୍ମାଣରେ ସହାୟକ ହୋଇପାରିବ ବୋଲି ପ୍ରଶଂସା ଛଳରେ ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।

### ଫୁଲିଲା ମହାନଦୀ...

୪,୬୦,୦୦୦ କ୍ୟୁସେକ୍, ବାରମୁଲଠାରେ ୫,୦୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୬,୬୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩.୧୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୦୦ ମିମି ବର୍ଷା ରେକର୍ଡ କରାଯାଇଛି।

### ତାତିଲେ ଚାଷୀ...

ଜମିଜମା ସମ୍ବନ୍ଧିତ ସମସ୍ୟାକୁ ସମାଧାନ କରି ଅସଲ ଜମି ମାଲିକଙ୍କୁ ପଟ୍ଟା ପ୍ରଦାନ, ହାଇଟେକ୍ ଜମି ବ୍ୟବସ୍ଥାକୁ ବର୍ତ୍ତମାନ ଲାଗି ବନ୍ଦ କରିବା, ପଞ୍ଜିକରଣ ବ୍ୟବସ୍ଥାରେ ରହିଥିବା ଅନ୍ତଃର୍ନିହିତ ଜଟିଳତା, ଭାଗଚାଷୀଙ୍କ ପଞ୍ଜିକରଣକୁ ନେଇ ରହିଥିବା ସମସ୍ୟା ଓ ନେଟ୍ ଗତିର ମନ୍ଥରତା କାରଣରୁ ପଞ୍ଜିକରଣ ଅବଧି ସେପ୍ଟେମ୍ବର ଶେଷ ଯାଏଁ ଘୁଞ୍ଚାଇବା, ପ୍ରତିଟି ଚାଷୀର ପଞ୍ଜିକରଣ ଅନୁଯାୟୀ ପ୍ରଥମରୁ ଏକକାଳୀନ ଟୋକନ୍‌ର ବ୍ୟବସ୍ଥା ନିଶ୍ଚିତ କରିବା, ଭାଗଚାଷୀଙ୍କ ଆଇନଗତ ମାନ୍ୟତାର ବ୍ୟବସ୍ଥା ନ ହେବାଯାଏଁ ଜମିମାଲିକଙ୍କ ଆଇରିସ୍‌କୁ ବାଧ୍ୟତାମୂଳକ ନକରି ଗତବର୍ଷର ପ୍ରକ୍ରିୟାଅନୁଯାୟୀ ଧାନକ୍ରୟ ବ୍ୟବସ୍ଥାକୁ ବଜାୟ ରଖିବା, ପଞ୍ଜିକରଣ ସରିଲାପରେ ବିକ୍ରିବେଳେ ଯେମିତି ଟୋକନ୍ ସମସ୍ୟା ନଆସେ ସେ ସମ୍ପର୍କରେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା, ଦେବୋତ୍ତର, ଜଙ୍ଗଲ ଜମି ଓ ଆଟ ଜମିରେ ଚାଷ ହେଇଥିବା ଧାନ ପଞ୍ଜିକରଣକୁ ନିଶ୍ଚିତ କରିବା ଓ ଅଣଧାନ ଫସଲ ପ୍ରଚାରପ୍ରସାର ଲାଗି ଠୋସ୍ ନୀତି, ଢାଞ୍ଚା, ଭିତ୍ତିଭୂମୀ, ଭଣ୍ଡାରଣ, ପ୍ରକ୍ରିୟାକରଣ ତଥା ବଜେଟ ସ୍ତରରେ ପ୍ରୋତ୍ସାହନ, ସର୍ବନିମ୍ନ ସହାୟକ ମୂଲ୍ୟ ସହ ବଜାର ବ୍ୟବସ୍ଥା କରାଯିବା ଓ ସେ ବ୍ୟବସ୍ଥା ନହେବାଯାଏଁ ଧାନକ୍ରୟକୁ ଶୃଙ୍ଖଳିତ କରି ଘୋଷିତ କ୍ୱିଣ୍ଟାଲପିଛା ୩୧୦୦ ଟଙ୍କା ଦରକୁ ନିଶ୍ଚିତ କରିବା ଆଦି ୧୦ ଦଫା ଦାବୀରେ ଆଜି ସମ୍ବଲପୁର ପ୍ରେସ୍ କ୍ଲବରେ ‘ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହେଇଯାଇଛି।

ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକଦ୍ୱୟ ଅଶୋକ ପ୍ରଧାନ ଓ ଲିଂଗରାଜ, ପ୍ରବକ୍ତା ସରୋଜଙ୍କ ସହ ସମ୍ବଲପୁର ଜିଲ୍ଲା ସଭାପତି ବ୍ୟୋମକେଶ ଠାକୁର, ପୂର୍ବତନ ସଭାପତି ମୁରାରୀ ପୁରୋହିତ ଓ ଉମେଶ ମିଶ୍ର, ହରି ଶଙ୍କର ପୁରୋହିତ, ଉପସଭାପତି ଭୈରବ ପଧାନ, କୋଷାଧ୍ୟକ୍ଷ ଜଗଦାନନ୍ଦ ନାଏକ, ତରଣୀ ଭୁଏ, ସୁଶାନ୍ତ ପଣ୍ଡା; ବରଗଡ଼ ଜୟକିସାନ ଆନ୍ଦୋଳନ ଚାଷୀ ସଂଗଠନର ସଭାପତି ସୁଶିଲ ସାହୁ ଓ ସମ୍ପାଦକ ହର ବଣିଆ; ବଲାଙ୍ଗୀର ଜିଲ୍ଲାର କର୍ମକର୍ତ୍ତା ବାଳକୃଷ୍ଣ ଷଣ୍ଢ ଓ ବେଣୁଧର ଜାନି; ସୋନପୁର ଜିଲ୍ଲା ସଂଗଠନର ବୈକୁଣ୍ଠ ଶତପଥୀ, ହରିଶଙ୍କର ପଣ୍ଡା, ତ୍ରିପୁରାରୀ ପଣ୍ଡା, ନରେନ୍ଦ୍ର ଆଚାର୍ଯ୍ୟ; ଝାରସୁଗୁଡ଼ା ଜିଲ୍ଲା ସଂଗଠନର ସଭାପତି ଦିଲ୍ଲୀପ ବଢେଇ, ହିମାଂଶୁ ପଧାନ; କଳାହାଣ୍ଡି ଜିଲ୍ଲାର ଦୀପ୍ତିନାରାୟଣ ପ୍ରହରାଜ, ପ୍ରଶାନ୍ତ ପାଟଯୋଶୀ; ଦେବଗଡ଼ ଜିଲ୍ଲାର ସଭାପତି ପ୍ରମାଦ ଝାଙ୍କର, ସୁବ୍ରତ ସାହୁ, ଚନ୍ଦ୍ରଶେଖର ପ୍ରଧାନ, ଶ୍ୱେତ ପ୍ରଧାନ ପ୍ରମୁଖ ବିଭିନ୍ନ ଜିଲ୍ଲାରୁ ବହୁସଂଖ୍ୟକ ଚାଷୀ ଯୋଗ ଦେଇଥିଲେ।

### ଇଥାନଲ୍ ପାଇଁ...

କୁକୁଡ଼ା ଖାଦ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଯୋଗୁ ଉଭୟର ମୂଲ୍ୟ ଏକକାଳୀନ ବୃଦ୍ଧି ପାଉଛି, ଯାହା କୁକୁଡ଼ା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବର୍ଦ୍ଧିତ କୁକୁଡ଼ା ଖାଦ୍ୟ ମୂଲ୍ୟ ଯୋଗୁଁ କୁକୁଡ଼ା ଫାର୍ମଗୁଡ଼ିକ କୁକୁଡ଼ା ସଂଖ୍ୟା ହ୍ରାସ କରୁଛନ୍ତି। ଏହା ଫଳରେ ଦେଶରେ ଅଣ୍ଡା ଯୋଗାଣ ହ୍ରାସ ପାଉଛି। ତଥାପି, ମକା ଏବଂ ସୋୟାବିନର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରମୁଖ ଅଣ୍ଡା ବିତରକମାନେ ଏବେ ଭୟ କରୁଛନ୍ତି ଯେ ପ୍ରତି ଅଣ୍ଡାର ମୂଲ୍ୟ ୨୦ ରୁ ୨୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ଏହା ହୁଏ, ତେବେ ଅଣ୍ଡା ଖାଉଥିବା ଲୋକମାନଙ୍କୁ ସେମାନଙ୍କର ରୋଷେଇ ଘର ବଜେଟ୍ ବୃଦ୍ଧି କରିବାକୁ ପଡିବ।

■ ୧ ତାରିଖ ଯାଏଁ ବର୍ଷା

# ଆଜି ୩ ଜିଲ୍ଲାରେ ପ୍ରବଳ ବର୍ଷିବ!

ଭୁବନେଶ୍ୱର,୨୬।୮ (ସମିସ): ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ବୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ର ପ୍ରଦତ୍ତ ସତର୍କ ସୂଚନା ଅନୁଯାୟୀ ଗୁରବାର ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜଜାରି କରାଯାଇଛି। ଏତଦବ୍ୟତୀତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ହୋଇପାରେ। ଶୁକ୍ରବାର ବର୍ଷାର ବିସ୍ତୃତି ବଢ଼ିବା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ୨୯ ତାରିଖରେ ରାଜ୍ୟକ ବିଭିନ୍ନ ଜିଲ୍ଲୀରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ ଓ ଢେଙ୍କାନାଳରେ ପ୍ରବଳ ବର୍ଷା ଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି।

■ ଦୂତିକା ସାହୁ କଲେଜରେ ୭୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

# ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଗିରଫ କଲା ଭିଜିଲାନ୍ସ

ସମ୍ବଲପୁର,୨୬।୮ (ସମିସ): ଶିକ୍ଷାନୁଷ୍ଠାନରେ ଦୁର୍ନୀତି ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଭିଜିଲାନ୍ସ। ରେଙ୍ଗାଲି ବ୍ଲକ୍ ଅଧୀନ ଲଇଡ଼ାସ୍ଥିତ ଦୂତିକା ସାହୁ କଲେଜର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବର୍ତ୍ତମାନର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବସନ୍ତ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୧୯-୨୦ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ନିଜ କାର୍ଯ୍ୟକାଳ ସମୟରେ ୭୩,୪୪,୯୫୦ ଟଙ୍କାର ସରକାରୀ ପାଣ୍ଠି ହେରଫେର କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି।



ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, କଲେଜର ଭିତ୍ତିଭୂମି ବିକାଶ ପାଇଁ ଆସିଥିବା ଅନୁଦାନ ଟଙ୍କାକୁ ଭୂମିସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନ କରି ସେ ଆତ୍ମସାତ୍ କରିଛନ୍ତି। ଏହାବ୍ୟତୀତ ମିଥ୍ୟା ବିଲ୍ ପ୍ରସ୍ତୁତ କରିବା, ମଞ୍ଜୁର ହୋଇଥିବା ପାଣ୍ଠି ଅନୁଯାୟୀ କଲେଜ ଉପକରଣ କ୍ରୟ ନ କରିବା ଏବଂ ଅଟୋମେସନ୍ ତଥା ଡିଜିଟାଲ୍ ମ୍ୟାନେଜମେଣ୍ଟ ସଫ୍ଟୱେର୍ କାର୍ଯ୍ୟକାରୀ କରିବା ଆଳରେ ସରକାରୀ ଅନୁଦାନକୁ ଅନ୍ୟତ୍ର ବିନିଯୋଗ କରିବା ଭଳି ସଙ୍ଗୀନ ଅଭିଯୋଗ ତାଙ୍କ ନାମରେ ରହିଛି। ପୂର୍ବରୁ ଅନେକଥର ଏହି ଘଟଣା ଉପରେ ସ୍ଥାନୀୟବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏପରକି ଏହି ଘଟଣା ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ ହେବାପାଇଁ ମଧ୍ୟ ଦାବି କରୁଥିଲେ। ଭିଜିଲାନ୍ସ ଆଜି ଗିରଫ କରିଛି। ଏହି ଘଟଣାରେ ଅଭିଯୁକ୍ତ ଡ. ନାୟକଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି।

**PRIYADARSHINI INDIRA MAHAVIDYALAYA, JUNAGADA**
**DIST: KALAHANDI- 766014**
Phone:- 06672- 243330 E-mail:- pimahavidyalaya@gmail.com
No. 1150/PIM(J)/KLD/26 DT: 25.08.2026
**ADVERTISEMENT FOR ENGAGEMENT OF RETIRED GUEST FACULTY**
Application are invited from the retired eligible candidates in online mode through HIMS Portal for engagement of Guest Faculty in **Education-01** and **Political Science -01** for the session 2026-27. For application and other modalities visit https://hims.odisha.gov.in and letter No.57198, Dt:23.10.2025.
**Opening Date of Online Application:28.08.2026**
**Closing Date of Online Application: 04.09.2026**
**Document Verification and Interview : 09.09.2026 (10 AM Onwards)**
Sd/- Principal-cum-Secretary
Priyadarshini Indira Mahavidylaya, Junagada

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Great Place To Work. Certified
REF. NO.-ER&C/729 DATE:- 24-08-2026
**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**
Applications in closed cover are invited for allotment of PROJECT COMPLEX canteen (Near CPTI) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be downloaded from our website https:// sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).
Application will be accepted up to 3.00PM. of dt:-23-09-2026.
AGM (HR-TA, G, ER&C)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1146, dated 25-08-2026, I, KUNTI MAJHI, W/o - Prafulla Chandra Majhi, permanent resident of Village - Pujariguda, PO - Pujariguda, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Son from PRIYANSHU MAJHI to MIYANSU SEKHAR MAJHI. Henceforth, he shall be known as **MIYANSU SEKHAR MAJHI** for all purposes.
Sd/- Kunti Majhi

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1136, dated 25.08.2026, I, MANJALI HARIJAN, Daughter of - Ratha Harijan, permanent resident of Village - Boragam, PO - Bhatigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from BELALSEN HARIJAN to MANJALI HARIJAN. Henceforth, I shall be known as **MANJALI HARIJAN** for all purposes.
Sd/- Manjali Harijan

**MISSING OF SALE DEED**
I Smt Sujata Dash@ Mishra, W/o- Shree Raghunath Mishra, Mobile no- 9437032875, Paik Street, Jayanagar, Jeypore, Dist-Koraput have lost my original sale deed regarding purchase of house plot at Rayagada vide Registration deed no 843/1996, while travelling either at Jeypore or Rayagada.
If any one has received the same may kindly handover to me at the above address.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1137, dated 25-08-2026, I, SUDHIR KUMAR KHURA, S/o - Subaschandra Khura, permanent resident of Village - Khatiguda, PO - Khatiguda, PS - Khatiguda, Dist - Nabarangpur, Odisha, Pin - 764085, declare that I have changed the name of my Daughter from PIHU KHURA to SAMRIDHI KHURA. Henceforth, she shall be known as **SAMRIDHI KHURA** for all purposes.
Sd/- Sudhir Kumar Khura

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1144, dated 25.08.2026, I, LACHHAMAN BENYA, Son of - Daitari Harijan, permanent resident of Village - Daleiguda, PO - Papadahandi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from LACHHAMAN HARIJAN to LACHHAMAN BENYA. Henceforth, I shall be known as **LACHHAMAN BENYA** for all purposes.
Sd/- Lachhaman Benya

**AFFIDAVIT**
I, Sanjaya Jena, aged about 42 years, S/o- Sudarsan Jena, resident of At- Nanakera, Po- Badas, Ps- Kanas, Dist- Puri, Odisha, PIN- 752017, do hereby declare by this affidavit No. 3315, dtd- 13/08/2026, that now onwards I shall be known as **SANJAY KUMAR JENA** for all future purposes.

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.:16-SBP-TRD-OT 2026-27, ତା.19.08.2026ରିଖ
**କାର୍ଯ୍ୟର ନାମ::** "ଶାରଳା ଜଂକ୍ସନ ଠାରେ 05 ଗୋଟି କ୍ରସ୍‌ଓଭରର ସ୍ଥାନାନ୍ତରଣ ଏବଂ 35 ଗୋଟି ମାଷ୍ଟର ସ୍ଥାନ ପରିବର୍ତ୍ତନ" ନିମନ୍ତେ TRD ସମ୍ବନ୍ଧିତ କାର୍ଯ୍ୟ ସମୂହ।
**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 64,15,897.46, EMD (ଟଙ୍କାରେ) : 1,28,300.00, ଶେଷ ହେବା ଅବଧି : 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.09.2026 ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps. gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-390/R/26-27

# ସୁବର୍ଣ୍ଣରେଖା ସୁଅରେ ଭାସିଗଲା ଚାଷୀଙ୍କ ସ୍ୱପ୍ନ

- ଧରାଶାୟୀ ହେଲା ଧାନ ଓ ପରିବା ଚାଷ
- ୮ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନ ଏବଂ ୬୦୦ ହେକ୍ଟରରୁ ଊର୍ଦ୍ଧ୍ୱ ପରିବା ଫସଲ ନଷ୍ଟ
- ୮ ଦିନ ହେଲା ଭୋକ ଉପବାସରେ ଗୃହପାଳିତ ପଶୁ





ବାଲିଆପାଳ, ୨୬।୮ (ସମିସ)

ଛାଡି ଯାଇଛି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ। ହେଲେ ସାଙ୍ଗରେ ଦେଇଯାଇଛି ଅସରନ୍ତି ଦୁଃଖ ଓ ଦୁର୍ଦ୍ଦଶାର ଚିତ୍ର। ଏବେ ବି ଚାଷ ଜମିରୁ ଛାଡି ନାହିଁ ପାଣି। ଭଙ୍ଗା ଅସଜଡା ଘରକୁ ସଜାଡି ପୁଣି ଥରେ ବଞ୍ଚିବାର ରାହା ଖୋଜୁଥିବା ବେଳେ ବନ୍ୟା ପାଣ ଚାଷୀଙ୍କ ସବୁ ସ୍ୱପ୍ନକୁ ମାଟିରେ ମିଶେଇ ଦେଇଛି। ବନ୍ୟା ଛାଡଯିବା ପରେ ଗ୍ରାଉଣ୍ଡ ଜିରୋରେ ରହିଛି ଏହିଭଳି ବାସ୍ତବ ଚିତ୍ର। ଯେଉଁ ଜମିରେ କିଛି ଦିନ ତଳେ ସବୁଜ ଧାନ ଗଛ ଚାଷୀଙ୍କୁ ଭଲ ଫସଲର ସ୍ୱପ୍ନ ଦେଖାଉଥିଲା, ଆଜି ସେହି ଜମି ଲାଗୁଛି ଏକ ମରୁଭୂମି। ପାଣି ଭିତରେ ନଷ୍ଟ ହୋଇ ପଡ଼ିଛି ଧାନ ଗଛ, ପଚିବାକୁ ବସିଛି ପରିବା ଫସଲ। ଆଉ ଏହି ଦୃଶ୍ୟ ମଝିରେ ଠିଆ ହୋଇଛି ଜଣେ ଚାଷୀହାତରେ ଉପୁଡ଼ି ଆସିଥିବା ଧାନ ଗଛ ଧରି। ଏହା କେବଳ ଏକ ଫସଲ ନଷ୍ଟର ଚିତ୍ର ନୁହେଁ, ଏହା ଜଣେ ଚାଷୀଙ୍କ ଭାଙ୍ଗି ଯାଇଥିବା ସ୍ୱପ୍ନର ଚିତ୍ର। ସୁବର୍ଣ୍ଣରେଖାର ବନ୍ୟା ପାଣି ବାଲିଆପାଳର କୃଷିଭିତ୍ତିକ ଅର୍ଥନୀତିକୁ ଦୋହଲାଇ ଦେଇଛି। ଉପଲବ୍ଧ ସ୍ଥାନୀୟ ଆକଳନ ଅନୁସାରେ, ବାଲିଆପାଳ ବ୍ଲକରେ ପ୍ରାୟ ୮ ହଜାର ହେକ୍ଟରରୁ ଅଧିକ ଧାନ ଚାଷ ନଷ୍ଟ ହୋଇଛି। ଧାନ ସହିତ ବିଭିନ୍ନ ପରିବା ଚାଷ ମଧ ବନ୍ୟା ପାଣିରେ ବୁଡିଯାଇଛି। ବ୍ଲକର ୧୯ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ବର୍ଷା, ଖରା ଓ ବିଭିନ୍ନ ପ୍ରତିକୂଳତାକୁ ସହି ଚାଷୀ ଜମିରେ ଫସଲ ଠିଆ କରିଥିଲେ। ବିହନ, ସାର, କୀଟନାଶକ ଓ ଶ୍ରମ ପାଇଁ ଖର୍ଚ୍ଚ କରିଥିଲେ ହଜାର ହଜାର ଟଙ୍କା। ମନରେ ଥିଲା ଗୋଟିଏ ଆଶା ଧାନ ଅମଳ ହେବ, ଘରକୁ ଖୁସି ଆସିବ, ରଣ ଶୁଝିବ। କିନ୍ତୁ ସୁବର୍ଣ୍ଣରେଖାର ଗୋଟିଏ ବନ୍ୟା ସେହି ଆଶାକୁ ପାଣିରେ ମିଶାଇ ଦେଇଛି। ଜମିରେ ଫସଲ ନାହିଁ। ହାତରେ ଆୟ ନାହିଁ। ମୁଣ୍ଡ ଉପରେ ଋଣର ବୋଝ। ଚାଷୀଙ୍କ ଆଖିରେ ଏବେ ଫସଲ ଅମଳର ସ୍ୱପ୍ନ ନୁହେଁ, ଆଗାମୀ ଦିନ କେମିତି କଟିବ ସେହି ଚିନ୍ତା। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଞ୍ଚାୟତର ଚଡପାଳପଡ଼ା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ ପ୍ରଭୃତି ପଞ୍ଚାୟତର ଚଡପାଳପଡ଼ା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ଏହି ସବୁ ସ୍ଥାନରେ ଗ୍ରାଉଣ୍ଡ ଜିରୋର ଚିତ୍ର ଆହୁରି ଦୁଃଖଦ। ଧାନ ଗଛ ପାଣି ଭିତରେ ନଇଁ ପଡ଼ିଛି। କେଉଁଠି ଧାନ ଗଛର ମୂଳ ଉପୁଡ଼ି ଯାଇଛି, ଆଉ କେଉଁଠି ଦୀର୍ଘ ସମୟ ପାଣିରେ ବୁଡ଼ି ରହି ଫସଲ ପଚିବା ଆରମ୍ଭ କରିଛି। ପରିବା କ୍ଷେତର ଅବସ୍ଥା ମଧ ସମାନ। ବନ୍ୟା ପାଣି ଭିତରେ ଫସଲ ନଷ୍ଟ ହୋଇ ଚାଷୀଙ୍କ ଆୟର ମୁଖ୍ୟ ଉତ୍ସ ଏବେ ବିପର୍ଯ୍ୟସ୍ତ। ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମର ବୁଲୁ ରାଉତ, ପଦ୍ମଲୋଚନ ରାଉତ, ବାବାଜୀ ସାହୁ ପ୍ରମୁଖ ଚାଷରୁ ପରିବାର ପ୍ରତିପୋଷଣ କରନ୍ତି। ବନ୍ୟା ପରେ ସେମାନେ ଭାଙ୍ଗି ପଡ଼ିଛନ୍ତି।

ସେହିପରି ବଳରମାପୁର ପଞ୍ଚାୟତ ସୁନାରୁଇ ଗ୍ରାମର ଚାଷି ହରେନ୍ଦ୍ର ବେହେରା ଦେଣ ଧାର କରି ଲୋକଙ୍କ ଠାରୁ ଭାଗରେ ଜମି ଆନି ପ୍ରାୟ ୨୦ ଏକର ଜମିରେ ଧାନ ରୋଇଥିଲେ। ବନ୍ୟା ପାଣି ସମ୍ପୂର୍ଣ୍ଣ ଫସଲ ଉଜାଡି ଦେଇଛି। ଏହି ଚାଷୀମାନଙ୍କ କହିବା କଥା ଋଣ କରି ବିହନ, ସାର ଓ ଔଷଧ କିଣି ଚାଷ କରିଥିଲେ। ଫସଲ ଭଲ ହେଲେ ଋଣ ଶୁଝିବେ ଏବଂ ପରିବାର ଚଳାଇବେ ବୋଲି ଆଶା ରଖିଥିଲେ। କିନ୍ତୁ ବନ୍ୟା ସବୁ ଆଶାକୁ ଧୋଇନେଇଛି। ଏବେ ଜମିରେ ଫସଲ ନାହିଁ, ହାତରେ ଟଙ୍କା ନାହିଁ, ମୁଣ୍ଡ ଉପରେ ଋଣର ବୋଝ। ଏହା କେବଳ ଏକ ବନ୍ୟାର କ୍ଷୟକ୍ଷତି ନୁହେଁ ଏହା ହଜାର ହଜାର ଚାଷୀ ପରିବାରର ଜୀବନଜୀବିକା ଉପରେ ବଡ଼ ଆଘାତ। ବନ୍ୟା ପାଣି ହଟିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ ବୋଲି ତହସିଲଦାର ସସ୍ମିତା ମୁର୍ମୁ କହିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଉ, ନଷ୍ଟ ହୋଇଥିବା ଫସଲର ଉଚିତ କ୍ଷତିପୂରଣ ମିଳୁ ଏବଂ ପରବର୍ତ୍ତୀ ଚାଷ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ଶ୍ରୀଧର ଜେନା, ସୁଶାନ୍ତ ସାହୁ, ଶମ୍ଭୁନାଥ ସାହୁ, ଶୁଭେନ୍ଦୁ ରାଉତ, ଅନନ୍ତ ପାଳ, ସନ୍ତୋଷ ଜେନା, ନାରାୟଣ ଗଙ୍ଗାଇ ପ୍ରମୁଖ ଚାଷୀ ଦାବି କରିଛନ୍ତି। ଅନ୍ୟ ପଟରେ ଆଜକୁ ୮ ଦିନ ହେଲା ଗୃହପାଳିତ ପଶୁ ମାନେ ଭୋକ ଉପବାସରେ ଦିନ କାଟୁଥିବା ବେଳେ ମୁଠାଏ ବି ଗୋଖାଦ୍ୟ ଦିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ମାଡ଼ମାରି ଲୁଟିନେଲେ ସୁନା ଗହଣା

ସିମୁଳିଆ, ୨୬।୮ (ସମିସ): ସିମୁଳିଆ ଥାନା ବାଟି ଗ୍ରାମର କୈଳାଶ ଦଳାଇଙ୍କ ଘରକୁ ଆଜି ସକାଳେ ଦୁଇ ଜଣ ଯୁବକ ବାସୁଦେବପୁର ବ୍ଲକରୁ ଆସିଛନ୍ତି ବୋଲି କହିବା ସହ ସରକାରୀ ଘର ଦେବା ପାଇଁ କହିଥିଲେ। ପ୍ରଥମେ ୫ ହଜାର ଟଙ୍କା ଦେଲେ ୫୦ ହଜାର ଟଙ୍କା ମିଳିବ ବୋଲି ସେମାନେ କହିଥିଲେ। ପରିବାର ଲୋକଙ୍କ ପାଖରେ ଟଙ୍କା ନଥିବା କହିବାରୁ ସୁନା ଗହଣା ଆଣିବା ପାଇଁ ଦୁଇଜଣ ଯୁବକ କହିଥିଲେ। ସୁନା ଗହଣା ଆଣିବା ପରେ ସ୍ଥାନୀୟ ସ୍କୁଲକୁ ଯିବାକୁ କହିବା ସହ ସେଠାରେ ଫଟୋ ଉଠାଇ ସୁନା ଗହଣା ଫେରାଇ ଦେବାର କହିଥିଲେ। ସୁନା ଗହଣା ସହ କୈଳାଶଙ୍କ ପୁଅ ଜଗବନ୍ଧୁଙ୍କୁ ବାଇକରେ ବସାଇ ସ୍କୁଲକୁ ଯିବା ପରିବର୍ତ୍ତେ ଅନ୍ୟ ରାସ୍ତା ଦେଇ ଯିବାରୁ ଜଗବନ୍ଧୁ ପ୍ରତିବାଦ କରିଥିଲେ। ଜଗବନ୍ଧୁଙ୍କୁ ଗାଡ଼ିରୁ ଓହ୍ଲାଇ ଦେବା ସହ ମାଡ଼ମାରି ତାଙ୍କ ଠାରୁ ସୁନା ଗହଣା ନେଇ ବରଣ୍ଡୁଆ ଅଭିମୁଖେ ପଳାଇ ଯାଇଥିଲେ। ଦୁର୍ବୃତ୍ତ ପାଖାପାଖି ୫ ଲକ୍ଷ ଟଙ୍କାର ସୁନା ଗହଣା ଲୁଟି ନେଇଯାଇଥିବାର ଅଭିଯୋଗ ହୋଇଛି। ପରିବାର ଲୋକ ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛନ୍ତି।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବାଣ୍ଟିଲେ ସାଂସଦ

ବସ୍ତା ବ୍ଲକ, ୨୬।୮ (ସମିସ): ବସ୍ତା ବ୍ଲକ ଜଳକା ନଦୀରେ ଆସିଥିବା ବନ୍ୟା ଫଳରେ ବହୁ ପ୍ରଭାବିତ ହୋଇଛନ୍ତି। ବୁଧବାର ଏହି ବ୍ଲକ ଅନ୍ତର୍ଗତ ସାହାଡ଼ା ଓ ଇଡଦା ପଞ୍ଚାୟତରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ୍ ବାଣ୍ଟି ଥିବା ଜଣା ପଡ଼ିଛି। ବିର୍ଲା ଫାଉଣ୍ଡେସନ ତରଫରୁ ଆସିଥିବା ରିଲିଫ୍ ଇଡଦା ପଞ୍ଚାୟତ ର ଭିତର ବ୍ରହ୍ମଉର, କଣ୍ଟିଆ ଡୋଭା, ନର୍ସିଂଡିହ ଗ୍ରାମ ସହିତ ସାହାଡ଼ା ପଞ୍ଚାୟତ ର ଆଗର ପଡ଼ା, ଗୁଡୁଡ଼ିହା ଗ୍ରାମ ରେ ଥିବା ମୋଟ ୫୦୦ ପରିବାରଙ୍କୁ ପ୍ରଦାନ କରିଛନ୍ତି। ଏହି ରିଲିଫ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ସହିତ ହର ଗୋପାଳ ସିଂହ, ସୁବଳ ବେହେରା, ସତ୍ୟ ରଞ୍ଜନ ପାତ୍ର, ଦିଲ୍ଲୀପ ଜେନା, ଖଗେନ୍ଦ୍ର ନାୟକ, ଦିଲ୍ଲୀପ ପାତ୍ର, ଲକ୍ଷ୍ମୀ ଧର ପାତ୍ର, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ପିଣ୍ଟୁ ପ୍ରଦାନଙ୍କ ସହିତ ଅନ୍ୟ କର୍ମୀ ସାମିଲ ଥିଲେ।

## ବିଜେପି ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ

ଜଳେଶ୍ୱର ବ୍ଲକ, ୨୬।୮ (ସମିସ): ବନ୍ୟା ଯୋଗୁଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବ୍ଲକର ଗଡ଼ସାହି ବାଲିଆପାଳ ଗ୍ରାମ ପଞ୍ଚାୟତର ବହୁ ପରିବାର ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ସଙ୍କଟ ସମୟରେ ବନ୍ୟାବିପନ୍ନଙ୍କ ସାହାଯ୍ୟ ପାଇଁ ଆଗେଇ ଆସିଛନ୍ତି ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟା ଏବଂ 'ହିମାଦ୍ରୀ ବିର୍ଲା ଟାୟାର'ର ସହଯୋଗରେ ଗଡ଼ସାହି ବାଲିଆପାଳ ଗ୍ରାମ ପଞ୍ଚାୟତର ପ୍ରାୟ ୫୦୦ କ୍ଷତିଗ୍ରସ୍ତ ପରିବାରକୁ ଜରୁରୀ ଶୁଖିଲା ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମ ଜଳେଶ୍ୱରର ବରିଷ୍ଠ ବିଜେପି ନେତା ବ୍ରଜ ମୋହନ ପ୍ରଧାନ ଏବଂ ବିର୍ଲା ଟାୟାରର ବରିଷ୍ଠ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ପଶ୍ଚିମବାଡ ମଣ୍ଡଳ ସଭାପତି ବିଜୟ ସାମଲ, ବିଜେପି ଯୁବ ନେତା କାଳୀଚରଣ ଦାସ, ଜଳେଶ୍ୱର ନଗର ସଭାପତି ଶିବ ନାରାୟଣ ଦାସ ମହାପାତ୍ର, ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ରଞ୍ଜିତ୍ ପାତ୍ର ଓ ଦିବ୍ୟେନ୍ଦୁ ଦେ ଉପସ୍ଥିତ ଥିଲେ।

## ଭିଜନ ବାଲେଶ୍ୱର ତରଫରୁ ବନ୍ୟା ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ବାଲେଶ୍ୱର, ୨୬।୮ (ସମିସ): ଲଗାତାର ଲଗାଣ ବର୍ଷା ପ୍ରଭାବରେ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ତଳିଆ ଅଞ୍ଚଳ ଗୁଡିକରେ ପାଣି ପ୍ରବେଶ କରିବା ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି।



ଏପରିସ୍ଥଳେ ବାଲେଶ୍ୱରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ ଭିଜନ ବାଲେଶ୍ୱର ତରଫରୁ ସଦର ବ୍ଲକ ଅନ୍ତର୍ଗତ ଓଲନ୍ଦା ସାରଗାଁ ପଞ୍ଚାୟତସ୍ଥିତ ନାଳପୁର ଗ୍ରାମରେ ବନ୍ୟା ପ୍ରଭାବିତ ୧୦୦ରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସଂଗଠନର ସଭାପତି ଚନ୍ଦ୍ରକାନ୍ତି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ରବୀନ୍ଦ୍ର ରାଉତ, ଆଇନ ପରାମର୍ଶଦାତା ବିଜୟ ମହାନ୍ତି, ଉପଦେଷ୍ଟା କୁନାଲ ବେହେରା, ଅଜୟ ନାୟକ, ପ୍ରମୋଦ ସାହୁ, ସୁରଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖାଦ୍ୟ ବଣ୍ଟନରେ ସହଯୋଗ କରିଥିଲେ। ସଂଗଠନର ସମ୍ପାଦକ ଧୀରେଜ କୁମାର ଦାସ ଯୋଗଦେଇ ଥିଲେ।

## ବାଲେଶ୍ୱର ଗୌରବ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ବାଲେଶ୍ୱର, ୨୬।୮ (ସମିସ): ବାଲେଶ୍ୱର ଗୌରବ ପକ୍ଷରୁ ବାଲେଶ୍ୱରର ଝିଅ ତଥା ଇଣ୍ଡିଆନ୍ ଆଇଡଲ୍‌ର ବିଜୟିନୀ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ସହରର ଓଟି ରୋଡସ୍ଥିତ ସେଲିବ୍ରେଶନ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜଣେ ସଫଳ ପ୍ରତିଭାଙ୍କୁ ସମ୍ମାନିତ କରିଥିବାରୁ ସେମାନେ ବାଲେଶ୍ୱର ଗୌରବର ସମସ୍ତ ସଦସ୍ୟ, ସଦସ୍ୟାଙ୍କୁ ସାଧୁବାଦ ଜଣାଇଥିଲେ। ସଂଗଠନ ର ସଭାପତି ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ଚେୟାରମେନ ହରେକୃଷ୍ଣ ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ମୁଖ୍ୟ ପେଟ୍ରୋନ ରଘୁନାଥ ପ୍ରଧାନ, ଡକ୍ଟର ଉପେନ୍ଦ୍ର ନାଥ ପାତ୍ର, କିଶୋର ଦାସ, ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟେଲ୍, ସମ୍ପାଦିକା ଦୀପ୍ତି ଦାସ, ବନ୍ଦନା ରାୟ, ସିଦ୍ଧାର୍ଥ ମହାପାତ୍ର, ଦିବ୍ୟ ରଞ୍ଜନ ମହାପାତ୍ର କୋଷାଧ୍ୟକ୍ଷ ରାଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିର୍ମୟୀଙ୍କ କଣ୍ଠ ସଙ୍ଗୀତ ହଜାର ହଜାର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

## ମହମ୍ମଦଙ୍କ ଜନ୍ମଦିନ ଅବସରରେ ଶୋଭାଯାତ୍ରା



ସିମୁଳିଆ, ୨୬।୮ (ସମିସ): ଇସଲାମ ଧର୍ମର ପବିତ୍ର ପ୍ରବର୍ତ୍ତକ ହଜରତ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଇଦ୍-ଏ-ମିଲାଦ୍-ଉନ୍-ନବୀ ଅବସରରେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ରଘୁନାଥପୁରରେ ଏକ ବିଶାଳ ଓ ଶୃଙ୍ଖଳିତ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ପବିତ୍ର ଶୋଭାଯାତ୍ରା ରଘୁନାଥପୁର ଆଶ୍ରଫବାବା ପୀର ନିକଟରୁ ଆରମ୍ଭ ହୋଇ ସାହୁଖର୍ଦ୍ଦା ଛକ ନିକଟରେ ପହଞ୍ଚିଥିଲେ ସେଠାରେ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ମିଠା ଓ ମୃଦୁପାନୀୟ ଦେଇ ସ୍ୱାଗତ ଜଣାଇଥିଲେ। ପରେ ଶୋଭାଯାତ୍ରା ବଧି ଅଞ୍ଚଳର ସାହାଯାନ ବାବା ପୀର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାମୂହିକ ପ୍ରାର୍ଥନା ପରେ ଶୋଭାଯାତ୍ରାର ସମାପନ ହୋଇଥିଲା। ହିନ୍ଦୁ ଭାଇମାନେ ଦୀପକ ଖିଲାର. ନଟବର ମହାନ୍ତି. ରାଧାକାନ୍ତ ମହାନ୍ତି. ସେମାନଙ୍କ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଦେଉଥିବା ଦେଖିବାକୁ ମିଳିଥିଲା।

## ଦୁଇ କାର୍‌କୁ ପିଟିଲା ତୀର୍ଥଯାତ୍ରୀ ବସ୍, ୪ ଗୁରୁତର

ସିମୁଳିଆ, ୨୬।୮ (ସମିସ): ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବା ବେଳେ ଟୁରିଷ୍ଟ ବସ୍ ଧକ୍କାରେ ସ୍କର୍ପିଓ ଓ ଟାଟା ପଞ୍ଚ କ୍ଷତିଗ୍ରସ୍ତ ହୋଇ ୪ ଜଣ ଗୁରୁତର ଅବସ୍ଥା ରେ ମେଡିକାଲ ଭର୍ତ୍ତି ହୋଇଛନ୍ତି। ଅଳ୍ପକେ ବର୍ତ୍ତିଲେ ବସ ରେ ଥିବା ୭୦ ଜଣ ଯାତ୍ରୀ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମାର୍କୋଣା ଇଲେକ୍ଟ୍ରି ଅଫିସ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟୁରିଷ୍ଟ ବସ୍‌ର ଧକ୍କାରେ ଦୁଇଟି କାର କ୍ଷତିଗ୍ରସ୍ତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପ୍ରାୟ ୭୦ ଜଣ ଯାତ୍ରୀଙ୍କୁ ନେଇ ଏକ ଟୁରିଷ୍ଟ ବସ୍ ପୁରୀ ଅଭିମୁଖେ ଯାଉଥିଲା। ମାର୍କୋଣା ଇଲେକ୍ଟ୍ରି ଅଫିସ ନିକଟରେ ହଠାତ୍ ବସ୍‌ଟି ନିୟନ୍ତ୍ରଣ ହରାଇ ଏକ ସ୍କର୍ପିଓ ଓ ଟାଟା ପଞ୍ଚ କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ରେ ଥିବା ସମସ୍ତ ଯାତ୍ରୀ ଅଳ୍ପକେ ରକ୍ଷା ପାଇଥିବା ବେଳେ ସ୍କର୍ପିଓରେ ଥିବା ୪ଜଣ ଗୁରୁତର ହୋଇଛନ୍ତି। ତୁରନ୍ତ ଉଦ୍ଧାର କରାଯାଇ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜପଥରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ପୁଲିସ ପକ୍ଷରୁ ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା।

## ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ



ବାଲେଶ୍ୱର, ୨୬।୮ (ସମିସ): ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ସାରା ବିଶ୍ୱରେ ପାଳିତ ହେଉଥିବା ବେଳେ ବାଲେଶ୍ୱର ରେ ମଧ ଆନନ୍ଦ ଉଲ୍ଲାସ ସହ ପାଳନ କରିଛନ୍ତି ଇସଲାମ ଧର୍ମାବଲମ୍ବୀ ମାନେ। ଏହି ପରିପ୍ରେକ୍ଷୀରେ ଜସନ୍-ଏ- ଇଦ୍ ମିଲାଦୁନ୍ ନବୀ କମିଟି ପକ୍ଷରୁ ଏକ ବାଇକ ରାଲି ସକାଳ ୭ଟାରେ ଦରଘା ମୈଦାନରୁ ବାହାରି ସହର ପରିକ୍ରମା କରିବା ପରେ ୧୦ତରେ ଦରଘା ମୈଦାନ କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶାନ୍ତି ଶୃଙ୍ଖଳା ସହ ଏହି ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ବେଳେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, କଂଗ୍ରେସ ନେତା ସରୋଜ କୁମାର ଲେଙ୍କା ବିଭିନ୍ନ ଛକ ମାନଙ୍କରେ ଉପସ୍ଥିତ ରହି ରାଲି ରେ ଯାଉଥିବା ଲୋକମାନଙ୍କୁ ଇଦ-ମିଲାଦୁନ-ନବୀ ର ଶୁଭେଚ୍ଛା ଜଣାଇବା ସହ ପୁଷ୍ପ ବୃଷ୍ଟି କରିଥିଲେ। ସେହିପରି ପୌର ଉପାଧକ୍ଷ କୈଳାଶ ସେଠୀ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଶେଖ ଆୟୁବ ଶିବୁ, ସାମ୍ବାଦିକ ହାଇଦର ଖାନ, ଅନୁପ ସ୍ୱାଇଁ, ଅର୍ଚ୍ଚନା ନନ୍ଦି, ସେଖ୍ କାଲାମ, ସେଖ୍ ଅସଗର ଅଲ୍ଲି, ସେଖ୍ ଭାନୁ, ସେଖ ରଜବ୍ ଅଲି ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଲୋକମାନଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାହି ବସ୍ତି ରୁ ୨୨ଗୋଟି ଜୁଲୁସ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ସିନେମା ଛକ, ମୋତିଗଞ୍ଜ, ଟାଉନ ଥାନା, ଗୋଳାପୋଖରୀ ହୋଇ ଦରଘା ମୈଦାନ ରେ ଠାରେ ପହଞ୍ଚି ଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଏକାଧିକ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ।

## ଜଳେଶ୍ୱରରେ ହଜରତ ମହମ୍ମଦଙ୍କ ଜୟନ୍ତୀ

ଜଳେଶ୍ୱର, ୨୬।୮ (ସମିସ): ହଜରତ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ସାରା ଦେଶରେ ପାଳନ କରାଯାଉଥିବା ବେଳେ ଜଳେଶ୍ୱର ସହର ଓ ତାର ଆଖପାଖ ଅଞ୍ଚଳରେ ଖୁବ ଧୁମଧାମରେ ପାଳନ କରାଯାଇଛି। ଏହି




ଉପଲକ୍ଷେ ବୁଧବାର ସକାଳେ ସମସ୍ତ ମସଜିଦ୍ ମାନଙ୍କରେ କୋରାନ ପାଠ ହୋଇଥିବା ବେଳେ ନିଜନିଜ ମଧ୍ୟରେ ଭାଇଚାରାର ସନ୍ଦେଶ ବାଣ୍ଟିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଝାଡେଶ୍ୱରପୁର ସ୍ଥିତ ମାଦ୍ରାସା ଗୁଲସନେ ଇ-ହୁସେନ ଠାରେ ସଭାପତି ସେକ୍ କାସିମ୍ ବକ୍ସ, ସମ୍ପାଦକ ଅବଦୁଲ ରହମାନ, ଇନତାଜ ବକ୍ସ ମାଦ୍ରାସାର ମୌଲବି ମୁଫତି ଅବଦୁଲ ଅଜିଜ, ମୌଲାନା ସର୍ଫରାଜ ରାଜା, ଏକ୍ୱାରୀ ସାଦାବ ରାଜା ନେତୃତ୍ୱରେ ମାଦ୍ରାସାର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମହମ୍ମଦଙ୍କ ଜନ୍ମ ଦିନ ଉପଲକ୍ଷେ ଶାନ୍ତି ଓ ମୈତ୍ରୀର ସନ୍ଦେଶ ପ୍ରଚାର କରିଥିଲେ। ସେହିପରି ଜଳେଶ୍ୱର ଗ୍ୟାରେଜ ବଜାର ଭାଇଭାଇ ୟୁନିଟି ଜଳେଶ୍ୱର ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପଞ୍ଚୁଘଣ୍ଟା ସ୍ଥିତ ହଜରତ ପୀର ଆସ୍ଥାନ ନିକଟକୁ ଯାଇଥିଲେ ଓ ଶାନ୍ତିର ବାର୍ତା ସମସ୍ତଙ୍କୁ ଦେଇଥିଲେ। ସନ୍ଧ୍ୟାରେ ଗ୍ୟାରେଜ ବଜାର ସ୍ଥିତ ମଦିନା ହାଡୱାର ଷ୍ଟୋର ନିକଟରେ ଏହି ସଂଘ ପକ୍ଷରୁ ସମସ୍ତଙ୍କୁ ମିଷ୍ଟାନ୍ନ ଓ ସରବତ ବଣ୍ଟନ କରାଯିବା ସହିତ ଏକ ହିନ୍ଦୁ ମୁସଲିମ ମିଳିତ ମଞ୍ଚର ଆୟୋଜନ କରାଯାଇଥିଲା। ଭାଇଭାଇ ୟୁନିଟିର ସଭାପତି ସେକ ହାକିମ ବକ୍ସ, ସମ୍ପାଦକ ସେକ ଜେଶୋକ ଅଲ୍ଲି, କୋଷାଧ୍ୟକ୍ଷ ଜାଗୀର ମହମ୍ମଦ, ଉସମାନ ଖାଁ, କାସିମ ବକ୍ସ, ସେକ ଅଜଗର ଅଲ୍ଲି, ସାଦିର ଖାଁ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସମସ୍ତ ବସ୍ତି ତରଫରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ଜଳେଶ୍ୱର ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପ୍ରଦେଶ ମହିଳା କଂଗ୍ରେସ ତରଫରୁ ବନ୍ୟାଞ୍ଚଳ ପରିଦର୍ଶନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୬।୮ (ସମିସ): ଉତ୍ତର ବାଲେଶ୍ୱର ଅଞ୍ଚଳରେ ବନ୍ୟା ଓ ଲଗାତାର ବର୍ଷା ଜନିତ କ୍ଷୟକ୍ଷତି ଧିରେଧିରେ ବଢ଼ିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ଓ ରିଲିଫ ଯୋଗାଣ କରାଯାଉଥିବା ବେଳେ ଆଜି ଜାତୀୟ କଂଗ୍ରେସ ଦଳର ପ୍ରଦେଶ ମହିଳା କଂଗ୍ରେସ ତରଫରୁ ଏହି ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ରିଲିଫ ବଣ୍ଟନ କରାଯାଇଛି। ତଥା ସରକାରଙ୍କ ତରଫରୁ ଲୋକଙ୍କୁ ଯୋଗାଯାଇଥିବା ସାହାଯ୍ୟ ଯଥେଷ୍ଟ ନୁହେଁ ବରଂ କଂଗ୍ରେସ ଦଳ ତରଫରୁ ନିଶ୍ଚିତ ଘୋର




ଅସୁବିଧାରେ ରହିଥିବା ଲୋକଙ୍କ ପାଖରେ ପହଞ୍ଚିଛନ୍ତି ବୋଲି ସ୍ଥାନୀୟ ଶୋଭା କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ସଭାପତି ମିନାକ୍ଷୀ ବାହିନୀପତି ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀରେ ଦୁଇଥର ବନ୍ୟା ଓ ବର୍ଷା ଯୋଗୁଁ ହଜାର ହଜାର ଚାଷଜମି ଏବେବି ଜଳମଗ୍ନ ହୋଇ ରହିଛି। ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଜମିରେ ଚାଷ ପଚି ନଷ୍ଟ ହେବା ସହିତ ଜଳ ଘେରରେ ଏବେବି ଲୋକମାନେ ରହୁଛନ୍ତି। ସରକାରଙ୍କ ପକ୍ଷରୁ ରିଲିଫ ସହାୟତା ବଣ୍ଟନ ପ୍ରହସନରେ ପରିଣତ ହୋଇଛି। ରାଜନୈତିକ ନେତାମାନେ ଜଳବୁଡି ଅଞ୍ଚଳକୁ ନଯାଇ ରାସ୍ତାରାସ୍ତାରେ ବୁଲି ଚୁଡା, ଗୁଡ, ବିସ୍କୁଟ ବାଣ୍ଟି ନାମନେବାକୁ ବସିଛନ୍ତି ବୋଲି ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ବନ୍ୟା ଗ୍ରସ୍ତ ଅଞ୍ଚଳର ଚାଷୀମାନଙ୍କୁ ଋଣ ଛାଡ, ଆର୍ଥିକ ସହାୟତା ପ୍ରଦାନ, ବାସଗୃହ ପ୍ରଦାନ ସହିତ ଉଦ୍‌ବୃତ ବର୍ଷା ଓ ବନ୍ୟା ଜଳ ନିଷ୍କାସନର ମାଷ୍ଟର ପ୍ଲାନ ସବୁଦିନିଆ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ନ ହେଲେ କଂଗ୍ରେସ ଦଳ ଲୋକଙ୍କ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମହିଳା ସଭାପତି ମିନାକ୍ଷୀ ବାହିନୀପତିଙ୍କ ସହିତ ପରିଦର୍ଶନରେ ଆସିଥିବା ରାଜ୍ୟ ମିଡିଆ ସମ୍ପାଦକ ଜୟସ୍ମିତା ମହାନ୍ତି, ବାଲେଶ୍ୱର ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ମୟୂରଭଞ୍ଜ ମହିଳା କଂଗ୍ରେସ ସଭାପତି ରଶ୍ମିତା ମିଶ୍ର, ସମ୍ପାଦକ ବୃନ୍ଦାବତୀ ମହାପାତ୍ର, ପ୍ରତିମା ପଣ୍ଡା, ବାସନ୍ତୀ ସାମଲ, ପ୍ରତିମା ମଲ୍ଲିକ, କୁମୁଦିନି ଦାସ, ରାଧାରାଣୀ ପାତ୍ର, ଜଳେଶ୍ୱର ବ୍ଲକ ସଭାପତି ହେମନ୍ତ ଗିରି ନଗର ସଭାପତି ଜଗଦୀଶ ନନ୍ଦୀ, ସୁଦାମ ପାତ୍ର, ଦୁର୍ଗାଶଙ୍କର ଆଶ, ସୌଭିକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଶ୍ରେଷ୍ଠ ସିଏସ୍‌ଆର୍ ପ୍ରକଳ୍ପ' ପୁରସ୍କାରରେ ଟିପିଏନ୍‌ଓଡିଏଲ୍ ସମ୍ମାନିତ

ବାଲେଶ୍ୱର, ୨୬।୮ (ସମିସ)

ଜାତୀୟ ସ୍ତରରେ ପୁଣି ସମ୍ମାନିତ ହୋଇଛି ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)। ଏହାର ପ୍ରଭାବଶାଳୀ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ପାଇଁ ୟୁବିଏସ ଫୋରମ୍ସ ଦ୍ୱାରା ଆୟୋଜିତ ୧୭ତମ କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି ସମ୍ମିଟ ଆଣ୍ଡ ଆୱାର୍ଡସ - ୨୦୨୬ କାର୍ଯ୍ୟକ୍ରମରେ 'ଶ୍ରେଷ୍ଠ ସିଏସଆର ପ୍ରକଳ୍ପ' ପୁରସ୍କାରରେ ସମ୍ମାନିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକରେ ମାର୍ଚ୍ଚ ୨୦୨୫ରେ ହୋଇଥିବା ଭୟଙ୍କର କୁଆପଥର ବର୍ଷା ଦ୍ୱାରା ପ୍ରଭାବିତ ପରିବାରଙ୍କ ସହାୟତା ତଥା ଥଇଥାନ ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଗତକାଲି ପୁନେଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନ୍‌ଓଡିଏଲ୍ ସିଏସଆର ମୁଖ୍ୟ ରଞ୍ଜନ ଶର୍ମା ଏବଂ ଉଦଳା ବୈଦ୍ୟୁତିକ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜେଶ ରଞ୍ଜନ ଘଡାଇ ସଙ୍ଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଗତବର୍ଷ କାଳବୈଶାଖୀ ଜନିତ କୁଆପଥର ବର୍ଷା ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବିଶୋଇ ବ୍ଲକ ଅନ୍ତର୍ଗତ ପୁଣ୍ଡିଦା, କେଶରଗାଡିଆ ଏବଂ ସାରସପଡ଼ା ଗ୍ରାମର ଗୁରୁତର କ୍ଷତିଗ୍ରସ୍ତ ଅଧିବାସୀଙ୍କୁ




ଆବଶ୍ୟକୀୟ ଜରୁରୀକାଳିନ ସହାୟତା ତଥା ଜୀବିକା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଅନ୍ତର୍ଭୁକ୍ତ କରି ଟିପିଏନ୍‌ଓଡିଏଲ୍ ପକ୍ଷରୁ ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ଓ କମ୍ପାନୀ ପକ୍ଷରୁ ଶସ୍ୟ ଓ ପନିପରିବା ବିହନ, ଜୈବ-ସାର ସମେତ କୃଷି ଉପକରଣ କିଟ୍ ପ୍ରଦାନ କରାଯିବା ସହ ଛତୁ ବିହନ, କୁକୁଡ଼ା ଓ ଛେଳି ଯୋଗାଇ ଦିଆଯାଇ ବ୍ୟାପକ ପଶୁଚିକିତ୍ସା ସେବା ସୁନିଶ୍ଚିତ କରାଯାଇଥିଲା। ଏହା ସହିତ ସଂସ୍ଥା ପକ୍ଷରୁ ଅଞ୍ଚଳର କୃଷକଙ୍କ ପାଇଁ କୃଷିଭିତ୍ତିକ ତାଲିମ ଶିବିର ସହ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଛଅ ବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ସ୍ୱତନ୍ତ୍ର ପୁଷ୍ଟିସାର କିଟ୍ ବଣ୍ଟନ ତଥା କିଶୋରୀଙ୍କ ପାଇଁ ସ୍ୱଚ୍ଛତା କିଟ୍ ଏବଂ ସଚେତନତାମୂଳକ ଶିକ୍ଷାଶିବିରର ଆୟୋଜନ କରାଯାଇଥିଲା। ଅଞ୍ଚଳରେ ମୌଳିକ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ସରକାରୀ ସ୍କୁଲ ପରିସରରେ ତିନୋଟି ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ମଧ ପ୍ରତିଷ୍ଠା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଅଞ୍ଚଳର ୭୦୦ରୁ ଅଧିକ ବ୍ୟକ୍ତିବିଶେଷ ତଥା ପରିବାର ଲାଭାନ୍ୱିତ ହୋଇପାରିଛନ୍ତି। ଏ ନେଇ ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୂଷ୍ୟନ୍ତ କୁମାର ତ୍ୟାଗୀ ସମସ୍ତ ଅଧିକାରୀ ଏବଂ ସହକାରୀ ସଂସ୍ଥାଙ୍କୁ ଶ୍ରେୟ ଦେଇଛନ୍ତି।

ଟିପିଏନଓଡିଏଲ ପକ୍ଷରୁ ଯୁବବର୍ଗଙ୍କ ପାଇଁ ଛଅଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ମାଧ୍ୟମରେ ବାର୍ଷିକ ପ୍ରାୟତଃ ୧୦୦୦ଜଣ ଯୁବକ ଓ ଯୁବତୀଙ୍କୁ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ, ୧୫ ଟି ମହିଳା ସାକ୍ଷରତା କେନ୍ଦ୍ର ଜରିଆରେ ୬୦୦ରୁ ଅଧିକ ମହିଳାଙ୍କୁ ଡିଜିଟାଲ ସାକ୍ଷରତା ତାଲିମ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟଶିବିର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗ୍ରାମୀଣ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଅଞ୍ଚଳର ବିକାଶଧାରାକୁ ଅଧିକ ଗତିଶୀଳ କରାଯାଇପାରିଛି।

### କମଳାଶୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାମରେ ଅନିୟମିତତା ଅଭିଯୋଗ

# ଛାତରୁ ଝରୁଛି ପାଣି, ସିମେଣ୍ଟ ଘୋଳ ଦେଇ ତ୍ରୁଟି ଲୁଚାଇବା ପ୍ରୟାସ

ବାରିପଦା/ବଡ଼ସାହି, ୨୬।୮(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କମଳାଶୋଳ ଗ୍ରାମରେ ନିର୍ମାଣାଧୀନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟକୁ ନେଇ ଅନିୟମିତତା ଓ ନିମ୍ନମାନର କାମ ହେଉଥିବା ଅଭିଯୋଗ ଉଠିଛି। ଏ ନେଇ ପୂର୍ଣ୍ଣଚନ୍ଦ୍ରପୁର, ଯଦୁନାଥପୁର ଓ ନାଉପାଳ ପଞ୍ଚାୟତର ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣସ୍ଥଳରେ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଏଥିସହ ଛାତ ପଡ଼ିବାର ପ୍ରାୟ ୧୫ ଦିନ ପରେ ଛାତପଟା ଖୋଲାଯାଇଥିବା ଓ ଛାତ ପଡ଼ିବାର ୩୧ ଦିନ ପରେ ଛାତ ଉପରେ ସିମେଣ୍ଟ ପାଣି ଦିଆଯାଇଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଛାତ ପଡ଼ିବାର ୩୧ ଦିନ ପରେ ମଧ୍ୟ ନିର୍ମାଣାଧୀନ କୋଠାର ଛାତରୁ ବର୍ଷାପାଣି ଝରୁଥିବା ଦେଖାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଛାତରୁ ପାଣି ଝରୁଥିବା ଘଟଣା ସାମ୍ନାକୁ ଆସିବା ପରେ କଣ୍ଟ୍ରାକ୍ଟରଙ୍କ ନିର୍ଦ୍ଦେଶକ୍ରମେ ଜଣେ ବ୍ୟକ୍ତି ଛାତ ଉପରେ ସିମେଣ୍ଟ ଗୋଳା ପକାଇଥିଲେ। ଏପରି କରାଯାଇ ନିର୍ମାଣ କାର୍ଯ୍ୟରେ ଥିବା ତ୍ରୁଟି କିମ୍ବା ଅନିୟମିତତାକୁ ଲୁଚାଇବାର ଚେଷ୍ଟା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଉକ୍ତ ଘଟଣାକୁ ନେଇ ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ଓ ନିର୍ମାଣ ପ୍ରକ୍ରିୟା ଉପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ଜନସେବାମୂଳକ କୋଠା ଭବିଷ୍ୟତରେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟବହାରକୁ ଆସିବାକୁ ଥିବାରୁ ନିର୍ମାଣରେ କୌଣସି ପ୍ରକାର ଅବହେଳା ଗୁରୁତର ପରିଣାମ ସୃଷ୍ଟି କରିପାରେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ନିର୍ମାଣସ୍ଥଳକୁ ଆସି ଯାଞ୍ଚ କରିବାକୁ ଅନୁରୋଧ କରିଥିବା କହିଛନ୍ତି। ଯନ୍ତ୍ରୀ ଏକ ବୈଠକରେ ଯୋଗଦେବାର ଥିବା ଦର୍ଶାଇ ତତକ୍ଷଣାତ୍ ଆସିପାରିବେନାହିଁ ବୋଲି କହିଥିବା ଓ ପରବର୍ତ୍ତୀ ସମୟରେ ଆସିବା ପୂର୍ବରୁ ଫୋନ୍ ଯୋଗେ ଜଣାଇବେ ବୋଲି କହିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

ଏ ପରିପ୍ରେକ୍ଷୀରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ସରଜମିନ ତଦନ୍ତ କରାଇବା, ନିର୍ମାଣର ଗୁଣାତ୍ମକ ମାନ ଯାଞ୍ଚ କରିବା, ଅଭିଯୋଗର ସତ୍ୟତା ଅନୁସନ୍ଧାନ କରିବା ଓ ଆବଶ୍ୟକ ସ୍ଥଳେ ତ୍ରୁଟି ସୁଧାର କରାଇ ଉନ୍ନତମାନର ନିର୍ମାଣ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କପିଳେଶ୍ୱର ସିଂ, ଧରଣୀଧର ସିଂ, ଜିତେନ୍ଦ୍ର ସିଂ, ଶିବନାଥ ସିଂ, ନିରଞ୍ଜନ ନାଏକ, ଗୌର ସିଂ, ଜ୍ଞାନେନ୍ଦ୍ର ସିଂଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଏହି ଅଭିଯୋଗ ଉପରେ ସମ୍ପୃକ୍ତ ବିଭାଗ ଓ ନିର୍ମାଣ ଦାୟିତ୍ୱରେ ଥିବା ପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗର ସତ୍ୟତା ସରକାରୀ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

## ସାଇବର ସୁରକ୍ଷା ସଚେତନତା ଓ ନିଶାମୁକ୍ତ ଅଭିଯାନ




କୁଆମରା, ୨୬।୮(ସମିସ): ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ଖୁଣ୍ଟା ପୁଲିସ ପକ୍ଷରୁ ସାଇବର ସଚେତନତା, ନିଶାମୁକ୍ତ ଅଭିଯାନ ଓ ଆଇନଗତ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଖୁଣ୍ଟା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, ଏଏସ୍‌ଆଇ ସବ୍ୟସାଚୀ ସାମଲ, ବିକାଶ ପଣ୍ଡା ପ୍ରମୁଖ ଯୋଗଦେଇ ଆଜିର ଡିଜିଟାଲ ଯୁଗରେ କିପରି ସାଇବର ଠକେଇ ହେଉଛି ଓ କିପରି ସାବଧାନତା ଅବଲମ୍ବନ କରାଯାଇପାରିବ ଏ ନେଇ ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ତତ୍‌ସହିତ ବିଭିନ୍ନ ଠକେଇ, ମୋବାଇଲ ଫୋନ୍ ଚୋରି ଭଳି ବଡ଼ ବଡ଼ ଅପରାଧ ଘଟିଲେ କି କି ଆଇନଗତ ସହାୟତା ମିଳିପାରିବ ସେ ସମ୍ପର୍କରେ ସଚେତନତା କରାଯାଇଥିଲେ। ସେହିପରି ଆଜିର ଯୁବପିଢି ନିଶା ସେବନ କରିବା ଦ୍ୱାରା ସମାଜର କିପରି କ୍ଷତି ଘଟୁଛି ସେ ସମ୍ପର୍କରେ ସଚେତନ କରାଇବା ସହ ବିଭିନ୍ନ ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ବୁଝାଇଥିଲେ। ଶିକ୍ଷକ ଅମୂଲ୍ୟ ବିନ୍ଧାଣୀ, ମୋନାଲିସା ସେଠୀ, ଜୟନ୍ତୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାତ୍ମା ଗାନ୍ଧୀ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ନବାଗତଙ୍କୁ ସ୍ୱାଗତ

ରାସଗୋବିନ୍ଦପୁର, ୨୬।୮(ସମିସ): ରଙ୍ଗମାଟିଆସ୍ଥ ମହାତ୍ମା ଗାନ୍ଧୀ ଦକ୍ଷତା ବିକାଶ ତାଲିମ କେନ୍ଦ୍ର (ଗାନ୍ଧୀ ଭୋକେସନାଲ ଟ୍ରେନିଂ ସେଣ୍ଟର)ରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷାର୍ଥୀଙ୍କୁ ତାଲିମ କେନ୍ଦ୍ରର ପରିବେଶ ସହ ପରିଚିତ କରାଇବା ସହିତ ଦକ୍ଷତା ବିକାଶ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରାରମ୍ଭରେ ନୂତନ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ତାଲିମ କେନ୍ଦ୍ରର ନିୟମ, ଶୃଙ୍ଖଳା ଓ ତାଲିମ ସମ୍ପର୍କରେ ଅବଗତ କରାଯାଇଥିଲା। ସଭାରେ ମହାତ୍ମା ଗାନ୍ଧୀ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ପ୍ରତୀକ ପଟ୍ଟନାୟକ ଯୋଗଦେଇ ଦକ୍ଷତାଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତାଲିମ ଗ୍ରହଣ କରି ନିଜ ଦକ୍ଷତା ବୃଦ୍ଧି କରିବା ସହ ଆତ୍ମନିର୍ଭର ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଡାଇରେକ୍ଟର ଡା. ଆଦିତ୍ୟ ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ, ରିଚି ମିଳନ ଚୌଧୁରୀ, ନୀଳାଦ୍ରି ମହାନ୍ତ, ସାମ୍ବାଦିକ ଅଶୋକ କୁମାର ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରଫୁଲ୍ଲ ଦଳେଇ ଓ ତ୍ରିଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ରଙ୍ଗମାଟିଆ ଚକ୍ଷୁ ଚିକିତ୍ସାଳୟ ପରିସରରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଥିବାରୁ ଏହା ଅଞ୍ଚଳର ଯୁବକ/ଯୁବତୀଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ତାଲିମ ମାଧ୍ୟମରେ ଆବଶ୍ୟକ ଦକ୍ଷତା ହାସଲ କରି ଅନେକ ଛାତ୍ରଛାତ୍ରୀ ନିଜ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିପାରୁଛନ୍ତି। ଏହା ଯୁବପିଢ଼ିଙ୍କୁ ଆତ୍ମନିର୍ଭର କରିବା ସହ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେଉଛି। ସ୍ୱାଗତ ସଭାରେ ବର୍ତ୍ତମାନ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ସହ ତାଲିମ ଶେଷ କରି ରୋଜଗାରକ୍ଷମ ହୋଇଥିବା ପୂର୍ବତନ ଶିକ୍ଷାର୍ଥୀ ମଧ୍ୟ ନିଜ ଅନୁଭୂତି ବାଣ୍ଟିଥିଲେ। ତାଲିମ କିପରି ସେମାନଙ୍କ ଦକ୍ଷତା ବୃଦ୍ଧି କରି ରୋଜଗାରର ରାସ୍ତା ଖୋଲିଦେଇଛି, ସେ ସମ୍ପର୍କରେ ସେମାନେ ନିଜ ଅନୁଭବ ପ୍ରକାଶ କରିଥିଲେ। ଶେଷରେ ନୂତନ ଶିକ୍ଷାର୍ଥୀ ଉତ୍ସାହ ଓ ଆଗ୍ରହର ସହ ତାଲିମ ଗ୍ରହଣ କରି ନିଜ ଭବିଷ୍ୟତକୁ ସୁଦୃଢ଼ କରିବେ ବୋଲି ଉପସ୍ଥିତ ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଏହି ସ୍ୱାଗତ ସଭା ନୂତନ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା।



## ଆବାସ ତାଲିକାରୁ କଟିଗଲା ନାଁ; ଅଭିଯୋଗବେଳେ ବିଡିଓଙ୍କ ଦୁର୍ବ୍ୟବହାର

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

ବାରିପଦା, ୨୬।୮(ସମିସ): ପ୍ରଧାନମନ୍ତ୍ରୀ ଆବାସ ତାଲିକାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯିବା ପରେ ସେମାନେ ଅଭିଯୋଗ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବିଡିଓଙ୍କ ଦୁର୍ବ୍ୟବହାରର ଶିକାର ହୋଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ କଳମା ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଆବାସ ଘରରୁ ବଞ୍ଚିତ ଏକାଧିକ ମହିଳା ଓ ପୁରୁଷ ହିତାଧିକାରୀ ନିଜ ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିବା ସହ ତୁରନ୍ତ ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ କଳମା ପଞ୍ଚାୟତଟି ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ନିଜ ପଞ୍ଚାୟତ। ଏହି ପଞ୍ଚାୟତ ଅଧୀନ ଗୋବିନ୍ଦରାଇପୁର, ତାଳପଦା, କାଁଥି, ମହେଶ୍ୱରପୁର, ରାଉତରାପୁର ଓ କଷାଫଳ ଆଦି ଗ୍ରାମର ବହୁ ଗରିବ ପରିବାର ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟ ତାଲିକାରେ ଅନ୍ତର୍ଭୁକ୍ତ ଥିଲେ। କିନ୍ତୁ ନିକଟରେ ପ୍ରକାଶିତ ନୂତନ ତାଲିକାରୁ ସେମାନଙ୍କ ନାମ ରହସ୍ୟଜନକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଟିମ୍ ତଦନ୍ତ ନାମରେ କିଛି ଲୋକଙ୍କ ଘରକୁ ଯାଇ ତଦନ୍ତ କରାଯାଇଥିବା ବେଳେ ଅନେକ ଯୋଗ୍ୟ ଲୋକଙ୍କ ଘରକୁ ନ ଯାଇ ମନମୁଖୀ ଭାବେ ସେମାନଙ୍କୁ ଅଯୋଗ୍ୟ ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଏହି ସମ୍ପର୍କରେ ଗ୍ରାମବାସୀମାନେ ପୂର୍ବରୁ ବ୍ଲକ ପ୍ରଶାସନ ଓ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବରଂ ସେମାନଙ୍କୁ ବେତନଟୀ ବିଡିଓ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିଥିବା ଅଭିଯୋଗ କରିଛନ୍ତି। ମଣ୍ଟୁ ନାୟକ ଓ ସଞ୍ଜୁ ଖମାରୀଙ୍କ ଅଭିଯୋଗ ଅନୁସାରେ ଜିଲ୍ଲାପାଳଙ୍କ ପାଖକୁ ଆସିଥିବା ସମସ୍ତଙ୍କ ନାମ ଯୋଗ୍ୟ ହିତାଧିକାରୀ ତାଲିକାରେ ଥିବା ବେଳେ ପରବର୍ତ୍ତୀ ସମୟରେ ନାମ କଟିବା ଯୋଜନାବଦ୍ଧ ଭାବେ କରାଯାଇଛି। ରାଜନୈତିକ ଚାପରେ ସରକାରୀ ଅଧିକାରୀ ବାସ୍ତବିକ ସ୍ଥିତିକୁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟର ବିଷୟ। ଏହି ଅଭିଯୋଗର ସ୍ଥାୟୀ ସମାଧାନ କରାନଗଲେ ଆଗକୁ ବୃହତ୍ତ ଆନ୍ଦୋଳନ ପାଇଁ ସମସ୍ତେ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



### ଦିନକ ପରେ ରାକ୍ଷୀ ପୂର୍ଣ୍ଣିମା

## ବଢୁଛି ଅନ୍‌ଲାଇନ୍ ରାଖୀ ବେପାର; ଦୋକାନରେ ମାନ୍ଦା

ବାରିପଦା, ୨୬।୮(ସମିସ): ଭାଇ ଭଉଣୀଙ୍କ ଅତୁଟ ବନ୍ଧନର ଦିନ ପବିତ୍ର ରକ୍ଷା ବନ୍ଧନ। ଦେବତାଙ୍କ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ଦିନଟିର ମହତ୍ୱ ଅନେକ ରହିଛି। ଶ୍ରୀମନ୍ଦିରରେ ମଧ୍ୟ ହାତ ନ ଥାଇ ଭଉଣୀ ସୁଭଦ୍ରା ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ରାଖୀ ବାନ୍ଧି ଏହି ଦିବସକୁ ପାଳନ କରନ୍ତି। ଦିନକ ପରେ ରକ୍ଷା ବନ୍ଧନ ଥିବା ବେଳେ ବାରିପଦା ସହରରେ ଖୋଲିଥିବା ରାଖୀ ଦୋକାନରେ ବ୍ୟବସାୟ ମାନ୍ଦା ରହିଛି। ସହରର ଟ୍ରାଫିକ ଛକରେ ମୁଖ୍ୟ ରାଖୀ ବଜାର ଥିବାବେଳେ ବାଘରାରୋଡ, ସତ୍ୟସାଇ ଛକ, ଭଞ୍ଜପୁର, ମୁର୍ଗାବାଡ଼ି, ବଡ଼ବଜାର, ଷ୍ଟେସନ ବଜାର, ଚିପଟ ଅସ୍ତିଆ, ମଧୁବନ, ତକତପୁର ଆଦି ସ୍ଥାନରେ ଭଳିକି ଭଳି ଡିଜାଇନର ରାଖୀ ଦୋକାନ ଖୋଲିଛି। ବଜାରରେ ବିଭିନ୍ନ ପ୍ରକାରର ରାଖୀ ଉପଲବ୍ଧ ଥିଲେ ମଧ୍ୟ ଗତ ବର୍ଷ ତୁଳନାରେ ଉଭଣୀ ମାନଙ୍କ ଚଳିତ ବର୍ଷ ରାଖୀ କିଣିବା କମ ରହିଛି। ରାଖୀ ବଜାର ଖାଁ ଖାଁ ପଡ଼ିଥିବା ବେଳେ ଗ୍ରାହକଙ୍କ ସଂଖ୍ୟା କମିଛି। ଯାହାକୁ ନେଇ ବେପାରୀ ମାନେ ଚିନ୍ତା ପ୍ରକଟ କରିଛନ୍ତି। ପୂର୍ବ ବର୍ଷ ଭଳି ଲୋକଙ୍କ ଗହଳି ବାରିପଦା ରାଖୀ ବଜାରରେ ଦେଖିବାକୁ ମିଳିନାହିଁ। ଦିନ ଅପେକ୍ଷା ସନ୍ଧ୍ୟା ହେଲେ ଦୋକାନକୁ ଗ୍ରାହକଙ୍କ ସଂଖ୍ୟା ବଢୁଥିଲେ ସୁଦ୍ଧା ସେ ହିସାବରେ ରାଖୀ କିଣୁ ନାହାଁନ୍ତି। ମାନ୍ଦା ବେପାର ପାଇଁ ରାଖୀ ଆଣି ବେପାରୀମାନେ କ୍ଷତି ସହିଛନ୍ତି।



ବର୍ତ୍ତମାନ ସମୟରେ ଅଫ୍ ଲାଇନ୍ ବଜାର ଉପରେ ଅନ୍‌ଲାଇନ୍ ରାଖୀ ବଜାର ଦାଉ ସାଧିଛି। ଦୋକାନରୁ ରାଖୀ କିଣିବା ଠାରୁ ଅନ୍‌ଲାଇନ୍ ସପିଂ ସାଇଟରୁ ଭଉଣୀମାନେ ରାଖୀ କିଣିବ ସହଜ ସାଜିଛି। ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରକାର ରାଖୀ ଉପଲବ୍ଧ ଥିବାବେଳେ ବିନା ପରିଶ୍ରମରେ ଗୋଟିଏ କ୍ଲିକ୍‌ରେ ଘରେ କିମ୍ବା ଦୂରରେ ଥିବା ଭାଇ ନିକଟରେ ମନ ପସନ୍ଦର ରାଖୀ ପହଞ୍ଚି ଯାଉଛି। ତେଣୁ ଲୋକେ ବାହାରକୁ ନ ଯାଇ ଅନ୍‌ଲାଇନ୍‌ରେ ରାଖୀ ସପିଂ କରିବାକୁ ପସନ୍ଦ କରୁଛନ୍ତି। ଯାହାର ସିଧାସଳଖ ପ୍ରଭାବ ରାଖୀ ବଜାର ଉପରେ ପଡୁଛି। ବର୍ତ୍ତମାନ ମାର୍କେଟର ଅବସ୍ଥା ଦେଖି ବ୍ୟବସାୟୀ ହତାଶ ହୋଇ ପଡ଼ିଛନ୍ତି। ରାଖୀ ପୂର୍ଣ୍ଣିମା ବଜାର ହ୍ରାସର ଏକ ପ୍ରମୁଖ କାରଣ ଅନଲାଇନ୍ ସପିଂ ପ୍ଲାଟଫର୍ମର ବୃଦ୍ଧି ହେଉଛି। ଫ୍ଲିପ୍‌କାର୍ଟ, ଆମାଜନ୍, ମେଶୋ ସମେତ ଅନେକ ଇ-କମର୍ସ କମ୍ପାନୀ ଗ୍ରାହକଙ୍କ ପାଇଁ ଘରେ ବସି ଆରାମରେ ରାଖୀ ଦେଖିବା ଏବଂ କିଣିବା ସହଜ କରିଦେଇଛି। ରାଖୀ ସମେତ ମିଠା, କାଜୁ, ପିସ୍ତା ବାଦାମ ଆଦି ପ୍ୟାକେଟ ଉପଲବ୍ଧ ହେଉଛି। ଏହି ପ୍ଲାଟ୍‌ଫର୍ମ୍ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ବିକଳ୍ପ ଗ୍ରାହକଙ୍କୁ ପାରମ୍ପରିକ ବଜାରର ରାଖୀ ଦୋକାନ ଠାରୁ ଦୂରେଇ ଦେଇଛି। ଉପଭୋକ୍ତାଙ୍କ ବ୍ୟବହାରରେ ଏହି ପରିବର୍ତ୍ତନ ସ୍ଥାନୀୟ ବିକ୍ରେତାଙ୍କ ବା ଅଫ୍‌ଲାଇନ୍ ଖୁଚୁରା ବ୍ୟବସାୟୀ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ନେଇ ବ୍ୟବସାୟୀ କହିଛନ୍ତି, ପ୍ରତିବର୍ଷ ରାଖୀ ପୂର୍ଣ୍ଣିମାରେ ଭଲ ବ୍ୟବସାୟ ହୋଇଥାଏ। କିନ୍ତୁ ଚଳିତବର୍ଷ ବେପାର ମାନ୍ଦା ରହିଛି। ଲୋକଙ୍କ ପ୍ରଥମ ପସନ୍ଦ ଅନ୍‌ଲାଇନ୍ ରାଖୀ ବଜାର ସାଜିଛି।

## ପୁଙ୍ଗିଙ୍କୁ ମିଳୁନି ବିଧବା ଭତ୍ତା



ଶରତ, ୨୬।୮(ସମିସ): କପ୍ତିପଦା ବ୍ଲକ ରାଣୀପୋଖରୀ ପଞ୍ଚାୟତ ଅନ୍ତର୍ଗତ ରଜତନଗର ରାଜସ୍ୱ ଗ୍ରାମ ସାର୍ଦୁସାହି ଗ୍ରାମର ବାସିନ୍ଦା ପୁଙ୍ଗି ସିଂଙ୍କ ସ୍ୱାମୀ ଚୁମ୍ବୁରୁ ସିଂ ଦୁଇବର୍ଷ ପୂର୍ବେ ମୃତ୍ୟୁବରଣ କରିଛନ୍ତି। ତେବେ ପୁଙ୍ଗିଙ୍କୁ ବର୍ତ୍ତମାନ ସୁଦ୍ଧା ବିଧବା ଭତ୍ତା ମିଳି ନ ଥିବା ଅଭିଯୋଗ ହେଉଛି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରରେ ତାଙ୍କ ସମେତ ପାଞ୍ଚଜଣ ସନ୍ତାନ ଅଛନ୍ତି। ସେ ଖଲି ପତ୍ର ସିଲେଇ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେ ବିଧବା ଭତ୍ତା ନିମନ୍ତେ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ନିବେଦନ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗଣମାଧ୍ୟମରେ ନିକଟରେ ପ୍ରକାଶ କରିଛନ୍ତି। ତାଙ୍କ ଘରଠାରୁ ବ୍ଲକ କାର୍ଯ୍ୟାଳୟ ପ୍ରାୟ ୪୦ କିଲୋମିଟର ଦୂର ହେତୁ ବାରମ୍ବାର ଯିବାରେ ମଧ୍ୟ ଅସୁବିଧା ହେଉଥିବା ଜଣାଇଛନ୍ତି। ତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ଗ୍ରାମର ଯୁବ ସମାଜସେବୀ ଜାମାଦାର ବାଲମୁଚୁ ନିବେଦନ କରିଛନ୍ତି।

## ଚଉକାଠ ବୋଝେଇ ପିକ୍‌ଅପ୍ ଜବତ



ମହୁଲଡିହା/ଠାକୁରମୁଣ୍ଡା/କରଞ୍ଜିଆ, ୨୬।୮(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଜରକ ପଞ୍ଚାୟତ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରୁ ଏକ ଚୌକାଠ ବୋଝେଇ ପିକ୍‌ଅପ୍ ଜବତ କରିଛି ଠାକୁରମୁଣ୍ଡା ବନବିଭାଗ। କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ବିଶେଷ ସୂତ୍ରରୁ ଖବର ପାଇ ଜରକ ଗ୍ରାମ ପଞ୍ଚାୟତ ଘଣ୍ଟିଆଦର ସାଳନ୍ଦୀ ନଦୀ ସେତୁ ନିକଟରେ ଛକି ରହିଥିଲେ। ମଙ୍ଗଳବାର ରାତିରେ ଏକ ପିକ୍‌ଅପ୍‌କୁ ଅଟକାଇ ତଲାସୀ କରିବାରୁ ଶାଳ ଚଉକାଠ ବୋଝେଇ ହୋଇଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ତଲାସୀ ପ୍ରକ୍ରିୟା ଚାଲୁଥିବାବେଳେ ଅନ୍ଧାରର ସୁଯୋଗ ନେଇ ଗାଡ଼ି ଚାଳକ ଚତୁରତାର ସହ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲା। ବନବିଭାଗ କର୍ମଚାରୀ ପିକ୍‌ଅପ୍‌କୁ ଜବତ କରି ଠାକୁରମୁଣ୍ଡା ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ପିକଅପ୍‌ରେ ଲୋଡ୍ ହୋଇଥିବା ୭୮ ଖଣ୍ଡ ଶାଳ ଚଉକାଠର ପରିମାଣ ୬୮.୪୬ ସିଫ୍ଟ ଏବଂ ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ବନପାଳ ବିଦ୍ୟାଧର ମହାନ୍ତ, ବିଶ୍ୱଜିତ ମହାନ୍ତ, ବନରକ୍ଷୀ ମନୋଜ ବେହେରା, ତପନେଶ୍ୱର ପାଲ୍ ଏବଂ ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ।

### ବିଜେଡି ନେତ୍ରୀଙ୍କ ପୁଅର ଦୁର୍ଘଟଣାରେ ମୃତ୍ୟୁ ଘଟଣା ସନ୍ଦେହ ଘେରରେ

# ଏସ୍‌ଆଇଟି ତଦନ୍ତ ପାଇଁ ଏସ୍‌ପିଙ୍କୁ ଦାବିପତ୍ର

ବାରିପଦା, ୨୬।୮(ସମିସ): ବାରିପଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ତଥା ବିଜେଡି ନେତ୍ରୀ ପାର୍ବତୀ ହେମ୍ବ୍ରମଙ୍କ ପୁଅ ହରିଶ ଚନ୍ଦ୍ର ହେମ୍ବ୍ରମଙ୍କ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟଣା ସନ୍ଦେହଜନକ ବୋଲି ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଘଟଣାର ନିରପେକ୍ଷ, ବ୍ୟାପକ ଓ ବୈଜ୍ଞାନିକ ତଦନ୍ତ ପାଇଁ ଦାବି ହୋଇଛି। ଏ ନେଇ ମୃତକଙ୍କ ପତ୍ନୀ ଲକ୍ଷ୍ମୀମଣି ହେମ୍ବ୍ରମଙ୍କ ସମେତ ଭଞ୍ଜ ଦିଶୋମ ମାଝୀ ମୋହଲ ମ୍ୟାନେଜିଂ କମିଟି ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ ହରିଶ ଚନ୍ଦ୍ର ହେମ୍ବ୍ରମ(୪୫) ଗତ ୧୯ ତାରିଖ ରାତି ପ୍ରାୟ ୧୧ ଟା ୪୫ ରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ତାଙ୍କ ଓଡି ୧୧ଏସ୍ ୮୩୧୦ ନମ୍ବର ବିଶିଷ୍ଟ କାର୍ ଯୋଗେ ବନ୍ଧୁ ସତ୍ୟଜିତ ବେହେରାଙ୍କ ସହିତ ଯାଉଥିଲେ। ୨୦ ତାରିଖ ରାତି ପ୍ରାୟ ୧ଟା ୧୦ରେ ସୋରୋ ଥାନା ଅନ୍ତର୍ଗତ ଆଲିପୁର ନିକଟରେ ଗାଡ଼ିଟି ରାସ୍ତାକଡ଼ରେ ରହିଥିବା ବେଳେ ହରିଶଚନ୍ଦ୍ର ଗାଡ଼ିରୁ ପରିସ୍ରା ପାଇଁ ବାହାରକୁ ଯିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହରିଶଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ସହଯାତ୍ରୀ ସତ୍ୟଜିତ ଆହତ ହୋଇ ବାଲେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହୋଇ ପରେ ଡିସ୍‌ଚାର୍ଜ ହୋଇଥିଲେ। ତେବେ ଘଟଣା ସମୟର ପରିସ୍ଥିତିକୁ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ଦୁର୍ଘଟଣାରେ ସମ୍ପୃକ୍ତ ଅଜଣା ଗାଡ଼ିକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନ ଥିବାରୁ ଘଟଣାର ପ୍ରକୃତ କାରଣ ଜାଣିବା ଆବଶ୍ୟକ ବୋଲି ଆବେଦନରେ ଦର୍ଶାଯାଇଛି। ମୃତ ହରିଶଚନ୍ଦ୍ର ଡାକ ବିଭାଗରେ ଚାକିରି କରୁଥିଲେ ହେଁ ରିଅଲ ଇଷ୍ଟେଟ ଓ ସମ୍ପତ୍ତି ସମ୍ବନ୍ଧୀୟ ବ୍ୟବସାୟରେ ଜଡ଼ିତ ଥିଲେ। ତାଙ୍କ ବ୍ୟବସାୟିକ ଓ ଆର୍ଥିକ କାରବାର, ସମ୍ପତ୍ତି ବିବାଦ ଏବଂ ନିକଟ ଅତୀତରେ କାହା ସହିତ ବିବାଦ ଥିଲା କି ନାହିଁ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଆବେଦନରେ ଅଜଣା ଗାଡ଼ିକୁ ଚିହ୍ନଟ ପାଇଁ ଆଲିପୁର, ସୋରୋ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍, ଟୋଲପ୍ଲାଜା ଓ ଟ୍ରାଫିକ ରେକର୍ଡ ଯାଞ୍ଚ, ଦୁର୍ଘଟଣାସ୍ଥଳର ଫୋରେନସିକ ପରୀକ୍ଷା, ଗାଡ଼ିର କ୍ଷତିର ଧାରା ଓ ଭଙ୍ଗା ଅଂଶର ବିଶ୍ଳେଷଣ, ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ, ସହଯାତ୍ରୀ ସତ୍ୟଜିତଙ୍କୁ ପଚରାଉଚରା ଏବଂ ମୃତକଙ୍କ ମୋବାଇଲ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ତଥ୍ୟ ବାଲେଶ୍ୱର ଓ ମୟୂରଭଞ୍ଜ ପୁଲିସ ମଧ୍ୟରେ ସମନ୍ୱୟ ରଖି ତଦନ୍ତ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭଞ୍ଜ ଦିଶୋମ ମାଝୀ ମୋହଲ ମ୍ୟାନେଜିଂ କମିଟିର ଉପଦେଷ୍ଟା ଆଇନଜୀବୀ ପ୍ରଭୁଦାନ ମାରାଣ୍ଡି, ଦୁର୍ଯ୍ୟୋଧନ ମୁର୍ମୁ, ସଭାପତି ସୁବୋଧ ସୋରେନ, ସୁନ୍ଦର ମୋହନ ବାସ୍କେ, ମନୋରଞ୍ଜନ ହେମ୍ବ୍ରମ ଓ ଲାଲବାହାଦୁର ମାରାଣ୍ଡିଙ୍କ ସହ ଶତାଧିକ କର୍ମକର୍ତ୍ତା ସାମିଲ ଥିଲେ।



ସକାଳ THE SAKALA



# ଝୁଣ୍ଟୁଛି ବୃହତ ଜଳଯୋଗାଣ ଯୋଜନା

**ଘରକୁ ଘର ପାଣି ପ୍ରକଳ୍ପର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି**

**ଦୁର୍ଗମ ଗ୍ରାମାଞ୍ଚଳରେ କୂଅ, ଚୁଆ ଭରସା**


**ବର୍ଷ ବର୍ଷ ଧରି ପାଣି ପାଇଁ ଆଦିବାସୀ ସାଜିଛନ୍ତି ଚାତକ**

କେନ୍ଦୁଝର, ୨୬।୮ (ସମିସ)

କେନ୍ଦୁଝର ଏକ କଳକାରଖାନା ଓ ଖଣି ଖାଦାନ ଭରା ଜିଲ୍ଲା ଅଟେ। ଏଠାରୁ ଆଦାୟ ହଜାର ହଜାର କୋଟି ଖଣି ରାଜସ୍ୱ ନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆର୍ଥିକ ବ୍ୟବସ୍ଥା ସୁଦୃଢ ହେଉଛି। ଏହାସତ୍ତ୍ୱେ ଜିଲ୍ଲାବାସୀ ବିଭିନ୍ନ ସ୍ଥାନରେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସରକାରୀ ଯୋଜନାର ଲାଭ ସେମାନଙ୍କୁ ମିଳୁନାହିଁ। ହଜାର ହଜାର ଲୋକ ଏବେ ବି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ଲୋକ ଏବେ ମଧ୍ୟ ନିକଟସ୍ଥ ନଦୀ, ଚୁଆ, କୂଅ ଏବଂ ଅନ୍ୟାନ୍ୟ ଜଳଉତ୍ସରୁ ପାନୀୟ ଜଳ ସଂଗ୍ରହକରି ସେମାନଙ୍କ ସମସ୍ୟା ସମାଧାନ କରୁଛନ୍ତି। ଜିଲ୍ଲାରେ ଖଣିଜ ପାଣ୍ଠି, ଓମବାଡ଼ସି ଭଳି ସଂସ୍ଥାରେ ହଜାର ହଜାର କୋଟି ଟଙ୍କା ଖଣି ଅଞ୍ଚଳ ଉନ୍ନୟନ ପାଇଁ ଅର୍ଥ ଆଦାୟ ହେଉଛି; ତଥାପି ଜିଲ୍ଲାବାସୀ ବିଶୁଦ୍ଧ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେବା ଭଳି ଘଟଣାଗୁଡିକର ଅନେକ ନଜିର ରହିଛି।

ଏଭଳି ସମସ୍ୟାର ସମାଧାନ ନିମନ୍ତେ ପୂର୍ବ ସରକାର କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃହତ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇବା ପାଇଁ ଅର୍ଥ ବରାଦ କରିବା ସହିତ ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ସରକାର ବଦଳିଲା ସମୟ ମଧ୍ୟ ବିତିଚାଲିଛି କିନ୍ତୁ ପ୍ରକଳ୍ପଗୁଡିକର କାମ ସରିବାର ନାଁ ଧରୁନାହିଁ। ବୃହତ ଜଳଯୋଗାଣ ପ୍ରକଳ୍ପଗୁଡିକର କାମ ସରିବା ଅବଧି ପୂରି ସାରିଲାଣି ୫ ବର୍ଷରୁ ଅଧିକ ସମୟ ବିତିଲାଣି ଲୋକେ କିନ୍ତୁ ପାନୀୟ ଜଳ ପାଇନାହାନ୍ତି। ଅବଶ୍ୟ କେତେକ ଗାଁରେ ଘରକୁ ଘର ପାଇପ ମାଧ୍ୟମରେ ପାଣି ପହଞ୍ଚିଲାଣି। ସେମାନେ ଯୋଜନାର ସୁଫଳ ପାଉଛନ୍ତି ସିନା ଏବେବି ଜିଲ୍ଲାର ଶହଶହ ଗାଁର ହଜାର ହଜାର ଲୋକେ ପାଇପ ଯୋଗେ ପାନୀୟଜଳ ପାଇବାକୁ ଚାତକ ପରି ଅନେଇ ବସିଛନ୍ତି। କେଉଁଠି ପାଇପ ପୋତା ସାରିଛି ତ କେଉଁଠି ଟ୍ୟାପ ଖୁଣ୍ଟି ବି ପୋତା ସରିବାର ବର୍ଷ ବର୍ଷ ବିତିଲାଣି କିନ୍ତୁ ପ୍ରକଳ୍ପ କାମ ସରୁନାହିଁ। ପାନୀୟ ଜଳ ଘରକୁ ଘର ଆସୁନାହିଁ।

ଖଣି ପ୍ରଭାବିତ ଯୋଡ଼ା ବ୍ଲକ ଏବଂ ଝୁମ୍ପୁରା ବ୍ଲକର ୧୧୫ଟି ଗାଁକୁ ଘରଘର ପାନୀୟଜଳ ଯୋଗାଣ ନିମନ୍ତେ ୧୯୪.୫୦ କୋଟି ଟଙ୍କା ବ୍ୟୟ ବରାଦରେ ବୃହତ ଜଳଯୋଗାଣ ପ୍ରକଳ୍ପ କାମ ଅନେକ ଦିନ ହେବ ଚାଲିଛି। ସେଥିରୁ ୧୮୫.୫୬ କୋଟି ଖର୍ଚ୍ଚ ହେଲାଣି କିନ୍ତୁ ଏବେ ପର୍ଯ୍ୟନ୍ତ ୮୨ଟି ଗାଁକୁ ପାଣି ଯୋଗାଯାଇଥିବାବେଳେ ଆହୁରି ୩୩ଟି ଗାଁକୁ ପାଣି ମିଳିନାହିଁ। ସେହିଭଳି ଚମ୍ପୁଆ ବ୍ଲକ ୨୨ ଟି ପଞ୍ଚାୟତର ୧୨୧ ଗାଁ, ଝୁମ୍ପୁରା ବ୍ଲକ ୨୧ ପଞ୍ଚାୟତର ୯୬ ଗାଁ, କେନ୍ଦୁଝର ସଦର ବ୍ଲକ ୨୫ ପଞ୍ଚାୟତର ୨୦୬ ଗାଁ, ବାଂଶପାଳ ବ୍ଲକ ୨୧ ପଞ୍ଚାୟତର ୧୬୬ ଗାଁକୁ ମିଶାଇ ମୋଟ ୫୮୯ ଗାଁର ଘରକୁ ଘର ପାଇପ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ୧୧୧୬.୯୮ କୋଟି ଟଙ୍କା ବ୍ୟୟବରାଦରେ ଅନେକ ବର୍ଷ ହେଲା ମେଗା ପ୍ରକଳ୍ପ କାମ ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୪୨୪ ଗାଁକୁ ପାଣି ମିଳିଥିଲେ ମଧ୍ୟ ଆହୁରି ୧୬୫ ଗୋଟି ଗାଁକୁ ପାନୀୟଜଳ କେବେ ଯୋଗାଇ ଦିଆଯିବ ଜଣାନାହିଁ। ଅନ୍ୟପକ୍ଷରେ ତେଲକୋଇ, ପାଟଣା, ହରିଚନ୍ଦନପୁର, ଘଟଗାଁ ଏବଂ ଅନୁଗୁଳ ଜିଲ୍ଲାର ପାଲଲହଡା ବ୍ଲକ ଅଞ୍ଚଳକୁ ମିଶାଇ ମୋଟ ୯୧୮ ଟି ଗ୍ରାମକୁ ମେଗା ପ୍ରକଳ୍ପ ମାଧ୍ୟମରେ ପାନୀୟଜଳ ଯୋଗାଣ ନିମନ୍ତେ ୪୩୧.୯୨ କୋଟି ଟଙ୍କା ଅଟକଳରେ ପ୍ରକଳ୍ପ କାମ ଅନେକ ବର୍ଷ ହେବ ଚାଲିଛି। ଏବେ ପର୍ଯ୍ୟନ୍ତ ଉପରୋକ୍ତ ବ୍ଲକ ଅଞ୍ଚଳର ମାତ୍ର ୧୧୦ଟି ଗାଁକୁ ପାଇପରେ ପାଣି ପହଞ୍ଚିଛି। ମାତ୍ର ଏବେବି ଆହୁରି ୮୦୮ଟି ଗାଁ ହଜାର ହଜାର ପରିବାର ପାଇପ ଯୋଗେ ଘରକୁ ଘର ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।



ଆନନ୍ଦପୁର ଜଳଯୋଗାଣ ଓ ପରିମଳ ଖଣ୍ଡ ଅଧୀନସ୍ଥ ଅଧୀନରେ ଡିଏମଏଫ/ଓମବାଡସି ଅର୍ଥରେ କାର୍ଯ୍ୟକାରୀ ହାଟଡିହି ବ୍ଲକର ୨୦୦ ଗ୍ରାମକୁ ବୃହତ ଜଳଯୋଗାଣ ପ୍ରକଳ୍ପର ୧୮୯ ଗାଁକୁ ପାଣି ମିଳିଥିବାବେଳେ ଅନ୍ୟ ଗାଁ ପାଇପରେ ପାଣି ପାଇନାହାନ୍ତି। ଘଟଗାଁ ଓ ହରିଚନ୍ଦନପୁର ବ୍ଲକର ୩୪୫ ଗାଁକୁ ନେଇ କାର୍ଯ୍ୟକାରୀ ବୃହତ ଜଳଯୋଗାଣ ପ୍ରକଳ୍ପରୁ ୭୮ ଗ୍ରାମକୁ ଜଳଯୋଗାଣ ହୋଇଛି। ବକେୟା ୫୮ ଗ୍ରାମକୁ ଆଂଶିକ ଜଳଯୋଗାଣ ହୋଇଥିଲେ ମଧ୍ୟ ଅନ୍ୟ ୨୦୯ ଗାଁକୁ ଏବେ ମଧ୍ୟ ପାନୀୟଜଳ ଯୋଗାଣ ହୋଇପାରିନାହିଁ। ଡିଏମଏଫର ୧୧୦.୧୩ କୋଟି ଟଙ୍କା ଅର୍ଥ ବରାଦରେ ଆନନ୍ଦପୁର ବ୍ଲକ ଅଞ୍ଚଳର ୮୧ ଗ୍ରାମକୁ ଜଳଯୋଗାଣ ବୃହତ ପ୍ରକଳ୍ପରୁ ମାତ୍ର ୩୫ ଗାଁକୁ ସମ୍ପୂର୍ଣ୍ଣ ଓ ୨ଟି ଗାଁକୁ ଆଂଶିକ ଜଳଯୋଗାଣ ହେଉଛି। ଏହି ପ୍ରକଳ୍ପ ଅଧୀନରେ ଥିବା ଅନ୍ୟ ୪୫ଟି ଗାଁକୁ ଏବେବି ପାଇପରେ ପାଣି ଯୋଗାଯାଇ ପାରିନି। ସେପଟେ ସାହାରପଡା ବ୍ଲକର ୧୩୮ ଗ୍ରାମକୁ ନେଇ ୧୭୯.୦୭ କୋଟି ଅର୍ଥ ବରାଦରେ କାର୍ଯ୍ୟକାରୀ ବୃହତ ଜଳଯୋଗାଣ ପ୍ରକଳ୍ପରୁ ୧୧୪ଟି ଗାଁକୁ ସମ୍ପୂର୍ଣ୍ଣ ଓ ୮ ଗାଁକୁ ଆଂଶିକ ଜଳଯୋଗାଣ ହୋଇଥିଲେ ମଧ୍ୟ ଆହୁରି ୧୬ ଗାଁର ଲୋକଙ୍କୁ ପାଇପରେ ପାଣି ମିଳିନାହିଁ। ଆନନ୍ଦପୁର ଓ ଘସିପୁରା ବ୍ଲକର ୨୦୦ ଗାଁକୁ ନେଇ ୧୫୨.୪୪ କୋଟି ଡିଏମଏଫ ଅର୍ଥରେ କାର୍ଯ୍ୟକାରୀ ମେଗା ଜଳଯୋଗାଣ ପ୍ରକଳ୍ପ ମଧ୍ୟ ଅଧୁରା ରହିଛି। ଏହି ପ୍ରକଳ୍ପରୁ ଏବେ ପର୍ଯ୍ୟନ୍ତ ମାତ୍ର ୨୦ ଗାଁକୁ ସମ୍ପୂର୍ଣ୍ଣ ଜଳଯୋଗାଣ ହୋଇଛି। ବକେୟା ମଧ୍ୟରୁ ୩୧ ଗାଁରେ ଆଂଶିକ ଅଞ୍ଚଳକୁ ଜଳଯୋଗାଣ ହୋଇଥିଲେ ମଧ୍ୟ ୧୪୯ ଗାଁର ହଜାର ହଜାର ଅଧିବାସୀ ଏବେବି ପାଇପରେ ଘରକୁ ପାଣି ପାଇପାଇଲେ ନାହିଁ। ଉପରୋକ୍ତ ମେଗା ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ମଧ୍ୟରୁ ଅନେକ ପ୍ରକଳ୍ପ କରୋନା ପୂର୍ବରୁ କାର୍ଯ୍ୟକାରୀ ହେଲାଣି। କାହିଁକି କେଜାଣି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ କାହାରି ପାଖରେ ଉତ୍ତର ନାହିଁ। ପ୍ରକଳ୍ପଗୁଡିକର କାମ ଆସନ୍ତା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପ୍ରତି ଘରକୁ ପାଇପରେ ପାନୀୟ ଜଳଯୋଗାଣ ହେବ ବୋଲି ବିଭାଗୀୟ ଅଧିକାରୀମାନେ କହୁଥିଲେ ମଧ୍ୟ ଏଭଳି ପ୍ରତିଶ୍ରୁତି ଶୁଣି ଶୁଣି ଲୋକେ ଅତିଷ୍ଠ ହେଲେଣି। ଅର୍ଥର ଅଭାବ ନଥିବା କେନ୍ଦୁଝର ଭଳି ଜିଲ୍ଲାରେ ଘରକୁ ଘର ପାନୀୟଜଳ ଯୋଗାଣ ପ୍ରକଳ୍ପଗୁଡିକର ଅହେତୁକ ବିଳମ୍ବ କାରଣରୁ ସାଧାରଣ ଲୋକେ ଅସୁବିଧା ଭୋଗି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସରକାର ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ କ୍ରିୟାଶୀଳ ହୋଇ ପାଇପ ଜଳଯୋଗାଣକୁ ସମ୍ପୂର୍ଣ୍ଣ କରିବାକୁ ମତ ପ୍ରକାଶ ପାଇଛି।

## ବଉଳା ନାଳ ସ୍ରୋତରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

ମହୁଲଡିହା,୨୬।୮ (ସମିସ): ମହୁଲଡିହା ଥାନା ବଉଳା ଗ୍ରାମ ନିକଟସ୍ଥ ବଉଳା ନାଳ ସ୍ରୋତରେ ଭାସିଯାଇ ଜଣେ ବୃଦ୍ଧଙ୍କ ଆଜି ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଶରତ ଥାନା ସରଡିହା ଗ୍ରାମ ପଞ୍ଚାୟତର ବାରାଗାଡିଆ ଗ୍ରାମର ବିରସିଂ ବାରି (୫୦)। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଭାଲିଆଡାଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜାହ୍ନବୀ ସଏ ଅପରାହ୍ନ ୪ ଟା ବେଳେ ମହୁଲଡିହା ପୁଲିସକୁ ଜଣାଇଥିଲେ। ଖବର ପାଇ ମହୁଲଡିହା ଥାନା ଆଇଆଇସି ବିରେନ୍ଦ୍ର କୁମାର ରାଉତ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରାଙ୍କ ଉପସ୍ଥିତିରେ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରି ୧୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛନ୍ତି।

## ଜେଲ୍ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ, କଟକ ସ୍ଥାନାନ୍ତର



ସୋର, ୨୬।୮ (ସମିସ): ବାଲେଶ୍ୱର ଜିଲ୍ଲା ସୋର ଥାନା ମାଣତ୍ରୀ ଛକ ନିକଟରେ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଜଣେ ଜେଲ କର୍ମଚାରୀ ଗୁରୁତର ଆହତ ହୋଇ ସୋର ମେଡିକାଲରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସୋର ଥାନା ବଳଦିଆପଡା ଗ୍ରାମର ସୁରେନ୍ଦ୍ର ସାମଲ(୪୮) ସୋର ସବ୍‌ଜେଲରେ ଚିଫ୍ ୱାର୍ଡେନ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଆଜି ଅପରାହ୍ନରେ ଜେଲରୁ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ମାଣତ୍ରୀ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ସୁରେନ୍ଦ୍ରଙ୍କ ଡାହାଣ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ବାମ ହାତର ଏକ ଆଙ୍ଗୁଠି କଟି ଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି ଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଆକ୍ରମଣର କାରଣ ଅସ୍ପଷ୍ଟ ଥିବାବେଳେ ଖବର ପାଇ ସୋର ଥାନା ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନା ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ପ୍ରବଚକ ଭାଗବତ ପଣ୍ଡାଙ୍କୁ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ



ବାରିପଦା,୨୬।୮ (ସମିସ): ପ୍ରବଚକ ପଣ୍ଡିତ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬ ସମ୍ମାନରେ ସମ୍ମାନିତ କରାଯାଇଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓଡ଼ିଶା ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମହୋତ୍ସବ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ର ପୀଠ ସାଲେପୁରର ଗୋପୀନାଥ ପୁରଠାରେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମୁଖ୍ୟଅତିଥି, ତୁଳସୀ ଦାସ ଜୟନ୍ତୀ କମିଟିର ପରିଚାଳନା ମୁଖ୍ୟ ବିଜୟ କୁମାର ଦେବତା (ରାମାୟଣୀ) ମୁଖ୍ୟ ବକ୍ତା, ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଦୀର୍ଘ ୪୬ ବର୍ଷ ଧରି ଶ୍ରୀ ଜଗନ୍ନାଥ ସଂସ୍କୃତି କ୍ଷେତ୍ରରେ ଗବେଷଣା ଜାରି ରଖିଥିବା ଓ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ୍ୟ ରାମ କଥାର ପ୍ରବଚନ ଗଙ୍ଗା ପ୍ରବାହରେ ଜଣେ ପ୍ରଥିତ ଯଶା ସାଗ୍ମିକ କଥା ବ୍ୟାସ ହେତୁ ପ୍ରବାଚକ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନ ସ୍ୱରୂପ ମାନପତ୍ର, ଶ୍ରୀ ଜଗନ୍ନାଥଙ୍କ ଫୋଟୋ , ଉତ୍ତରୀୟ, ପଦକ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରବାଚକ ପଣ୍ଡା କହିଲେ ରାମାୟଣ କେବଳ ଏକ କାହାଣୀ ନୁହେଁ , ଏହା ଏକ ଆଚରଣୀୟ ଗ୍ରନ୍ଥ। ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ସମସ୍ତେ ନିଜ ଜୀବନରେ, ପାରିବାରିକ ଜୀବନ ଭିତରେ, ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ଅନୁପାଳନ କଲେ ଏକ ସୁନ୍ଦର ସମାଜ ତିଆରି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚାସୀନ ଅତିଥିମାନେ ଶ୍ରୀରାମଙ୍କ ତ୍ୟାଗପୂତ ଜୀବନ, ଭରତଙ୍କ ମହନୀୟ ଚରିତ୍ର, ସୀତାଙ୍କର ପତି ପରାୟଣତା, ଲକ୍ଷ୍ମଣଙ୍କ ରାମଙ୍କୁ ନିସ୍ୱାର୍ଥପର ଭାବେ ଭଲ ପାଇବା ରାମଙ୍କର ସମ୍ମାନକୁ ସମାଜରେ ପ୍ରତିଷ୍ଠିତ କରାଇବାପାଇଁ ସବୁ ପ୍ରକାର ନିନ୍ଦା ଅପବାଦକୁ ସହ୍ୟ କରି ମାତା କୈକେୟୀ କିପରି ଜଣେ ମହନିୟା ନାରୀର ଭୂମିକା ନିଭାଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଶେଷରେ କୋଷାଧ୍ୟକ୍ଷ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**■ କର୍ମଚାରୀଙ୍କୁ ଆର୍‌ଏସିପି ପ୍ରଦାନ ପ୍ରସଂଗ**

## ଭଦ୍ରକ ଏସ୍‌ପିଏଙ୍କ ପୁନର୍ବିଚାର ଆବେଦନ ହାଇକୋର୍ଟରେ ଖାରଜ

କଟକ,୨୬।୮ (ସମିସ): ଭଦ୍ରକ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷ(ଏସପିଏ) ନିକଟରେ କର୍ମଚାରୀଙ୍କୁ ଆରଏସିପି ସୁବିଧା ମଞ୍ଜୁରୀ ପାଇଁ ଆବଶ୍ୟକ କ୍ଷମତା ଥିବା ସତ୍ତ୍ୱେ ହାଇକୋର୍ଟଙ୍କ ଗତ ୨୦୨୫, ମେ ୧୨ର ନିର୍ଦ୍ଦେଶ ପାଳନ କରାଯାଇ ନଥିଲା। ଏସପିଏଙ୍କ ପକ୍ଷରୁ ହାଇକୋର୍ଟଙ୍କ ଉପରୋକ୍ତ ଆଦେଶର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା ବେଳେ ଏହାକୁ ଖାରଜ କରିଛନ୍ତି ଅଦାଲତ। ଏଥିସହିତ ୨୦୨୫, ମେ ୧୨ର ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଛନ୍ତି। ମେ ୧୨ର ଏହି ନିର୍ଦ୍ଦେଶକୁ ଅର୍ଥ ବିଭାଗର ବିଜ୍ଞପ୍ତିକୁ ବିଚାରକୁ ନେଇ ୮ ସପ୍ତାହ ଭିତରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର।

ଏସପିଏ ଏହାର କର୍ମଚାରୀଙ୍କୁ ଆରଏସିପି/ ଏମଏସିପି ସୁବିଧା ପ୍ରଦାନ କରିବା ପାଇଁ ସରକାରଙ୍କ ଅନୁମୋଦନ ଆବଶ୍ୟକ ନ ଥିବା ଅର୍ଥ ବିଭାଗର ୨୦୨୬, ଫେବୃଆରୀ ୧୧ର ବିଜ୍ଞପ୍ତିରୁ ସ୍ପଷ୍ଟ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ଶୁଣାଣି ବେଳେ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷ ସୌରଭ ଚକ୍ରବର୍ତ୍ତୀ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପ୍ରକାଶ ଯେ କର୍ମଚାରୀ ଅଭୟ କୁମାର ଦାସଙ୍କୁ ଏସପିଏ ପକ୍ଷରୁ ଆରଏସିପି ସୁବିଧା ପ୍ରଦାନ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏ ବାବଦରେ ୬ ଲକ୍ଷ ୭୯ ହଜାର ୯୫୦ ଟଙ୍କା ଶ୍ରୀ ଦାସଙ୍କୁ ପ୍ରଦାନ ପାଇଁ ଏସପିଏ ତରଫରୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯିବା ସହିତ ଚିଠି ଲେଖାଯାଇଥିଲା। କିନ୍ତୁ ଅର୍ଥ ପ୍ରଦାନ ନ କରିବା ପାଇଁ ପୂର୍ବରୁ ଏସପିଏର ନିର୍ଦ୍ଦେଶ ରହିଥିଲା। ଫଳରେ ଶ୍ରୀଦାସ ଟଙ୍କା ପାଇ ପାରି ନଥିଲେ। ହାଇକୋର୍ଟ ଗତ ୨୦୨୫, ମେ ୧୨ରେ ଶୁଣାଣି କରି ଉପରୋକ୍ତ ଅର୍ଥ ବାବଦରେ ସାନି ଚେକ୍ ଜାରି କରିବାକୁ ଏସପିଏକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ବଦଳରେ ଏସପିଏ ରାୟର ପୁନର୍ବିଚାର ପାଇଁ ଆବେଦନ ଦାୟର କରିଥିଲା। ପ୍ରତିପକ୍ଷ ଶ୍ରୀ ଦାସଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

## ସମାଜସେବୀ ଯତୀନ୍ଦ୍ର ମୋହନ ମିଶ୍ରଙ୍କ ପରଲୋକ



ବାରିପଦା,୨୬।୮ (ସମିସ): ବାରିପଦା ମ୍ୟୁନସିପାଲଟି ନଂ ୱାର୍ଡର ବଳରାମପୁର ବାସିନ୍ଦା ତଥା ସମାଜସେବୀ ଯତୀନ୍ଦ୍ର ମୋହନ ମିଶ୍ରଙ୍କର ୮୪ବର୍ଷ ବୟସରେ ପରଲୋକ ଘଟିଛି। ଅସୁସ୍ଥ ଥାଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ମେଳାପୀ, ପରୋପକାରୀ ଓ ସ୍ନେହୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିଲେ। ୧୯୪୩ ମଇ ୭ ତାରିଖରେ ବାରିପଦାଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ଲାୟନ୍ସ କ୍ଲବ୍ ର ଜଣେ ମୁଖ୍ୟ ଉପଦେଷ୍ଟା ଭାବେ ବାରିପଦା ସହର ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ। ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ରାଜନେତା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଶୁଭେଚ୍ଛୁମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ମଧୁବନ ସ୍ଥିତ ବାରୁଣୀ ଶ୍ମଶାନକୁ ମରଶରୀର ନିଆଯାଇ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଲାଇନ୍ସ କ୍ଲବ୍ ର ସଭାପତିଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଲୁହାକାନୀରେ ଇଦ୍ ମିଲାଦ-ଉନ୍-ନବୀ



ବିଶୋଇ,୨୬।୮ (ସମିସ): ପବିତ୍ର ରବି-ଉଲ୍-ଅୱାଲ ମାସ ଅବସରରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଲୁହାକାନୀଠାରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି 'ଇଦ୍ ମିଲାଦ-ଉନ୍-ନବୀ'। ଉତ୍ସବରେ ଲୁହାକାନୀ ମୁସଲିମ କମିଟିର ସଭାପତି ଆନୁୱାର ହୁସେନ, ସମ୍ପାଦକ ଆଜିଜୁଲଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ମୁସଲିମ ସମାଜର ଆବାଳ ବୃଦ୍ଧବନିତା ଯୋଗ ଦେଇଥିଲେ। ଏହି ଅବସରରେ ଇମାମ ମହମ୍ମଦ ଆହ୍ମଦ ହାଫିଜ୍ ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ପୈଗମ୍ବର ହଜରତ ମୁହମ୍ମଦ (ସଲ୍ଲାଲ୍ଲାହୁ ଅଲାଇହି ୱାସାଲାମ)ଙ୍କ ଜୀବନ, ଆଦର୍ଶ ଓ ମାନବିକ ଶିକ୍ଷା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି ସମୟରେ ପୈଗମ୍ବର ମହମ୍ମଦଙ୍କ ଗୁଣଗାନ ଓ ତାଙ୍କର ମହାନ ଆଦର୍ଶକୁ ସ୍ମରଣ କରାଯାଇଥିଲା। ଇଦ୍ ମିଲାଦ-ଉନ୍-ନବୀ କେବଳ ଏକ ଧାର୍ମିକ ଅବସର ନୁହେଁ ବରଂ ମାନବିକତା, ଦୟା, ଶାନ୍ତି, ସହନଶୀଳତା ଓ ଭାଇଚାରାର ବାର୍ତ୍ତା ବାଣ୍ଟିବାର ଏକ ପବିତ୍ର ଅବସର ବୋଲି କୁହାଯାଇଥିଲା। ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନରୁ ସତ୍ୟ, ଧୈର୍ଯ୍ୟ, କ୍ଷମା, ଅନ୍ୟକୁ ସମ୍ମାନ କରିବା ଓ ଅସହାୟଙ୍କୁ ସାହାଯ୍ୟ କରିବା ଭଳି ମାନବିକ ମୂଲ୍ୟବୋଧ ଶିଖିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ସମସ୍ତେ ଏକତ୍ରିତ ହୋଇ ଦେଶ, ସମାଜ ଓ ସମସ୍ତଙ୍କ ମଙ୍ଗଳ ପାଇଁ ଦୋଆ କରିଥିଲେ। ପରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ସିରନି ଓ ଭୋଗ ବଣ୍ଟନ କରାଯାଇଥିଲା। ବିଶୋଇ ପୁଲିସ ପ୍ରଶାସନର ଅଧିକାରିଣୀ ସୁବର୍ଣ୍ଣ ବେହେରା ସମେତ ବିଶୋଇ ପୋଲିସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ବାରିପଦା କିସ୍ ଆବାସିକ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ



ବାରିପଦା,୨୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟରେ ପ୍ରାଚୀନ ଦେବଭାଷା ସଂସ୍କୃତର ବର୍ତ୍ତମାନ ସମୟରେ ବହୁଳ ଆବଶ୍ୟକତାକୁ ଅନୁଭବ କରି ବିଶ୍ୱ ସଂସ୍କୃତ ଦିବସ ପ୍ରଧାଶିକ୍ଷକ ଗଣେଶ ମିଶ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ସଂସ୍କୃତ ଶିକ୍ଷକ ଚକ୍ରଧର ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ମାନେ ସଂସ୍କୃତ ଭାଷାରେ ବିଭିନ୍ନ ଶ୍ଳୋକ ଆବୃତ୍ତି ସହ ନିଜ ନିଜର ଅଭିଭାଷଣ ରଖିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ "ସଂସ୍କୃତ ଭାଷାର ପ୍ରଚାର ଓ ସଂରକ୍ଷଣ ଉପରେ ଆଲୋକପାତ କରିବା ସହ ସଂସ୍କୃତ ଭାଷାରେ ରଚିତ ବିଭିନ୍ନ ଗ୍ରନ୍ଥ ଓ ପୁସ୍ତକ ଅଧ୍ୟୟନ କରି ସେ ଅମୂଲ୍ୟ ଜ୍ଞାନକୁ ସମାଜର କଲ୍ୟାଣ ପାଇଁ ବିନିଯୋଗ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ରାୟ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଶିକ୍ଷୟିତ୍ରୀ ଜୟନ୍ତୀ ଧାଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଦାବିପତ୍ର

ଉଦଳା,୨୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ମାଟିଆଳି ଗ୍ରାମବାସୀ ବୃନ୍ଦଙ୍କ ଦ୍ୱାରା ଦାବିପତ୍ର। ଗ୍ରାମରେ ପକ୍କା ସଡ଼କ, ବିଦ୍ୟାଳୟ ନିର୍ମାଣ, ନଦୀବନ୍ଧ ନିର୍ମାଣ ଓ କ୍ଲବ ତିଆରି ନିମନ୍ତେ ଦିଆହୋଇଛି ଦାବିପତ୍ର। ଗ୍ରାମରେ ପ୍ରାୟ ୪୦୦ ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଦୁଃଖର ସହ କପ୍ତିପଦା ବ୍ଲକ ମାଟିଆଳି ଗ୍ରାମ ଅବହେଳିତ ଗ୍ରାମ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଗ୍ରାମର ସମସ୍ତ ଲୋକ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯେପରିକି ଗ୍ରାମକୁ ମଧ୍ୟ ଭଲ ଭାବରେ ନଦୀବନ୍ଧ ହେଉ ନଥିବାରୁ ପ୍ରାୟ ବର୍ଷା ଦିନମାନଙ୍କରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଏକ ବିଦ୍ୟାଳୟ ନ ଥିବାରୁ ପିଲାମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଥିବା ବେଳେ ମିଳୁଥିବା ସମସ୍ତ ସୁବିଧା ନ ପାଇ ବହୁ ଦୂରକୁ ଯାଇ ବିଦ୍ୟାଳୟରେ ପଢୁଛନ୍ତି। ଗ୍ରାମରେ ମଧ୍ୟ ଏକ ପକ୍କା ସଡ଼କ ବ୍ୟବସ୍ଥା ନଥିବାରୁ ଗ୍ରାମବାସୀ ବହୁ ଅସୁବିଧାରେ ଯାତାୟାତ ହେଉଛନ୍ତି, ଯାହାକି ରୋଗୀଙ୍କର ସମସ୍ୟା ବେଳକୁ ବା ଆମ୍ବୁଲାନ୍ସ ମଧ୍ୟ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରୁ ନାହିଁ। ଏହା ବ୍ୟତୀତ ଗ୍ରାମରେ ଏକ କ୍ଲବର ସୁବିଧା ମଧ୍ୟ ନାହିଁ। ଜୈବଶକ୍ତି ନଷ୍ଟ ହେବା ସହ ପୁରାତନ କାଳର ନାଟକ ହେଉ ବା ସଙ୍ଗୀତ ଓ ମନୋରଞ୍ଜନର ସଂରକ୍ଷଣ ଶିଶୁମାନଙ୍କ କ୍ଷେତ୍ରରେ ଗଢି ଉଠିଥିବା ସମ୍ବେଦନଶୀଳ ତଥା ଘର ନିର୍ମାଣ ସହିତ, ଖେଳର ସୁବିଧା, ପୋଷାକ, ହାସ୍ୟ, ନାଟୁଆ ସହ ଏସବୁ ସୁବିଧା ଥିବା କିନ୍ତୁ ଅତି ଆଶ୍ଚର୍ଯ୍ୟର କଥା ଏଥପ୍ରତି ବର୍ଷ ବର୍ଷ ଧରି ଆମ୍ଭ ଗ୍ରାମ ଏହି ସବୁ ବିଭିନ୍ନ କାରଣ ଯୋଗୁଁ ଅବହେଳିତ ଅବସ୍ଥାରେ ଅଛି। ତେଣୁ ଗ୍ରାମବାସୀ ବୃନ୍ଦ ବିନୀତ ଅନୁରୋଧ କରିଛନ୍ତି ଗ୍ରାମର ଏହିସବୁ ଅସୁବିଧାର ଦୂରୀକରଣ ପାଇଁ ସମସ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିବା ସହିତ ଦାବିପତ୍ର ପ୍ରଦାନ କରିଅଛନ୍ତି।

**ଠାକୁରମୁଣ୍ଡା ବ୍ଲକରେ ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା**

## ଅନ୍ଧାରରେ ୧୫ ବିଦ୍ୟାଳୟର ୭ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଠାକୁରମୁଣ୍ଡା,୨୬।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଦୟନୀୟ ଚିତ୍ର ସାମ୍ନାକୁ ଆସିଛି। ଆବଶ୍ୟକ ଶ୍ରେଣୀଗୃହ ଓ ବିଦ୍ୟାଳୟ ଭିତ୍ତିଭୂମିର ଅଭାବ ଯୋଗୁଁ ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରାୟ ୧୫ ଟି ବିଦ୍ୟାଳୟର ୭୬୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିୟମିତ ଓ ସୁରକ୍ଷିତ ପରିବେଶରେ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। କେଉଁଠି ଶ୍ରେଣୀଗୃହ ନଥିବାରୁ ଅନ୍ୟ ସ୍ଥାନରେ ପିଲାଙ୍କୁ ପଢ଼ାଯାଉଛି, ଆଉ କେଉଁଠି ପଞ୍ଚାୟତ ଗୃହରେ ପାଠପଢ଼ା ଚାଲିଛି। ଭଙ୍ଗା ଦଦରା ଘର ଯୋଗୁଁ ବର୍ଷା ଦିନରେ ଶ୍ରେଣୀଗୃହରେ ପାଣି ପଶି ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ମଧ୍ୟ ରହିଛି। ଭରାଣ୍ଡିଆ ପଞ୍ଚାୟତର କଲେଇଯାଡ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଭଙ୍ଗା ଦଦରା ଅବସ୍ଥାରେ ରହିଛି। ଗତ ସେପ୍ଟେମ୍ବର ୪ ତାରିଖରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଭଙ୍ଗା ଶ୍ରେଣୀଗୃହରେ ପିଲାଙ୍କୁ ପାଠ ପଢ଼ାଇବାକୁ ଦେବେ ନାହିଁ ବୋଲି ଦାବି କରିଥିଲେ। ଘଟଣାସ୍ଥଳରେ ତତ୍କାଳୀନ ବିଇଓ କୁଞ୍ଜବିହାରୀ ପ୍ରଧାନ ଓ ବର୍ତ୍ତମାନର ବିଡିଓ ସ୍ୱପ୍ନେଶ୍ୱର ବେହେରା ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କରିବା ସହ ୬ ମାସ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। କିନ୍ତୁ ଏବେ ସୁଦ୍ଧା ବିଦ୍ୟାଳୟରେ ନୂଆ ଶ୍ରେଣୀଗୃହ ନିର୍ମାଣ ଆରମ୍ଭ ହୋଇନଥିବାରୁ ଛାତ୍ରଛାତ୍ରୀ ପରପିଣ୍ଡାରେ ବସି ପାଠ ପଢୁଥିବା ଅଭିଯୋଗ ହୋଇଛି। ୧୦ ବର୍ଷ ଧରି ଶ୍ରେଣୀଗୃହ ଅପେକ୍ଷାରେ ବିଦ୍ୟାଳୟ ଭରାଣ୍ଡିଆ ପଞ୍ଚାୟତର ବାରପଉଟିଆ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଆହୁରି ଦୟନୀୟ। ବର୍ତ୍ତମାନ ପଞ୍ଚାୟତ ଗୃହରେ ପିଲାଙ୍କ ପାଠପଢ଼ା ଚାଲୁଥିବା ଜଣାପଡ଼ିଛି। ସେହିପରି ଭରାଣ୍ଡିଆ ପଞ୍ଚାୟତର ଦିରିବ ପ୍ରାଥମିକ ବିଦ୍ୟାଳୟ, ସାତକୋଶିଆ ପଞ୍ଚାୟତର ଗୁଡ଼ଭଙ୍ଗା, ଘୁଲୁଘୁଳିଆ, ପଡ଼ିଆବେଡ଼ା ପଞ୍ଚାୟତର ଆମ୍ବବେଡ଼ା, ଖଣ୍ଡବନ୍ଧ ପଞ୍ଚାୟତର ରାଇପଦା ଓ ଗୌରିଗଦା ବିଦ୍ୟାଳୟ ମଧ୍ୟ ଭିତ୍ତିଭୂମି ଅଭାବର ସମସ୍ୟା ଭୋଗୁଥିବା ଅଭିଯୋଗ ରହିଛି। ଖଣ୍ଡବନ୍ଧ ମାଧ୍ୟମିକ ବିଦ୍ୟାଳୟର ଶ୍ରେଣୀଗୃହ ମଧ୍ୟ କାଳବୈଶାଖୀ ସମୟରେ ଗଛ ପଡ଼ି ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏହାର ମରାମତି ଓ ପୁନଃନିର୍ମାଣ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି କେଶଡିହା ପଞ୍ଚାୟତର ବଡ଼ବାଲିପୋଷି, ରାଆଁସାହି,ଜରକ ପଞ୍ଚାୟତର କାଠୁଆନୂଆଁଗାଁ ଓ ଖୁଦିଶିଳା, ମହୁଲଡିହା ପଞ୍ଚାୟତର କିଶୁନସାହି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶ୍ରେଣୀଗୃହ ଅଭାବ ଓ ଭଙ୍ଗା ଘର ଯୋଗୁଁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ରହିଛି। ଭିତ୍ତିଭୂମି ସୁଧାର ଦାବି ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଠାକୁରମୁଣ୍ଡା ବ୍ଲକର ଏହି ଚିତ୍ର ଅନ୍ୟ ଏକ ବାସ୍ତବତାକୁ ସାମ୍ନାକୁ ଆଣିଛି। ତୁରନ୍ତ ପିଲାଙ୍କ ପାଇଁ ସୁରକ୍ଷିତ ପାଠପଢ଼ା ପରିବେଶ ସୃଷ୍ଟି କରିବାକୁ ଅଭିଭାବକ ଓ ଅଞ୍ଚଳବାସୀ ଦାବି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୦ : ଭାରତର ପ୍ରଥମ ଶ୍ରମିକ ସଂଗଠନ ଭାବେ ଶ୍ରମଜୀବୀ ସଂଘର ସ୍ଥାପନା।
- ୧୯୫୦ : ଟେଲିଭିଜନ ଇତିହାସରେ ପ୍ରଥମଥର ପାଇଁ ବିବିସି ସିଧା ପ୍ରସାରଣ କଲା।
- ୧୯୯୦ : ୱାଶିଂଟନସ୍ଥିତ ଇରାକ ଦୂତାବାସର ୫୫ ରୁ ୩୬ କର୍ମଚାରୀଙ୍କୁ ଆମେରିକା ବାହାର କରଥିଲା।
- ୨୦୦୩ : ୬୦ ହଜାର ବର୍ଷ ପରେ ମଙ୍ଗଳ ଗ୍ରହ ପୃଥିବୀର ସବୁଠୁ ନିକଟତର ହୋଇଥିଲା।



## ଗାଧୁଆ ପାଇଁ ଏକ ଲକ୍ଷ ତିରିଶ ହଜାର ଟଙ୍କାର ଜରିମାନା

ମଣିଷ ଜୀବନରେ ଅଜାଣତରେ ହେଉଥିବା ଛୋଟ ଛୋଟ ଭୁଲ୍ ବେଳେବେଳେ ଏମିତି ବଡ଼ ସମସ୍ୟା ନେଇଆସେ, ତାହା କଳ୍ପନା କରିହୁଏ ନାହିଁ। ଠିକ୍ ସେମିତି ଏକ ଆଶ୍ଚର୍ଯ୍ୟଜନକର ଘଟଣା ଅଷ୍ଟ୍ରେଲିଆରେ ରହୁଥିବା ବାମିକା ନାମ୍ନୀ ଜଣେ ମହିଳାଙ୍କ ସହ ଘଟିଛି। ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ମହିଳା ବାମିକା ମାତ୍ର ୫ ମିନିଟ୍ ଗରମ ପାଣିରେ ଗାଧୋଇବା ଯୋଗୁଁ ତାଙ୍କୁ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଛି। ବାମିକା ଗରମ ପାଣିରେ ଗାଧୋଉଥିବା ସମୟରେ ବାଥରୁମ୍‌ର ଏକଜଷ୍ଟ ଫ୍ୟାନ୍ ଚାଲୁ କରିବାକୁ ଭୁଲି ଯାଇଥିଲେ। କିଛି ସମୟ ମଧ୍ୟରେ ଗରମ ପାଣିର ବାଷ୍ପ ବାଥରୁମ୍‌ରେ ଜମା ହେବାକୁ ଲାଗିଲା ଏବଂ ଫାୟାର ଆଲାର୍ମ ସେନସର୍ ପାଖରେ ପହଞ୍ଚିଗଲା। ଏହାପରେ ସମଗ୍ର ବିଲ୍ଡିଂରେ ଆଲାର୍ମ ବାଜିବାକୁ ଲାଗିଲା ଏବଂ ଦେଖୁ ଦେଖୁ ସେଠାରେ ଭୟର ପରିସ୍ଥିତି ସୃଷ୍ଟି ହୋଇଗଲା। ଆଲାର୍ମ ବାଜିବା ମାତ୍ରେ ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ବିଲ୍ଡିଂକୁ ତୁରନ୍ତ ଖାଲି କରାଯାଇଥିଲା ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାକାର ନିୟମ ଅନୁଯାୟୀ, କୌଣସି ସର୍ଟ ସର୍କିଟ୍ କିମ୍ବା ନିଆଁ ନ ଲାଗି ମଧ୍ୟ ମହିଳାଙ୍କ ଅସାବଧାନତା ଯୋଗୁଁ ଦମକଳ ବାହିନୀ ଆସିବା ଏବଂ ସମସ୍ତଙ୍କୁ ହଇରାଣ ହେବାକୁ ପଡ଼ିଥିବାରୁ ତାଙ୍କ ଉପରେ ଏକ ଲକ୍ଷ ୩୦ ହଜାର ଟଙ୍କାର ଜରିମାନା ଲଗାଯାଇଥିଲା। ବାମିକା ନିଜର ଏହି ଅନୁଭୂତିକୁ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର୍ କରିବା ପରେ ଏହା ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ବିଦେଶରେ ଥିବା ସୁରକ୍ଷା ନିୟମ ବିଷୟରେ ଜାଣିବା କେତେ ଜରୁରୀ, ତାହା ଏହି ଘଟଣା ସ୍ପଷ୍ଟ କରିଛି।

## 'ତୁମ୍ବାଡ଼ ୨'ର ସୁଟିଂ ଆରମ୍ଭ କଲେ ଆଲିଆ



ହରର୍-ଥ୍ରିଲର୍ ଫିଲ୍ମ 'ତୁମ୍ବାଡ୍ ୨'ର ସେଟ୍‌ରୁ ନିକଟରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ କିଛି ଫଟୋ ଭାଇରାଲ୍ ହୋଇଛି। ଏହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଫିଲ୍ମ ମାଧ୍ୟମରେ ଆଲିଆ ପ୍ରଥମ ଥର ପାଇଁ କୌଣସି ଲୋକକଥା ଉପରେ ଆଧାରିତ ହରର୍ ୟୁନିଭର୍ସର ଅଂଶ ହେବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆଲିଆଙ୍କର ଏକ ଦମଦାର୍ ଏବଂ ରହସ୍ୟମୟ ଭୂମିକା ରହିଛି। ସେ ପ୍ରାୟ ୨୦ ଦିନ ଧରି ସୁଟିଂ କରିବେ, ଯାହା କାହାଣୀରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ଏବଂ ଏହା 'ତୁମ୍ବାଡ଼ ୩'ର କାହାଣୀ ସହ ଯୋଡ଼ି ହେବ। ଏଥିରେ ଆଲିଆଙ୍କ ସହ ସୋହମ୍ ଶାହ ଓ ନୱାଜୁଦ୍ଦିନ୍ ସିଦ୍ଦିକି ଲିଡ୍ ରୋଲରେ ନଜର ଆସିବେ। କିଛି ଦିନ ପୂର୍ବରୁ ଫିଲ୍ମର ନାୟକ ତଥା ପ୍ରଯୋଜକ ସୋହମ୍ ଶାହ 'ତୁମ୍ବାଡ୍ ୨' ରେ ଆଲିଆଙ୍କ ଏଣ୍ଟ୍ରି ବିଷୟରେ ଘୋଷଣା କରିଥିଲେ। ଆଉ ଏବେ ଆଲିଆ ସୁଟିଂରେ ଯୋଗ ଦେବା ପରେ ଫଟୋଗୁଡ଼ିକ ଭାଇରାଲ ହେଉଛି। ଫଟୋଗୁଡ଼ିକରେ ଆଲିଆ ଖୁବ୍ କାଜୁଆଲ୍ ଏବଂ କୁଲ୍ ଅନ୍ଦାଜରେ ଦେଖାଯାଉଛନ୍ତି। ସେ କ୍ରିଉ ସଦସ୍ୟଙ୍କ ସହ ଫଟୋପୋଜ୍ ଦେଉଥିବାର ଦେଖାଯାଇଛନ୍ତି। ଫିଲ୍ମର ସୁଟିଂ ପାଇଁ ମୁମ୍ବାଇରେ ୭ରୁ ୮ ଏକର ଜମି ଉପରେ ଏକ ଭବ୍ୟସେଟ୍ ପ୍ରସ୍ତୁତ କରାଯାଇଛି। ଏହାକୁ ଏକ ସହର ଭଳି ରୂପ ଦିଆଯାଇଛି। ଏହା ଆସନ୍ତାବର୍ଷ ଡିସେମ୍ବର ୩ରେ ସିନେମା ହଲ୍‌ରେ ରିଲିଜ୍ ହେବ। ତେବେ ଏହି ଫିଲ୍ମରେ ସୋହମ୍‌ଙ୍କ ସହ ଆଲିଆ ଓ ନୱାଜୁଦ୍ଦିନ୍ ଯୋଗ ଦେବାରୁ ଏହା ମୂଳ ଫିଲ୍ମ ଅପେକ୍ଷା ଆହୁରି ଦମ୍‌ଦାର୍ ହେବ ବୋଲି ଆଶା କରାଯାଉଛି।

## ଶାଢ଼ି ପିନ୍ଧି କୁସ୍ତି ଲଢ଼ନ୍ତି ମହିଳା



କୁସ୍ତି ଏକ ପାରମ୍ପରିକ ଖେଳ। ପୁରୁଷମାନେ ଆଖଡ଼ା ଶାଳରେ କୁସ୍ତି ଅଭ୍ୟାସ କରନ୍ତି। ଏଥିପାଇଁ ପ୍ରଚୁର ଶାରୀରିକ ଶକ୍ତି, ଧୈର୍ଯ୍ୟ ଏବଂ କୌଶଳର ଆବଶ୍ୟକତା ହୋଇଥାଏ। ହେଲେ ଲକ୍ଷ୍ନୌ ନିକଟସ୍ଥ ଅହିମାମଉ ଗାଁରେ ପ୍ରତିବର୍ଷ ନାଗପଞ୍ଚମୀର ପରଦିନ ମହିଳାମାନେ ଶାଢ଼ି ପିନ୍ଧି କୁସ୍ତି ପ୍ରତିଯୋଗିତାରେ ଭାଗ ନିଅନ୍ତି, ଯାହାକୁ ସ୍ଥାନୀୟ ଭାଷାରେ ହାପା କୁହାଯାଏ। ଏହି ଗାଁର ମହିଳାମାନେ ପ୍ରାୟ ୨୦୦ ବର୍ଷରୁ ଅଧିକ ସମୟ ଧରି ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଏଥିରେ କେବଳ ମହିଳାମାନେ ହିଁ ଅଂଶଗ୍ରହଣ କରନ୍ତି। ମହିଳାମାନେ ଗହଣା କାଢ଼ି ଓ ଶାଢ଼ିକୁ ଅଣ୍ଟାରେ ଖୋସି କୁସ୍ତି ଖେଳିଥାନ୍ତି। ତେବେ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ମହିଳାମାନେ କୌଣସି ତାଲିମପ୍ରାପ୍ତ ଖେଳାଳି ନୁହନ୍ତି। ସେମାନେ ଗାଁର ସାଧାରଣ ଗୃହିଣୀ ହୋଇଥାନ୍ତି। ଦୈନନ୍ଦିନ ଘରକାମରୁ ସମୟ ବାହାର କରି ସେମାନେ କାଦୁଅ ଆଖଡ଼ାକୁ ଓହ୍ଲାଇଥାନ୍ତି। କୁସ୍ତି ଆରମ୍ଭ ହେବା ପୂର୍ବରୁ ମା' କାଳୀ ଏବଂ ମା' ଭବାନୀଙ୍କର ପୂଜାର୍ଚ୍ଚନା କରାଯାଏ। ଆଖଡ଼ା ଚାରିପାଖରେ ଠିଆ ହୋଇଥିବା ଅନ୍ୟ ମହିଳାମାନେ ଢୋଲକ ବଜାଇ ପାରମ୍ପରିକ ଲୋକଗୀତ ଗାଇ ପହିଲିମାନ୍‌ମାନଙ୍କର ଉତ୍ସାହ ବଢ଼ାଇଥାନ୍ତି। ଏହି ଗୀତଗୁଡ଼ିକରେ ସ୍ଥାନୀୟ ଶୈଳୀର କିଛି ଆକ୍ଷେପମୂଳକ ଓ ବ୍ୟଙ୍ଗାତ୍ମକ ଶବ୍ଦ ମଧ୍ୟ ବ୍ୟବହାର କରାଯାଏ, ଯାହା ପରିବେଶକୁ ଅଧିକ ଜୀବନ୍ତ କରିଥାଏ। ତେବେ ଏହି ପ୍ରତିଯୋଗିତାକୁ ପୁରୁଷମାନେ ଦେଖିବା କିମ୍ବା ସେଠାକୁ ଯିବା ସମ୍ପୂର୍ଣ୍ଣ ମନା। ଯଦି କୌଣସି ପୁରୁଷ ଛାତ ଉପରୁ ବି ଏହାକୁ ଦେଖିବାକୁ ଚେଷ୍ଟା କରେ, ତେବେ ତାକୁ ହଟାଇ ଦିଆଯାଏ। ଅଖାଡ଼ା ଭିତରେ କେବଳ ମହିଳା ଏବଂ ଛୋଟ ପିଲାମାନେ ହିଁ ରହିଥାନ୍ତି। ଆଖଡ଼ା ଭିତରେ ଲଢ଼ୁଥିବା ପହିଲିମାନ୍‌ଙ୍କଠାରୁ ଆରମ୍ଭ କରି ବାହାରେ ଦର୍ଶକ ସାଜି ଚିତ୍କାର କରୁଥିବା ଏବଂ ବିଜେତା ସ୍ଥିର କରୁଥିବା ବିଚାରକଙ୍କ ପର୍ଯ୍ୟନ୍ତ ସମସ୍ତେ ମହିଳା ହୋଇଥାନ୍ତି। ହାପା କୁସ୍ତି ପରମ୍ପରାରେ ପ୍ରକୃତରେ କେହି ହାରନ୍ତି ନାହିଁ। ଏହା ଏହି ଉତ୍ସବର ସବୁଠାରୁ ସୁନ୍ଦର ଏବଂ ନିଆରା ନିୟମ, ଯାହା ଏହାକୁ ଅନ୍ୟ ସାଧାରଣ ଖେଳଠାରୁ ଅଲଗା କରିଥାଏ। ଯିଏ କୁସ୍ତି ଜିତନ୍ତି, ତାଙ୍କୁ ଉପହାର ସ୍ୱରୂପ ଏକ ନୂଆ ଶାଢ଼ି ପ୍ରଦାନ କରାଯାଏ। ଯିଏ ମ୍ୟାଚ୍ ହାରିଯାନ୍ତି, ତାଙ୍କୁ ମଧ୍ୟ ନିରାଶ କରାଯାଏ ନାହିଁ। ତାଙ୍କୁ ଉତ୍ସାହିତ କରିବା ପାଇଁ ନଗଦ ଅର୍ଥ ଦିଆଯାଇଥାଏ। ଏହି ପରମ୍ପରା ଗାଁର ମହିଳାମାନଙ୍କ ମଧ୍ୟରେ ଏକତା ଏବଂ ଭଗିନୀଭାବ ସୃଷ୍ଟି କରେ। ଏହା ଦର୍ଶାଏ ଯେ, ନାରୀମାନେ କେବଳ ଘରକୋଣରେ ସୀମିତ ନୁହନ୍ତି, ବରଂ ନିଜର ଓ ନିଜ ପରିବାରର ସୁରକ୍ଷା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ଶାରୀରିକ ଓ ମାନସିକ ବଳ ରହିଛି।

# ସୁଶ୍ରୀ

## ରାକ୍ଷୀ ପୂର୍ଣ୍ଣିମାରେ ଇଣ୍ଡୋୱେଷ୍ଟର୍ଣ୍ଣ



ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମାରେ ମହିଳାମାନେ ନୂଆ ପୋଷାକ ପିନ୍ଧି ଭାଇ ହାତରେ ରାଖି ବାନ୍ଧିବା ପାଇଁ ଖୁବ୍ ଉତ୍ସାହିତଥାନ୍ତି। ଏଥିପାଇଁ ପୂର୍ବରୁ ପୋଷାକ, ମେକ୍‌ଅପ୍ ହେୟାର୍ ଷ୍ଟାଇଲ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରିଥାନ୍ତି। ତେବେ ରାକ୍ଷୀ ଲୁକ୍‌କୁ ସୁନ୍ଦର ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ତଥା ଇଣ୍ଡୋୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ପିନ୍ଧିପାରିବେ।

### ଫ୍ଲୋରାଲ୍ ଅନାରକଲି

ରାକ୍ଷୀ ପୂର୍ଣ୍ଣିମାରେ ଫ୍ଲୋରାଲ୍ ଅନାରକଲି ତଥା ଫ୍ଲୋର୍ ଲେଙ୍ଗ୍‌ଥ୍ ସୁଟ୍ ପିନ୍ଧିପାରିବେ। ଏଥିପାଇଁ ଜର୍ଜେଟ୍ ଏବଂ ଚନ୍ଦେରୀ ସୁଟ୍ ଭଲ ହୋଇଥାଏ। ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ। ଏହା ସହିତ ଲାଇଟ୍ ମେକ୍‌ଅପ୍ ଏବଂ ଝୁମୁକା ମଧ୍ୟ ପିନ୍ଧିପାରିବେ।

### ସାରାରା,

ରାକ୍ଷୀ ପୂର୍ଣ୍ଣିମାରେ ସାରାରା, ଗାରାରା ସେଟ୍ ମଧ୍ୟ ଭଲ ହୋଇଥାଏ। ସର୍ଟ କୁର୍ତ୍ତୀ ସହ ଫ୍ଲେୟାର୍ଡ ସାରାରା, ଦୁପଟ୍ଟା ରାକ୍ଷୀପୂର୍ଣ୍ଣିମାରେ ପର୍‌ଫେକ୍ଟ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏଥିସହ ଚାନ୍ଦବାଲି ଷ୍ଟାଇଲ୍ ମଧ୍ୟ କରିପାରିବେ।

### କୋ–ଅର୍ଡ ସେଟ୍

ଷ୍ଟାଇଲିଶ୍ ସହ ଆଧୁନିକ ଲୁକ୍ ଚାହୁଁଥିଲେ, ଏହି ଆଉଟ୍‌ଫିଟ୍ ପିନ୍ଧିପାରିବେ। ଏଥିନିକ୍ ଏବଂ ସିଲ୍‌କ ଫାବ୍ରିକ୍ ସର୍ଟ କୁର୍ତ୍ତୀ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦିଶିଥାଏ।

## ଓଠ ଶୁଷ୍କ ଥିଲେ

ଋତୁ ଅନୁଯାୟୀ ଓଠ ଶୁଷ୍କ ହୋଇ ଚମଡ଼ା ବାହାରିଥାଏ। ଏହା ଓଠ ଖରାପ ହେବା ସହ ସୁନ୍ଦରତା ନଷ୍ଟ କରିଥାଏ। ଏପରିକି ଲିପ୍‌ଷ୍ଟିକ୍ ମଧ୍ୟ ଠିକ୍‌ରେ ଲଗାଇ ହୁଏନି। ତେଣୁ ଶୁଷ୍କ ଓଠକୁ ନରମ କରିବା ପାଇଁ ପେଟ୍ରୋଲିୟମ୍ ଜେଲି ଏବଂ ଟୁଥ୍‌ବ୍ରସ୍ ବ୍ୟବହାର କରିପାରିବେ। ଏହା ଓଠ ପାଇଁ ଖୁବ୍ ପ୍ରଭାବୀ ହୋଇଥାଏ।

- ପ୍ରଥମେ ଓଠରେ ମୋଟା ପରସ୍ତ ପେଟ୍ରୋଲିୟମ୍ ଜେଲି ଲଗାଇ ପାଞ୍ଚମିନିଟ୍ ଛାଡ଼ନ୍ତୁ। ଏହା ଓଠକୁ ନରମ କରିଥାଏ।
- ପରେ ଏକ ନରମ ଦାନ୍ତଯୁକ୍ତ ବ୍ରଶ୍ ନେଇ ହାଲୁକା ହାତରେ ଗୋଲାକାର ଗତିରେ ଏକ ମିନିଟ୍ ମସାଜ୍ କରନ୍ତୁ।
- ମସାଜ୍ ପରେ ଓଦା କପଡ଼ା କିମ୍ବା ଟିସୁରେ ଓଠକୁ ପୋଛି ସଫା କରନ୍ତୁ।
- ଏହାପରେ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠରେ ଲିପ୍‌ବାମ୍ ଲଗାନ୍ତୁ।
- ଟିସୁ ପେପରେ ଏକ୍ସଟ୍ରା ବାମ୍‌କୁ ପୋଛି ଶେଷରେ ନିଜ ପସନ୍ଦ ଅନୁସାରେ ଲିପଷ୍ଟିକ୍ ଲଗାନ୍ତୁ।

## ଲାଖଚୁଡ଼ିରୁ ଲକ୍ଷପତି



ଆଧୁନିକ ଯୁଗରେ ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ବିଭିନ୍ନ ହସ୍ତଶିଳ୍ପ, କୁଟୀରଶିଳ୍ପ କରି ରୋଜଗାରକ୍ଷମ ହେବା ସହ ହଜିଯାଉଥିବା ପାରମ୍ପରିକ କଳାକୁ ପୁନଃରୁଦ୍ଧାର କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସଶକ୍ତ ହେବା ସହ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ ମହୁଆଦୋହ ଗ୍ରାମର ମହିଳାମାନେ ଲାଖରୁ ଭଳିକି ଭଳି ଚୁଡ଼ି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ରାକୃତିକ ଅଠାରୁ ନିର୍ମିତ ଲାଖ ଚୁଡ଼ିର ପ୍ରଚାର ପ୍ରସାର କରୁଛନ୍ତି।

ଝାଡ଼ଖଣ୍ଡ ମହୁଆଦୋହ ଗ୍ରାମର ମହିଳାମାନେ ଲାଖରୁ ଭଳିକି ଭଳି ଉତ୍ପାଦ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ନାର୍ବାଡ ସହଯୋଗରେ ୯୦ଜଣ ମହିଳାଙ୍କୁ ଲାଖ ଉତ୍ପାଦ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣରେ ଶିଖାଯାଇଥିବା ସୃଜନଶୀଳତାକୁ ଉପଯୋଗ କରି ମହିଳାମାନେ ସୁନ୍ଦର ଆକର୍ଷଣୀୟ ଲାଖଚୁଡ଼ି ସମେତ ଲାଖରେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧାନ ପ୍ରସ୍ତୁତ କରୁଛନ୍ତି। ଏଥିରୁ ରୋଜଗାର କରି ମହିଳାମାନେ ପିଲାଙ୍କ ପାଠପଢ଼ା ସହ ସେମାନଙ୍କୁ ଉତ୍ତମ ଜୀବନଶୈଳୀ ପ୍ରଦାନ କରିପାରୁଛନ୍ତି।

ସ୍ଥାନୀୟ ଅଞ୍ଚଳରେ ମାଇକା ଉଦ୍ୟୋଗ ବନ୍ଦ ହେବାପରେ ମହିଳାମାନେ ନିଜକୁ ସକ୍ଷମ କରିବା ପାଇଁ ଏକତ୍ର ହୋଇଥିଲେ। ଏଥିରେ ଗାଁର ଅନେକ ମହିଳା ସାମିଲ ହୋଇ ଘର କାର୍ଯ୍ୟ କରିବା ସହ କର୍ମଜୀବୀ ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି। ତେବେ ମହିଳାମାନେ ୫୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ଯାଏ ଭଳିକି ଭଳି ଚୁଡ଼ି ତିଆରୁଛନ୍ତି। ସେହିପରି ବଡ଼ ବଜାର ମିଳିଲେ ଏହି ଚୁଡ଼ିର ଦାମ୍ ମଧ୍ୟ ବଢ଼ିଥାଏ। କେବଳ ସେତିକି ନୁହେଁ, ଏହି ଲାଖଚୁଡ଼ିର ଖୁବ୍ ଚାହିଦା ରହିଛି। ଏହି ଚୁଡ଼ି ପ୍ରସ୍ତୁତ କରିବାରେ କୌଣସି ମେସିନ୍ ବ୍ୟବହାର ହୁଏ ନାହିଁ। ଚୁଡ଼ି ତିଆରିଠୁ ନେଇ ଡିଜାଇନ୍ ଏ ସମସ୍ତ କାର୍ଯ୍ୟ ହାତରେ ହୋଇଥାଏ। ଏଥିପାଇଁ କାରିଗରଙ୍କୁ କଠିନ ପରିଶ୍ରମ ଲାଗିଥାଏ। ଚୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ଦଶରୁ ପନ୍ଦର ପ୍ରକାର ରଙ୍ଗ ବ୍ୟବହାର କରାଯାଇଥାଏ। ଏଥିସହ ସିଜନ୍ ଏବଂ ଗ୍ରାହକଙ୍କ ପସନ୍ଦ ଅନୁସାରେ ଡିଜାଇନ୍ କରାଯାଇଥାଏ। ବର୍ତ୍ତମାନର ଆଧୁନିକ ମେସିନ ଏବଂ ଫ୍ୟାକ୍ଟ୍ରି ଉତ୍ପାଦ ସତ୍ତ୍ୱେ ଏହି ଲାଖଚୁଡ଼ି ଲୋକପ୍ରିୟ ରହିଛି। ପାରମ୍ପରିକ ପଦ୍ଧତିରେ ନିର୍ମିତ ଏହି ଚୁଡ଼ି ମହିଳାଙ୍କ ଶୃଙ୍ଗାର ସହ କୋଡରମାର ସମୃଦ୍ଧ ହସ୍ତଶିଳ୍ପ କଳା କାରିଗରର ପ୍ରତୀକ ପାଲଟିଛି।

## ହଜିଯାଉଥିବା ସ୍ୱାଦ

## ଲାଉ, ଆଳୁ ବାଟିବସା



### ଆବଶ୍ୟକ ସାମଗ୍ରୀ

ଲାଉ – ୫୦୦ ଗ୍ରାମ୍, ଆଳୁ – ୨ଟି, କଟା ଟମାଟୋ – ଏକ କପ୍, ସୋରିଶ – ଦୁଇ ଚାମଚ, ଜିରା- ଏକ ଚାମଚ, ପୋସ୍ତ- ଦୁଇ ଚାମଚ, ରାଶି- ଦୁଇଚାମଚ, ନଡ଼ିଆ କୋରା – ଦୁଇ ଚାମଚ, କାଜୁ- ଦୁଇ ତିନିଟି, ଭୃସଙ୍ଗପତ୍ର – ଏକ ପାଖୁଡ଼ା, କାଜୁ – ଚାରି ପାଞ୍ଚୋଟି, ରସୁଣ – ଏକ କୋଳା, ଅଦା - ଖଣ୍ଡେ, କଞ୍ଚା ଲଙ୍କା – ତିନି ଚାରିଟି, କଟା ପିଆଜ – ଅଧା କପ୍, ହଳଦୀ ଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଲୁଣ– ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଲାଉକୁ ଧୋଇ ଚୋପା ଛଡ଼େଇ ଗ୍ରେଟ୍ କରି ଏକ ପ୍ଲେଟ୍‌ରେ ରଖନ୍ତୁ। ସେହିପରି ଆଳୁକୁ ଗ୍ରେଟ୍ କରନ୍ତୁ। ଗୋଟିଏ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ସୋରିଶ, ଜିରା, ପୋସ୍ତ, ରାଶି, କାଜୁ, ଭୃସଙ୍ଗପତ୍ର, ଲଙ୍କା, ରସୁଣ ସମେତ ଅଦା ଦେଇ ଭଲରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ପ୍ୟାନ୍ ବସାଇ ତେଲ ଦେଇ କାଟି ରଖିଥିବା ରସୁଣ ପକାଇ ଭାଜି କାଢ଼ନ୍ତୁ। ଗୋଟିଏ ଷ୍ଟିଲ୍ ଟିଫିନ୍ ନେଇ ଆଳୁ, ଲାଉ ମିଶାଇ ବଟା ମସଲା ଦେଇ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଟମାଟୋ, ପିଆଜ, ଦେଇ ଗୋଳାନ୍ତୁ। ଏହା ଉପରେ ରସୁଣ ଛୁଙ୍କ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ଗ୍ୟାସ୍‌ରେ ହାଣ୍ଡି ରଖି ପାଣି ଦେଇ ଛାଞ୍ଚ ରଖି ଟିଫିନ୍‌କୁ ଷ୍ଟିମ୍ ହେବାକୁ ଛାଡ଼ନ୍ତୁ। ୨୦ ମିନିଟ୍ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'ଲାଉ ଆଳୁ ବାଟିବସା'।

## ଜେଲି ବ୍ୟାଗ୍ ଫେଶନ



ବର୍ଷାଦିନେ ବ୍ୟାଗ୍ଓଦା ହେବାକୁ ନେଇ ମହିଳାମାନେ ବେଶ୍ ଚିନ୍ତିତ ଥାନ୍ତି। ଏପରିସ୍ଥଳେ ଜେଲି ବ୍ୟାଗ୍ ମହିଳାଙ୍କ ପାଇଁ ଖୁବ୍ ସୁବିଧାଜନକ ହୋଇଥାଏ। ଏହା ପାରଦର୍ଶୀ, ରଙ୍ଗିନ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେବା ସହ ସହଜରେ ସଫା କରି ହୁଏ। ଏହି ବ୍ୟାଗ୍ ଆକର୍ଷଣୀୟ ହୋଇଥିବାବେଳେ କାଜୁଆଲ୍ ଆଉଟ୍‌ଫିଟ୍‌ଠୁ ନେଇ ୱିକେଣ୍ଡ ସବୁକୁ ସୁନ୍ଦର ମାନିଥାଏ।

### କାଜୁଆଲ ଲୁକ୍

ଜିନ୍ସ, ଟି-ସାର୍ଟ ସହ ମିନି ଜେଲି କ୍ରସ୍‌ବଡି ବ୍ୟାଗ୍ ଖୁବ୍ ଭଲ ଲାଗିଥାଏ। ଏହା ସିମ୍ପୁଲ ଲୁକ୍‌ରେ ମଧ୍ୟ ଫେଶନବୁଲ୍ ଦିଶିଥାଏ। ସେହିପରି କୁର୍ତ୍ତୀ, ଟପ୍ ଏବଂ କାଜୁଆଲ୍ ଡ୍ରେସ୍ ସହ ରଙ୍ଗିନ୍ ଜେଲି ଟୋଟ୍ ବ୍ୟାଗ୍ ଟ୍ରାଏ କରିପାରିବେ।

### ୱିକେଣ୍ଡ

ସର୍ଟ ଡ୍ରେସ୍ ତଥା ଜମ୍ପସୁଟ୍ ସହ ଟ୍ରାନ୍ସପାରେଣ୍ଟ ସୋଲଡର୍ ବ୍ୟାଗ୍ ଭଲ ଷ୍ଟାଇଲିଶ୍ ବିକଳ୍ପ ହୋଇଥାଏ। ହାଲ୍‌କା ଏବଂ ରଙ୍ଗିନ ଲୁକ୍ ବର୍ଷାଦିନେ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ସିମ୍ପୁଲ ଆଉଟ୍‌ଫିଟ୍‌କୁ ଏହା ଖୁବ୍ ଆକର୍ଷଣୀୟ ଦିଶିଥାଏ।

### ପାର୍ଟି

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଗ୍ଲସି ଜେଲି ବ୍ୟାଗ୍ ଚୟନ କରନ୍ତୁ। ଏହାକୁ ମିନିମାଲ୍ ଜୁଏଲାରୀ ସହ ପେୟାର୍ କରିପାରିବେ। ସବୁଜ, ନୀଳ, ଗୋଲାପୀ ଆଦି ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍ ଉପଲବ୍ଧ।

# ଏସିଆ କପ୍ ମହିଳା କ୍ରିକେଟ ଶୁକ୍ରବାରରୁ

ଦୁବାଇ,୨୬।୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତା ଦୁବାଇରେ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଏବଂ ଗ୍ରୁପ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ଅଂଶଗ୍ରହଣ କରିବେ। ଗ୍ରୁପ୍‌ରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଥାଇଲାଣ୍ଡ ସହ ଅଗଷ୍ଟ ୩୦ରେ, ଦ୍ୱିତୀୟ ମ୍ୟାଚ୍ ହଂକଂ ସହ ସେପ୍ଟେମ୍ବର ୩ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ପାକିସ୍ତାନ ସହ ସେପ୍ଟେମ୍ବର ୫ରେ ଖେଳିବ। ସେପ୍ଟେମ୍ବର ୧୦ ଓ ୧୧ରେ ସେମିଫାଇନାଲ, ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ମହିଳା ଦଳଗୁଡ଼ିକ ଏସିଆନ ଗେମ୍ସରେ ଭାଗନେବାକୁ ଜାପାନ ଅଭିମୁଖେ ଯାତ୍ରା କରିବେ।

# ଡେବ୍ୟୁରେ ସାରାଂଶଙ୍କୁ ୩ ୱିକେଟ

କଲମ୍ବୋ,୨୬।୮ (ଏଜେନ୍ସି): ସିଂହଲୀଜ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଶ୍ରୀଲଙ୍କା ସହ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଡେବ୍ୟୁ କରିଥିଲେ ଭାରତର ସାରାଂଶ ଜୈନ। ଡେବ୍ୟୁ କରିବାରେ ଭାରତର ଦ୍ୱିତୀୟ ବୟୋଜ୍ୟେଷ୍ଠ କ୍ରିକେଟର ହୋଇଥିଲେ ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ବିଶେଷ ପ୍ରଭାବ ବିସ୍ତାର କରିପାରି ନ ଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସରେ ସୋନାଲ ଦିନୁଶା ଓ କେଶରା ନୁୱାନ୍ଥା ଲଢୁଆ ଖେଳିବା ପରେ ଦଳ ଫଲୋଅନ ଏଡାଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। ଭାରତ ମଧ୍ୟ ଆଶଙ୍କା ମଧ୍ୟରେ ରହିଥିଲା। କିନ୍ତୁ ଚତୁର୍ଥ ଦିନ ସକାଳେ ସବୁକିଛି ବଦଳି ଯାଇଥିଲା। ଆଜି ସକାଳେ ଅନୁଷ୍ଠିତ ଖେଳରେ ସାରାଂଶ ଭିନ୍ନ ଜଣେ ବୋଲର ଭାବେ ପ୍ରତିପାଦିତ ହୋଇଥିଲେ। ସେ ପ୍ରଥମେ ଲାହିରୁ କୁମାରା (୫୮ ବଲ୍‌ରେ ୧୨ରନ) ଓ ପରେ ସୋନାଲ ଦିନୁଶା (୧୬୨ ବଲ୍‌ରେ ୧୦୩ରନ୍)ଙ୍କୁ ଆଉଟ କରି ଶ୍ରୀଲଙ୍କାର ଇନିଂସ ଶେଷ କରିଥିଲେ। ଏହା ଫଳରେ ଶ୍ରୀଲଙ୍କାକୁ ଭାରତ ଫଲୋଅନ୍ ଦେଇଥିଲା। ଫଲୋଅନ୍ ପରେ ଶ୍ରୀଲଙ୍କାର କିଛି ବ୍ୟାଟର ଲଢୁଆ ଖେଳିଥିଲେ। ଏମାନଙ୍କ ମଧ୍ୟରୁ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିଥିବା ଅଭିଜ୍ଞ ନିରୋସନ ଡିକ୍‌ୱେଲାଙ୍କୁ ଆଉଟ କରି ସାରାଂଶ ଆଉ ଏକ ସଫଳତା ଦେଇଥିଲେ। ଏହି ଟେଷ୍ଟର ଚତୁର୍ଥ ଦିନରେ କୁମାରା, ଦିନୁଶା ଓ ଡିକ୍‌ୱେଲାଙ୍କୁ ଆଉଟ କରି ଭାରତ ଲାଗି ସାରାଂଶ ସଫଳ ହୋଇଥିଲେ।

## ପାସିନ୍ଦୁ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ଲଢୁଆ ବ୍ୟାଟିଂ

# ଶ୍ରୀଲଙ୍କା ଇନିଂସ ପରାଜୟ ଏଡ଼ାଇଲା

କଲମ୍ବୋ, ୨୫।୮ (ଏଜେନ୍ସି): ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ପାସିନ୍ଦୁ ସୁରିଆବାନ୍ଦରା (୯୨) ଓ ଉପଅଧିନାୟକ କାମିନ୍ଦୁ ମେଣ୍ଡିସ୍(୫୫)ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟରେ ଶ୍ରୀଲଙ୍କା ଇନିଂସ ପରାଜୟ ଏଡ଼ାଇବାରେ ସମର୍ଥ ହୋଇଛି। ଫଲୋଅନ ହୋଇଥିବା ଶ୍ରୀଲଙ୍କା ଚତୁର୍ଥ ଦିନ ଖେଳ ବର୍ଷା ଯୋଗୁ ବନ୍ଦ ରହିଲା ବେଳକୁ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ୍ କରିନେଇଛି। କିନ୍ତୁ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଶ୍ରୀଲଙ୍କା ନିକଟରେ ୪ଟି ଦ୍ୱିତୀୟ ଇନିଂସ ୱିକେଟ ବାକିଥାଇ ମାତ୍ର ୧୬ ରନ୍‌ରେ ଆଗୁଆ ରହିଛି। ଅନ୍ୟ ପକ୍ଷରେ ଆସନ୍ତାକାଲି ଏହି ୪ଜଣ ଖେଳାଳିଙ୍କୁ ଆଉଟ କରି ଭାରତ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ଷା କିମ୍ବା ଅନ୍ୟ କିଛି ପ୍ରାକୃତିକ ଦୁର୍ବିପାକ ନ ହେଲେ ଶ୍ରୀଲଙ୍କା ପରାଜୟ ଏଡ଼ାଇବା ସମ୍ଭବ ନୁହେଁ। ଏହି ମ୍ୟାଚ୍‌ରେ ଆଜି ସକାଳେ ଡେବ୍ୟୁଟାଣ୍ଟ ଅଫ୍ ସ୍ପିନର ସାରାଂଶ ଜୈନ ଗତକାଲିର ଦୁଇ ଅପରାଜିତ ବ୍ୟାଟର ଲାହିରୁ କୁମାରା (୧୨) ଓ ସୋନାଲ ଦିନୁଶା (୧୦୩)ଙ୍କୁ ଆଉଟ କରିବା ପରେ ଶ୍ରୀଲଙ୍କାର ପ୍ରଥମ ଇନିଂସ ୨୯୦ ରନ୍‌ରେ ଶେଷ ହୋଇଥିଲା। ଦିନୁଶା ଏହି ସିରିଜ୍‌ରେ ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଛନ୍ତି। ପୂର୍ବରୁ ଭାରତ ୯ ୱିକେଟରେ ୫୦୩ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜିତି ଭାରତ ୧-୦ରେ ଅଗ୍ରଣୀ ରହିଛି।

ଏହି ଟେଷ୍ଟର ଚତୁର୍ଥ ଦିନ ସକାଳେ ଶ୍ରୀଲଙ୍କାର ଅସମାପ୍ତ ପ୍ରଥମ ଇନିଂସ ୨୯୦ ରନ୍‌ରେ ଶେଷ ହୋଇଥିଲା। ଦଳ ୨୧୩ ରନ୍ ପଛରେ ରହିବାରୁ ଶ୍ରୀଲଙ୍କାକୁ ଫଲୋଅନ ଦେଇଥିଲା ଭାରତ। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବା ପରେ ପ୍ରଥମଥର ଟପ୍ ଅର୍ଡରର ବ୍ୟାଟର କିଛିଟା ଲଢୁଆ ଖେଳ ଦେଖାଇଥିଲେ। ଦଳ ୫ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ପ୍ରଥମ ଇନିଂସରେ ୮୦ ରନ୍ କରିଥିବା ପାସିନ୍ଦୁ ସୁରିଆବାନ୍ଦରା ଓ କାମିଲ ମିଶରା (୩୨) ଦ୍ୱିତୀୟ ୱିକେଟରେ ୫୮ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। ରବୀନ୍ଦ୍ର ଜାଡେଜା ଏହି ଯୋଡି ଭାଙ୍ଗିବା ପରେ ସୁରିଆବାନ୍ଦରା ଓ କାମିନ୍ଦୁ ମେଣ୍ଡିସ୍ ତୃତୀୟ ୱିକେଟରେ ଲଢୁଆ ବ୍ୟାଟିଂ କରି ଭାରତକୁ ନିରାଶ କରିଥିଲେ। ଏହି ଯୋଡି ୧୭୦ବଲ୍ ସାମ୍ନା କରି ୧୧୫ ରନ୍ ଉଠାଇବା ପରେ ପ୍ରସିଦ୍ଧ କ୍ରିଷ୍ଣା ଏମାନଙ୍କୁ ଅଲଗା କରିଦେଇଥିଲେ। ୯୨ବଲ୍‌ରେ ୨ ଚୌକା ଓ ୩ ଛକା ସହ ୫୫ ତଥା ଦଳୀୟ ସ୍କୋର ୧୭୮ ରନ୍ କରିଥିଲାବେଳେ ମେଣ୍ଡିସ୍‌ଙ୍କୁ ଆଉଟ କରିଥିଲେ ପ୍ରସିଦ୍ଧ। ଏହି ଯୋଡି ଭାଙ୍ଗିବା ଭାରତ ଲାଗି ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା। ମେଣ୍ଡିସ୍‌ଙ୍କ ଆଉଟ ପରେ ଶ୍ରୀଲଙ୍କା କ୍ରମାଗତ ୱିକେଟ ହରାଇଥିଲା। ଟି' ସୁଦ୍ଧା ୩ ୱିକେଟରେ ୧୯୯ ରନ୍ କରିଥିବା ଶ୍ରୀଲଙ୍କା ଟି' ପରେ ୩ଟି ୱିକେଟ ହରାଇ ଭାରତ ହାତରେ ଏକପ୍ରକାର ମ୍ୟାଚ୍‌ର ନିୟନ୍ତ୍ରଣକୁ ଟେକି ଦେଇଥିଲା। ଟି' ଏବଂ ଖେଳ ବନ୍ଦ ରହିଲା ମଧ୍ୟରେ ସୁରିଆବାନ୍ଦରା ସର୍ବାଧିକ ୯୨ (୧୭୩ବଲ୍, ୧୦ଚୌକା, ୧ଛକା), ଧନଞ୍ଜୟ ଡି ସିଲଭା (୨୩) ଓ ନିରୋସନ ଡିକ୍‌ୱେଲା (୬)ଙ୍କ ୱିକେଟ ହରାଇଥିଲା। ୨୧୮ ରନ୍‌ରେ ୬ଷ୍ଠ ୱିକେଟ ପତନ ପରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। କିନ୍ତୁ ଅବିଭକ୍ତ ୭ମ ୱିକେଟରେ ପ୍ରଥମ ଇନିଂସର ଶତକଧାରୀ ସୋନାଲ ଦିନୁଶା (୩୭ବଲ୍‌ରେ ୭ରନ୍) ଓ କେଶରା ନୁୱାନ୍ଥା (୨୯ବଲ୍‌ରେ ୩ରନ୍) ୫୦ଟି ବଲ୍ ଖେଳିବା ଏବଂ ବର୍ଷା ହେବା ଫଳରେ ଶ୍ରୀଲଙ୍କା ଅଧିକ ବିପର୍ଯ୍ୟୟରୁ ରକ୍ଷା ପାଇଥିଲା।

ଭାରତ ପକ୍ଷରୁ ମାନବ ସୁତାର ପୁଣିଥରେ ସର୍ବାଧିକ ୨ଟି ଏବଂ ଅନ୍ୟ ୪ଜଣ ବୋଲର ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ସାରାଂଶ ଜୈନ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।



### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ- ୧୧୫*, ଅସିଥା-୪/୧୦୬)।

ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୯୦, ଫଲୋଅନ୍ (ଦିନୁଶା-୧୦୩, ସୁରିଆବାନ୍ଦରା-୮୦, ପ୍ରସିଦ୍ଧ-୩/୫୨, ମାନବ-୩/୮୫, ସାରାଂଶ-୨/୬୯)।

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୨୯/୬, (ସୁରିଆବାନ୍ଦରା-୯୨, ମେଣ୍ଡିସ୍-୫୫, ମାନବ-୨/୮୧)।

ଦୁଲୀପ ଟ୍ରଫି କ୍ରିକେଟ

# ସେମିଫାଇନାଲରେ ଉତ୍ତରାଞ୍ଚଳ



ବେଙ୍ଗାଲୁରୁ,୨୬।୮ (ଏଜେନ୍ସି): ପଶ୍ଚିମାଞ୍ଚଳକୁ ୫୨ ରନ୍‌ରେ ପରାସ୍ତ କରି ଉତ୍ତରାଞ୍ଚଳ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମୁକାବିଲା ଅଗଷ୍ଟ ୩୦ରୁ ଆରମ୍ଭ ହେବ। ଏହି ଦିନ ଏଠାରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ପୂର୍ବାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳର ମୁକାବିଲା ହେବ। ଗତକାଲି ପୂର୍ବାଞ୍ଚଳ ଏକ ଇନିଂସ ଓ ୨୧୦ ରନ୍‌ରେ ଉତ୍ତର-ପୂର୍ବାଞ୍ଚଳକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୨'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ତୃତୀୟ ଦିନ ସୁଦ୍ଧା ମ୍ୟାଚ୍ ଜିତିବାକୁ ବ୍ୟାଟିଂ କରୁଥିବା ପଶ୍ଚିମାଞ୍ଚଳକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୬୭ ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ଅପରାଜିତ ଥିବା ଉର୍ଭିଲ ପଟେଲଙ୍କ ସହ ବ୍ୟାଟିଂ ଜାଣିଥିବା ମୁମ୍ବଇର ୩ ଖେଳାଳି ତନୁସ କୋଟିଆନ୍, ଶାର୍ଦ୍ଦୁଳ ଠାକୁର ଓ ତୁଷାର ଦେଶପାଣ୍ଡେ ଖେଳିବାର ଥିଲା। ଫଳରେ ପଶ୍ଚିମାଞ୍ଚଳ ଏହି ଲକ୍ଷ୍ୟ ହାସଲ କରିନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଚତୁର୍ଥ ଦିନ ସକାଳେ ଜମ୍ମୁ-କଶ୍ମୀର ଫାଷ୍ଟ ବୋଲର ଆବିଦ ମୁସ୍ତାକ ଅଲରାଉଣ୍ଡର କୋଟିଆନଙ୍କୁ ଶୂନରେ ଓ ତୁଷାର ଦେଶପାଣ୍ଡେଙ୍କୁ ୫ ରନ୍‌ରେ ଆଉଟ କରିଥିଲେ। ଆହତ ଥିବା ଶାର୍ଦ୍ଦୁଳ ଠାକୁର ବ୍ୟାଟିଂ କରିବାକୁ ବାଧ୍ୟ ହୋଇଥିଲେ। ସେ କୌଣସି ବଲ୍‌ର ସମ୍ମୁଖୀନ ହେବା ପୂର୍ବରୁ ଅନ୍ୟପଟେ ଅପରାଜିତ ଥିବା ଉର୍ଭିଲ ପଟେଲ (୨୫)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଉତ୍ତରାଞ୍ଚଳ ଇନିଂସକୁ ୨୩୪ ରନ୍‌ରେ ଶେଷ କରିଥିଲେ। ଫଳରେ ଉତ୍ତରାଞ୍ଚଳ ଏହି ମ୍ୟାଚ୍‌କୁ ୫୨ ରନ୍‌ରେ ଜିତିନେଇଥିଲା। ପ୍ରଥମ ଇନିଂସରେ ୫ଟି ଓ ଦ୍ୱିତୀୟ ଇନିଂସରେ ୪ଟି ୱିକେଟ ନେଇଥିବା ମୁସ୍ତାକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଉତ୍ତରାଞ୍ଚଳ: ୨୫୧ ଓ ୨୨୨। ବନାମ ପଶ୍ଚିମାଞ୍ଚଳ: ୧୮୭ ଓ ୨୩୪। ପ୍ଲେୟର ଅଫ୍ ଦି ମ୍ୟାଚ୍- ଆବିଦ ମୁସ୍ତାକ (ଉତ୍ତରାଞ୍ଚଳ)।

୧୯ ବର୍ଷରୁ କମ୍ ଜାତୀୟ ଆମନ୍ତ୍ରଣୀୟ କ୍ରିକେଟ

# ଛତିଶଗଡ଼କୁ ହରାଇ ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୨୬।୮ (ସମିସ): ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ଆମନ୍ତ୍ରଣୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚାମ୍ପିଅନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଦଳ ୭ ୱିକେଟରେ ଛତିଶଗଡ଼କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ଼ ୫୦ ଓଭରରେ ୯ ୱିକେଟ ହରାଇ ୨୧୭ ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ବର୍ମା ସର୍ବାଧିକ ୫୮ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନକିବ ସର୍ବର, ରୁଦ୍ର ମଲ୍ଲିକ ଓ ଅଭିନୀତ ପଟ୍ଟନାୟକ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଶୁଭମ ପଲାଇଙ୍କ ଶତକ ବଳରେ ଓଡ଼ିଶା ୩୬ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଶୁଭମ ୯୪ ବଲରେ ୧୦୯ ରନ କରିଥିଲେ। ସେହିଭଳି ଆଦିତ୍ୟ ଆନନ୍ଦ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବରେ ଗୋଆ ଅଂଶଗ୍ରହଣ କରିଥିଲା। ଛତିଶଗଡ଼ ଓ ଗୋଆ ସହିତ ଓଡ଼ିଶା ପ୍ରଥମେ ଦୁଇଟି ଲେଖାଏ ମ୍ୟାଚ୍ ଖେଳି ୩ଟି ବିଜୟୀ ହୋଇ ଫାଇନାଲକୁ ଉଠିଥିଲା। ଓଡ଼ିଶା ଜୁନିଅର ଦଳ ଏବେ ଆନ୍ଧ୍ରପ୍ରଦେଶ ଗସ୍ତ କରି ସେଠାରେ ଆମନ୍ତ୍ରଣୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

■ ୟୁଏସ୍ ଓପନ୍; ମିକ୍ସଡ ଡବଲ୍ସରେ କିମ୍ବଦନ୍ତୀଙ୍କୁ ନିରାଶ

# ଆଲ୍‌କାରାଜ-ୱିଲିୟମ୍ସ, ଜୋକୋଭିଚ୍-ସାବାଲେଙ୍କା ପରାସ୍ତ

ନ୍ୟୁୟର୍କ, ୨୬।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ମିକ୍ସଡ ଡବଲ୍ସରେ କିମ୍ବଦନ୍ତୀ ଖେଳାଳିଙ୍କୁ ନିରାଶ ହେବାକୁ ପଡ଼ିଛି। କାର୍ଲୋସ ଆଲ୍‌କାରାଜ ଓ ସେରେନା ୱିଲିୟମ୍ସ ଯୋଡ଼ି କ୍ୱାର୍ଟର ଫାଇନାଲରେ ହାରିଯାଇଛନ୍ତି। ବେଲିଣ୍ଡା ବେନସିକ ଓ ଫ୍ଲାଭିଓ କୋବୋଲି ଯୋଡ଼ି ୫-୪ (୭/୪), ୪-୧ ସେଟରେ ଆଲ୍‌କାରାଜ-ସେରେନା ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେରେନା (୨୩ଟି) ଓ ଆଲ୍‌କାରାଜ (୭) ମିଳିତ ଭାବେ ୩୦ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ ମଧ୍ୟ ବେନସିକ-କୋବୋଲି ଯୋଡ଼ିଙ୍କ ଆଗରେ ହାର୍ ମାନିଥିଲେ। ୪୪ ବର୍ଷୀୟା ସେରେନା ଏଠାରେ ୧୯୯୮ରେ ମାକ୍ସ ମିର୍ନୟିଙ୍କ ସହ ଯୋଡ଼ି ହୋଇ ମିକ୍ସଡ ଡବଲ୍ସ ଟାଇଟଲ୍ ଜିତିଥିଲେ। ଆଉ ଏକ ଚର୍ଚ୍ଚିତ ମିକ୍ସଡ ଡବଲ୍ସ ଯୋଡ଼ି ନୋଭାକ ଜୋକୋଭିଚ ଓ ଆରିନା ସାବାଲେଙ୍କା ପ୍ରି-କ୍ୱାର୍ଟରରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଟପ୍ ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍-ସାବାଲେଙ୍କା ଯୋଡ଼ି ୪-୧, ୨-୪, ୨-୧୦ ସେଟରେ ବିଜୟୀ ହୋଇଥିଲେ।

# ବିସି ରୟ ଟ୍ରଫି: ଓଡ଼ିଶା-ଗୋଆ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୬।୮ (ସମିସ): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଆନୁକୂଲ୍ୟରେ ବେଙ୍ଗାଲୁରୁରେ ଚାଲିଥିବା ବିସି ରୟ ଟ୍ରଫିରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଡ୍ର ରଖିଛି। ବୁଧବାର ଓଡ଼ିଶା ଓ ଗୋଆ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ଥିଆମ ଫାମୋସ ଦୁଇଟି ଯାକ ଗୋଲ୍ ଦେଇଥିଲେ। ସେ ମ୍ୟାଚର ପ୍ରଥମାର୍ଦ୍ଧ (୩୧ତମ ଓ ୪୪ତମ) ମିନିଟରେ ଏହି ଦୁଇଟି ସ୍କୋର କରିଥିଲେ। ତେବେ ପଛୁଆ ଥିଲେ ମଧ୍ୟ ପିୟୂଷ ପ୍ରତାପ ସାୱନ୍ତଙ୍କ ଡବଲ୍ ଗୋଲ୍ ବଳରେ ଗୋଆ ମ୍ୟାଚକୁ ଡ୍ର ରଖିବାରେ ସମର୍ଥ ହୋଇଥିଲା। ପିୟୂଷ ୧୧ତମ ଓ ୬୧ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଡ୍ର ରହିବା ଫଳରେ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି।

# ୫ମ ସ୍ଥାନ ଲାଗି ଭାରତ-ଜର୍ମାନୀ ମୁକାବିଲା ଆଜି

ଏଫ୍ଆଇଏଚ୍ ହକି ବିଶ୍ୱକପ୍

ଆମଷ୍ଟଲଭିନ୍,୨୬।୮ (ଏଜେନ୍ସି): ନିଜଠାରୁ ଅଧିକ ମାନ୍ୟତାପ୍ରାପ୍ତ ଟିମ୍ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସହ ମ୍ୟାଚ୍ ଡ୍ର ରଖି ଭାରତୀୟ ମହିଳା ଦଳ ଏଫ୍ଆଇଏଚ୍ ହକି ବିଶ୍ୱକପ୍‌ରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଏହି ସବୁ ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଗୋଲ ଦେବାର ଅସାମର୍ଥ୍ୟତା ଯୋଗୁଁ ମ୍ୟାଚ୍ ଜିତିପାରି ନ ଥିଲା। ଏଭଳି ସ୍ଥିତିରେ ଆସନ୍ତାକାଲି ୫ମ ସ୍ଥାନ ମୁକାବିଲା ଲାଗି ଜର୍ମାନୀ ସହ ଖେଳିବ ଭାରତ। ଏହି ମ୍ୟାଚ୍ ଜିତିଲେ ଭାରତ ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରିବ। ଭାରତୀୟ ମହିଳା ଦଳ ୧୯୭୪ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏହା ପରେ ଦଳ ଏହି ସଫଳତା ଦୋହରାଇପାରି ନାହିଁ। ଏଣୁ ଏଠାରେ ଦଳ ୫ମ ହେଉ କିମ୍ବା ଷଷ୍ଠ ୧୯୭୪ ପ୍ରଦର୍ଶନ ପରେ ଶ୍ରେଷ୍ଠ ସଫଳତା ହେବ।

● ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ

# ରାମଙ୍କ ନେତୃତ୍ୱରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୨୬।୮ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଆଇବିଏଫ୍ଏଫ୍ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିଲାଗି ୧୦ଜଣିଆ ଓଡ଼ିଶା ଦଳ ବୁଧବାର ଗ୍ୱାଲିୟର ଅଭିମୁଖେ ଯାତ୍ରା କରିଛି। ଦିବ୍ୟାଙ୍ଗ କ୍ରୀଡ଼ା ଏବଂ ଖେଳାଳିମାନଙ୍କର ବିକାଶ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ 'ବ୍ଲୁ-ଆଇ' ପକ୍ଷରୁ ଏହି ଜାତୀୟ ପ୍ରତିଯୋଗିତା ଲାଗି ଅଗଷ୍ଟ ୧୬ରୁ ୨୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୨୦ଜଣ ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଅଂଶଗ୍ରହଣ କରିଥିଲେ। ଶିବିର ପରେ ୧୦ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ମୋଟ ୧୦ଟି ରାଜ୍ୟର ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସମାଜସେବୀ ସନ୍ତୋଷୀ ଜୈନ, ମଞ୍ଜୁ ଅଗ୍ରୱାଲ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଘୋଷିତ ଓଡ଼ିଶା ଦଳ: ରାମଦାସ ମୁର୍ମୁ (ଅଧିନାୟକ), ମାଙ୍ଗାତ ହେମ୍ବ୍ରମ, ପଙ୍କଜ ଭୂଏ, ଲାଲପ୍ରସାଦ ସୋରେନ, ବାଲିଆ କିସ୍କୁ, ଅଙ୍କୁଶ ସାହୁ, ଗୋପାଳ ସିଂ, ବିଜୟ ମାରାଣ୍ଡି, ମାଥିଉ ମାରାଣ୍ଡି (ଗୋଲରକ୍ଷକ) ଓ ଆକାଶ ପଡିଆମୀ।

# ଲୋମା, ଗୋପାଳ ଓ ପ୍ରଣତି ପାଇବେ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ







ଭୁବନେଶ୍ୱର,୨୬।୮ (ସମିସ): ମୁକ ଓ ବଧୀର ଅଲିମ୍ପିକ୍ସ ପଦକ ବିଜେତା ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କୁ ଚଳିତବର୍ଷର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ଲାଗି ଉଭୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଗଷ୍ଟ ୨୯ ତାରିଖ ଦିନ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଲୋକସେବା ଭବନରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଏମାନଙ୍କ ସହ ଆଉ ୬ଟି କ୍ରୀଡ଼ା ଶୃଙ୍ଖଳାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯିବ। ଏହା ମଧ୍ୟରୁ ଓଡ଼ିଶାର କ୍ରୀଡ଼ାକୁ ଆଜୀବନ ଅବଦାନ ନିମନ୍ତେ ଏସିଆନ ଗେମ୍ସ ପଦକ ବିଜେତା ପ୍ରଣତି ମିଶ୍ର, କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ନିମନ୍ତେ ସମଲେଶ୍ୱରୀ ସ୍ପୋର୍ଟିଂକୁ, ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭାବେ ସୁଚିତ୍ରା ପରିଡ଼ାଙ୍କୁ, ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ୍‌ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗଙ୍କୁ ମିଳିତଭାବେ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ପ୍ରବୋଧ କୁମାର ମହାନ୍ତିଙ୍କୁ ଏବଂ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ଅବଦାନ ନିମନ୍ତେ ଶକ୍ତି ପ୍ରସାଦ ନନ୍ଦଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଲାଗି ମନୋନୀତ କରାଯାଇଛି।

କ୍ରୀଡ଼ା ବିଭାଗର କମିଶନସ ଓ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ଉପରୋକ୍ତ ବ୍ୟକ୍ତିବିଶେଷ ଓ ସଂଗଠନକୁ ଚୟନ କରିଛନ୍ତି। ଚୟନ କମିଟିର ଅନ୍ୟ ସଦସ୍ୟମାନେ ହେଲେ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅର୍ଜୁନ ପୁରସ୍କାର ବିଜେତା ମିନତି ମହାପାତ୍ର, କ୍ରୀଡ଼ା ପ୍ରଶାସକ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍ ଓ ଗତବର୍ଷ କ୍ରୀଡ଼ା ସାମ୍ବାଦିକ ପୁରସ୍କାର ପାଇଥିବା ବିମଳ ରାଉଳ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ ଏହି ଚୟନ କମିଟିର ସଦସ୍ୟ ସଚିବ ଓ ସଂଯୋଜକ ରହିଥିଲେ। ଆଜୀବନ ଅବଦାନ ପୁରସ୍କାର ପାଇଥିବା କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ଟଙ୍କା, ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଥିବା କ୍ରୀଡ଼ାବିତ୍‌ଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହା ସହ ସମସ୍ତଙ୍କୁ ସ୍ମୃତିଫଳକ ପ୍ରଦାନ କରାଯିବ।

## ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

# ସୁବ୍ରତ, ଅମିୟଙ୍କ ବିଜୟ ଅଭିଯାନ

ଭୁବନେଶ୍ୱର,୨୬।୮ (ସମିସ): ଦୁଇ ସିଡେଡ ଖେଳାଳି ସୁବ୍ରତ ଦାସ ଓ ଅମିୟ ନାୟକ ଏଠାରେ ଚାଲିଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁବଅତ ୩-୧ରେ ଅମନ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ସିନିଅର ଖେଳାଳି ଅମିୟ ନାୟକ ୩-୦ରେ ଶିବା ସେଠୀଙ୍କୁ ପରାସ୍ତ କରିଛନ୍ତି। ଆଜି କିନ୍ତୁ ଚମତ୍କାର ଖେଳିଛନ୍ତି ରାଞ୍ଚିର ଶୁଭମ ଗୁପ୍ତା। ସେ ୩-୦ରେ ଚିରଞ୍ଜୀବ ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ୱାଙ୍ଗ୍‌ଚୁକ୍ ଭୁଟିଆ ଆଜି ଡବଲ ବିଜୟ ହାସଲ କରିଛନ୍ତି। ସେ ପ୍ରଥମେ ୩-୦ରେ ଜ୍ଞାନ ଦାସ୍‌ଙ୍କୁ ଏବଂ ସତ୍ୟଜିତ ରାଣାଙ୍କୁ ମଧ୍ୟ ୩-୦ରେ ପରାସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡରେ ସୁଶାନ୍ତ ସିହ୍ନା ୩-୦ରେ ଗୌରବ ପଟେଲଙ୍କୁ, ଆକ୍ରାମ ଖାନ୍ ୩-୨ରେ ଜଗଦୀଶ ମହାନ୍ତି, ମିଶାଲ ସ୍ୱାଇଁ ୩-୦ରେ ଅସିତ ଚୌଧୁରୀଙ୍କୁ ୩-୦ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବରିଷ୍ଠ ଖେଳାଳି ସିଦ୍ଧାର୍ଥ ସେନ୍, ଜଗଦୀଶ ମହାନ୍ତି, ଅସିତ ଚୌଧୁରୀ ପ୍ରଥମ ରାଉଣ୍ଡର ପ୍ରତିବନ୍ଧକ ଅତିକ୍ରମ କରିଥିଲେ। ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଥିଲାବେଳେ ଅଗଷ୍ଟ ୨୯ରେ ଉଦ୍‌ଯାପିତ ହେବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS